# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୮/୨୦୨୧ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 28/2021 | ★★★★★★

୪୭ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





## ଏଥର ଘରେ ପାଳିବି ହୋଲି



ହୋଲିରେ ମାଲକାନଗିରି ଯିବାର ଯୋଜନା ଥିଲା। ମାତ୍ର କରୋନା ପାଇଁ ବାହାରକୁ ଯାଇ ହେବନାହିଁ। ତେଣୁ ଘରେ ରହି ପରିବାର ସହ ହୋଲି ପାଳିବି। ପରମ୍ପରା ପାଳନ ପାଇଁ ପରସ୍ପରକୁ ଅବିର ଲଗାଇବୁ। ତେବେ ରଙ୍ଗକୁ ବାଦ୍‌ଦେଲେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ତିଆରି କରି ଖାଇ ପିଇ ଏଥର ହୋଲି ପାଳନ କରିବୁ। ପରିବାର ସହିତ ସମୟ ବିତାଇବା ହିଁ ମୋର ହୋଲି ସ୍ପେଶାଲ।

– ପୁପିନ୍ଦର ସିଂ, ଅଭିନେତା

## ହୋଲି ମୋ ପାଇଁ ଫୁଡ୍ ଡେ'



ମୋତେ ରଙ୍ଗ ଖେଳିବାକୁ ଭଲ ଲାଗେନି। ପୁଣି ଏ କରୋନା ସମୟରେ ତ ବିଲକୁଲ୍ ଖେଳିବାର ନାହିଁ। ହୋଲି ହେଉଛି ମୋ ପାଇଁ ଫୁଡ୍ ଡେ'। ସବୁବର୍ଷ ପରି ମୋ ସାଙ୍ଗମାନଙ୍କ ଘରକୁ ଖାଇବାକୁ ଯିବି। ଦହିବରା, ମିଠା, ମ୍ୟାଙ୍ଗୋସେକ୍ ସହ ବିଭିନ୍ନ ସୁଆଦିଆ ଖାଦ୍ୟ ଖାଇବା ସହ ସାଙ୍ଗମାନଙ୍କ ସହ ଇନ୍‌ଡୋର ଗେମ୍ ଖେଳି ହୋଲି ସେଲିବ୍ରେଟ କରିବି।

– ଅନୁଭା ଶୌର୍ଯ୍ୟା, ଅଭିନେତ୍ରୀ

## ପରିବାର ସହ ମଜାରେ ବିତିବ



ହୋଲି ପାଇଁ ସମସ୍ତଙ୍କୁ ମୋ ତରଫରୁ ଶୁଭେଚ୍ଛା। ରାସାୟନିକ ରଙ୍ଗରେ ହୋଲି ନ ଖେଳି ଅବିରରେ ଖେଳିବା ପାଇଁ ଅନୁରୋଧ କରିବି। ଏଥର ହୋଲିରେ ମୋର ସେମିତି କିଛି ଖାସ୍ ଯୋଜନା ନାହିଁ। ସୋମବାର ହୋଲି ପଡୁଥିବାରୁ ଖାଇବାରେ କିଛି ସ୍ପେଶାଲ ଆଇଟମ୍ ପ୍ରସ୍ତୁତ ହେବ। ପରିବାରର ସମସ୍ତେ ସକାଳେ ଅବିରରେ ରଙ୍ଗ ଖେଳିବୁ ଓ ଖାଇପିଇ ମଉଜମସ୍ତି କରିବୁ।

– ବିଷ୍ଣୁମୋହନ କବି, କଣ୍ଠଶିଳ୍ପୀ

## ଦୂରରେ ଥାଇ ବି ରଙ୍ଗ ଖେଳିବି



ମୁଁ ଭର୍ଚୁଆଲି ସମସ୍ତଙ୍କଠାରେ ରଙ୍ଗମାରି ହୋଲି ପାଳନ କରିବି। ସରକାରୀ ନିୟମ ମାନି ସମସ୍ତେ ନିଜ ନିଜ ଘରେ ରହି ଡିଜିଟାଲ ହୋଲି ସେଲିବ୍ରେଶନ କରନ୍ତୁ। ହୋଲିର ଅର୍ଥ ନୁହେଁ ନିଜେ ଯାଇ କାହା ଦେହରେ ରଙ୍ଗ ବୋଳିବା। ଭଲ ପାଇବାର ରଙ୍ଗରେ ଦୂରରେ ଥାଇ ବି ଆମେ ପରସ୍ପରକୁ ରଙ୍ଗ ମାଖିପାରିବା। ଅବିର ଅପେକ୍ଷା ଭଲ ପାଇବାର ରଙ୍ଗ ଚିରକାଳ ରହେ ବୋଲି କରୋନା ଆମକୁ ଶିଖାଇଦେଇଛି।

– ଇଂ. ଶ୍ରୀନିବାସ ଘଟୁଆରୀ, ଓଡ଼ିଶୀ ନୃତ୍ୟଶିଳ୍ପୀ

# ହୋରି ରଙ୍ଗେ ବିହରୀ...

ଓଡ଼ିଆ ଜନଜୀବନରେ ବସନ୍ତ ଋତୁରେ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳ ଉତ୍ସବ ଓ ହୋଲି ପ୍ରତିଟି ଓଡ଼ିଆ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଗୀତ ଗୋବିନ୍ଦରେ ଉଲ୍ଲେଖ ରହିଛି– 'ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ'। ଲଳିତା ଲବଙ୍ଗ ଲତାକୁ ଛୁଇଁ ବହି ଆସୁଥିବା ମଳୟ ସମୀରଣର ତାନେ ତାନେ ଜୀବରୂପିଣୀ ଗୋପୀମାନେ ପରମାତ୍ମା ଶ୍ରୀକୃଷ୍ଣଙ୍କ ସାନ୍ନିଧ ଲାଭକରି, ବୃନ୍ଦାବନରେ ଯେଉଁ ରାସଲୀଳା ଆରମ୍ଭ କରିଥିଲେ, ତାହା ହେଉଛି– ଦୋଳଯାତ୍ରା ବା ହୋଲି ପର୍ବର ମୂଳ ଉତ୍ସ। ଜନ ସମାଜର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସମସ୍ତ ସାଂସାରିକ ବାସ୍ନାରୁ ମୁକ୍ତ ହୋଇ, ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେ ସଙ୍ଗେ ରଙ୍ଗ ପିଚକାରି ଖେଳ ଆରମ୍ଭ କରିଥାନ୍ତି। ପ୍ରେମାନୁରାଗ ଭକ୍ତିର ଚରମ ସୋପାନରେ ଆସୀନା ଗୋପୀଗଣ ଶ୍ରୀକୃଷ୍ଣଙ୍କ ନବନୀରଦ ଶ୍ୟାମ ଶରୀରରେ ଅବିର, ଅଗୁରରୁ ଚନ୍ଦନ ବୋଳି ମିଳନର ଆକୁଳତା ପ୍ରକାଶ କରନ୍ତି। ଭକ୍ତଗଣଙ୍କ କାନ୍ତଭାବାଶ୍ରିତ ଭକ୍ତିରେ ପ୍ରୀତ ପରମେଶ୍ୱର ଶ୍ରୀକୃଷ୍ଣ; ସେମାନଙ୍କ ସହିତ ପଦାତ୍ମ୍ୟଭାବ ପ୍ରକାଶ କରି ଏକାକାର ହୋଇ ଯାଆନ୍ତି। ଏହା ହିଁ ହେଉଛି ହୋଲି ଖେଳର ଆତ୍ମିକ ଅଭିବ୍ୟକ୍ତି। ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି– ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ରକରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତା'ର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ରକରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ଆଶଙ୍କା ନ ଥାଏ।



ପବିତ୍ର ହୋଲି ଉତ୍ସବ ଓଡ଼ିଶାରେ ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରୁ ଆରମ୍ଭ ହୋଇଥାଏ। ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର 'ଚାଚେରୀ ବେଶ' ଅନୁଷ୍ଠିତ ହୋଇଥାଏ। ଦୋଳ ଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବିଜେ କରନ୍ତି। ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର ରାଜବେଶ ଅନୁଷ୍ଠିତ ହୋଇଛି। ଦୋଳ ଉତ୍ସବ ସମ୍ବନ୍ଧରେ ଅନେକ ଶାସ୍ତ୍ରୀୟ ମତ ରହିଛି। ସେଥିମଧ୍ୟରେ ପଦ୍ମ ପୁରାଣର ପାତାଳଖଣ୍ଡରେ ଉଲ୍ଲେଖ ରହିଛି– ''ବିଶେଷତଃ କଳିଯୁଗେ, ଦୋଳୋତ୍ସବ ବିଧୀୟତେ। ଫାଲଗୁନେ ଚ ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମସଂଜ୍ଞକେ॥ ଅଥବା ପୌର୍ଣ୍ଣମାସ୍ୟାଂ ତୁ ପ୍ରତିପତ୍ ସନ୍ଧିମିଶ୍ରିତୌ। ପୂଜୟେଦ୍ ବିଧିବଦ୍ ଭକ୍ତ୍ୟା ଫଲଗୁଚୂର୍ଣ୍ଣେ ଶ୍ଚତୁର୍ବିଧୈଃ॥'' ସ୍କନ୍ଦ ପୁରାଣର ବର୍ଣ୍ଣନାନୁଯାୟୀ ଶ୍ରୀଜଗନ୍ନାଥଙ୍କ ଦୋଳଉତ୍ସବ ଦୋଳମଣ୍ଡପରେ ଅନୁଷ୍ଠିତ ହୋଇଥାଏ। ସେହିପରି ଗରୁଡ଼ ପୁରାଣ ଅନୁସାରେ, ହୋଲି ଉତ୍ସବ ଏକମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଦୋଳପୂର୍ଣ୍ଣିମାରେ ଶେଷ ହୁଏ। ଏହି ଉତ୍ସବରେ ଶ୍ରୀଜଗନ୍ନାଥଙ୍କୁ ଦୋଳ ବେଶରେ ସଜ୍ଜିତ କରାଇ ଗୋପୀମାନେ ତାଙ୍କ ଉପରେ ନାନା ପ୍ରକାର ସୁଗନ୍ଧିତ ଚୂର୍ଣ୍ଣ ବର୍ଷଣ କରନ୍ତି।

**ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଦୋଳଯାତ୍ରା ବା ହୋଲି ଆରମ୍ଭ ହେଉଥିଲେ ହେଁ ଦୋଳପୂର୍ଣ୍ଣିମା ଦିନ ମେଲଣ ସମାପ୍ତ ହୋଇଥାଏ।**



ଓଡ଼ିଆ ଜନଜୀବନରେ ହୋଲିର ସ୍ଥାନ ସ୍ୱତନ୍ତ୍ର। ଏହି ଦିନ ବନ୍ଧୁ ବନ୍ଧୁ, ଭାଇ ଭାଇ ଏପରି କି ସବୁକ୍ଷେତ୍ରରେ ସମସ୍ତେ ହୋଲିର ରଙ୍ଗ ଭିତରେ ନିଜ ଜୀବନକୁ ରଙ୍ଗାୟିତ କରିବା ପାଇଁ ଚେଷ୍ଟିତ ହୋଇଥାନ୍ତି। ଶ୍ରୀଚୈତନ୍ୟଦେବଙ୍କ ଜନ୍ମ ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ମତାବଲମ୍ବୀ ଭକ୍ତଗଣ ଏହି ଦିନଟିକୁ ମହୋତ୍ସବ ରୂପେ ପାଳନ କରିଥାନ୍ତି। ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ପରେ ଓଡ଼ିଶାରେ ଶ୍ରୀରାଧାକୃଷ୍ଣ ପୂଜା ଉତ୍ସବ ପାଳନ ଲୋକପ୍ରିୟ ହୋଇଥିଲା। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଦୋଳଯାତ୍ରା ବା ହୋଲି ଆରମ୍ଭ ହେଉଥିଲେ ହେଁ ଦୋଳପୂର୍ଣ୍ଣିମା ଦିନ ମେଲଣ ସମାପ୍ତ ହୋଇଥାଏ। ଉତ୍କଳୀୟ କବିମାନେ ବିଭିନ୍ନ ସମୟରେ ହୋଲି ଗୀତ ରଚନା କରିଛନ୍ତି। ବୈଷ୍ଣବ କବି ଗୋପାଳକୃଷ୍ଣଙ୍କ ମନୋମୁଗ୍ଧକର ହୋଲି ଗୀତଟି ହେଉଛି – 'ହୋରି ରଙ୍ଗେ ବିହରୀ, ହରି ସଙ୍ଗେ କିଶୋରୀ'। ଦୋଳପୂର୍ଣ୍ଣିମା ପରେ ଅନେକ ସ୍ଥାନରେ ମେଲଣ ମହୋତ୍ସବ ପାଳିତ ହୁଏ, ଏହାକୁ ଦଶ ଦୋଳ କୁହାଯାଏ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ। ପବିତ୍ର ହୋଲି ସମସ୍ତଙ୍କ ଭିତରେ ସେବା ଠାରୁ ସ୍ନେହଶ୍ରଦ୍ଧା ଓ ଭଲ ପାଇବାଠାରୁ ସମାଜ ସେବାରେ ନିଜକୁ ବ୍ରତୀ ରଖିଲେ ହୋଲିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପ୍ରେରଣାପ୍ରଦାୟକ ହୋଇପାରିବ।

**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**
– ହେପାଟୋଲୋଜି ବିଭାଗ,
ଏସ୍‌ସିବି ମେଡିକାଲ କଲେଜ, କଟକ,
ମୋ:୯୪୩୭୦୫୧୯୫୭






# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୮/୨୦୨୧ | Bhubaneswar, Sunday, March 28/2021




**ବେଷ୍ଟ ଥ୍ରୀ ପୁରସ୍କାର ଦୌଡ଼ରେ ଛେତ୍ରୀ**

ଏଏଫ୍‌ସି କପ୍ ଅଲ୍ ଟାଇମ୍ ବେଷ୍ଟ ଥ୍ରୀ ପୁରସ୍କାର ଦୌଡ଼ରେ ଭାରତୀୟ ଫୁଟ୍‌ବଲ ଅଧିନାୟକ ସୁନୀଲ ଛେତ୍ରୀ ରହିଛନ୍ତି।

୧୬

୧୪

**ହୋଲି ଲୁକ୍‌ରେ ନେହା**

ବଲିଉଡ ଗାୟିକା ନେହା କକ୍କରଙ୍କ ହୋଲି ଲୁକ ଏବେ ବେଶ୍ ଭାଇରାଲ ହେଉଛି। ପ୍ରଶଂସକମାନେ ବି ବେଶ୍ ପସନ୍ଦ କରୁଛନ୍ତି।



DADLS-82



## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

ଆସନ୍ତୁ, ସରକାରଙ୍କ କୋଭିଡ଼ ମାର୍ଗଦର୍ଶିକା ଅନୁଯାୟୀ ଦାୟିତ୍ୱସଂପନ୍ନ ଭାବରେ ହୋଲି ପର୍ବ ପାଳନ କରିବା ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0134/2021

DADLS-82



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ପର୍ବ ହୋଲି ଅବସରରେ ଓଡ଼ିଶାବାସୀ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ହୋଲି ଉତ୍ସବକୁ ନିରାପଦ ଭାବରେ ପାଳନ କରିବା ପାଇଁ ସମସ୍ତେ ଯତ୍ନବାନ ହେବେ ବୋଲି ଆଶା କରୁଛି ।

ଏହି ପବିତ୍ର ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ କୋଭିଡ ନିୟମାବଳୀ କଡାକଡି ଭାବରେ ପାଳନ କରନ୍ତୁ । 'ଘରେ ରୁହନ୍ତୁ', ନିଜକୁ, ନିଜ ପରିବାରକୁ ଏବଂ ବନ୍ଧୁ ପରିଜନଙ୍କୁ ସୁରକ୍ଷିତ ରଖନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0134/2021

DADLS-82



## ହୋଲି ପର୍ବ ଅବସରରେ ବାର୍ତ୍ତା

ରଙ୍ଗ ଓ ଆନନ୍ଦର ପର୍ବ ହୋଲି । ପାରସ୍ପରିକ ସଦ୍‌ଭାବ, ସଂପ୍ରୀତି ଓ ଭାଇଚାରାର ଅନନ୍ୟ ସନ୍ଦେଶ ବହନ କରୁଥିବା ଏହି ପର୍ବ ଉପଲକ୍ଷେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ପବିତ୍ର ହୋଲି ପର୍ବ କରୋନା କଟକଣା ଅନୁପାଳନ ପୂର୍ବକ ପାଳନ କରିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0134/2021




**ଆଜିର ମନ୍ତବ୍ୟ**

"ଭାଜପା ବିନା ସିଦ୍ଧାନ୍ତରେ ରାଜନୀତି କରୁଛି। ପଶ୍ଚିମବଙ୍ଗରେ କ୍ଷମତା ଦଖଲ ପାଇଁ ବିପୁଳ ଅର୍ଥ ବାଣ୍ଟୁଛି।
-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସିଦ୍ଧାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଦାରୀ ପାଖରେ ଚତୁରୀ ଥାଏ**
**ପୂନେଇଁ କୋଉଦିନ ପଚାରୁଥାଏ।**

ଚତୁର ବା ସିଆଣିଆ ଲୋକ ନିଜ ହିସାବରେ ଠିକ୍ ଥାନ୍ତି। ପୂର୍ଣ୍ଣମୀ ଦିନ ଭଲ ଖାଇବା ପ୍ରସ୍ତୁତ ହୁଏ। ଫଳସ୍ୱରୂପ ଖାଦ୍ୟଲୋଭୀ ବ୍ୟକ୍ତିର ଆଖି ସେଇଠି ସବୁବେଳେ ଲାଖିରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଠୁ ଲୋ ମା' ପଥି କରିବୁ**
**ଶିଳପୁଆ ପରି ଗୁଣ୍ଡା ବଳିବୁ।**

ଅକର୍ମା ତଥା ଅଳସୁଆ ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏପରିକି କିଛି କାମ କରିବାକୁ କହିଲେ ସେଥିରୁ ବର୍ତ୍ତିବା ପାଇଁ ନାନା ବାହାନା ଦେଖାଇଥାନ୍ତି। କିନ୍ତି ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ପ୍ରସ୍ତୁତ ହୋଇଯାଇଥାନ୍ତି। ରୋଗର ବାହାନା ଦେଖାଉଥିବା ନାରୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଶିକ୍ଷାନୁଷ୍ଠାନରେ କରୋନା

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଚିନ୍ତା ବଢ଼ାଇବାରେ ଲାଗିଛି। ବିଶେଷକରି ଶିକ୍ଷାନୁଷ୍ଠାନଗୁଡ଼ିକରେ କରୋନା କାୟା ବିସ୍ତାର କରିଚାଲିଛି। ଗତ କିଛି ଦିନ ଧରି ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାରେ ଛାତ୍ରୀଛାତ୍ର ଓ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଶନିବାର ଝାରସୁଗୁଡ଼ାର ଏକ ଶିକ୍ଷାନୁଷ୍ଠାନରେ ୨୧ଜଣ କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଏମାନଙ୍କ ମଧ୍ୟରେ ୧୩ଜଣ ଶିକ୍ଷକ ଥିବାବେଳେ ୮ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ପ୍ରଥମେ ଜଣଙ୍କ ପଜିଟିଭ୍ ବାହାରିଥିଲା। ପରେ ସେଠାରୁ ୧୦୦ଜଣଙ୍କ ନମୁନା ପରୀକ୍ଷା କରାଯିବା ପରେ ୨୧ଜଣଙ୍କ ପଜିଟିଭ୍ ବାହାରିଛି। ସେହିପରି ଶନିବାର ସୁବର୍ଣ୍ଣପୁର ଜିଲା ବିନିକା ଉଚ୍ଚ ବିଦ୍ୟାଳୟରେ ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୪ଜଣ ଛାତ୍ର ଥିବାବେଳେ ୨ଜଣ କର୍ମଚାରୀ ରହିଛନ୍ତି। ପୂର୍ବରୁ କଟକର ଏକ ଶିକ୍ଷାନୁଷ୍ଠାନରୁ ୪ଜଣ, ପରେ ଭୁବନେଶ୍ୱର ଏକ୍ସଆଇଏମ୍‌ବିରେ ୪୫ଜଣ, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟରୁ ୩ଜଣ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ୩ଜଣ, ଏନ୍‌ଆଇଟି ରାଉରକେଲାରୁ ୩ଜଣ ଚିହ୍ନଟ ହୋଇଥିଲେ।

### ଝାରସୁଗୁଡ଼ା ଶିକ୍ଷାନୁଷ୍ଠାନରେ ୨୧ ଚିହ୍ନଟ

ଆଗକୁ ପରୀକ୍ଷା ଆସୁଥିବାବେଳେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ସଂକ୍ରମଣ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚିନ୍ତାରେ ପକାଇ ଦେଇଛି। ସେପଟେ ଛାତ୍ରୀଛାତ୍ରଙ୍କ ବିରୋଧ ପରେ ରାଉରକେଲା ଏନ୍‌ଆଇଟି କର୍ତ୍ତୃପକ୍ଷ ଅଫ୍‌ଲାଇନ ବଦଳରେ ଅନ୍‌ଲାଇନରେ ପରୀକ୍ଷା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କେବେ ଓ କେଉଁ ସମୟରେ ପରୀକ୍ଷା କରାଯିବ ସେନେଇ ଆଉ ଥରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି। ପୂର୍ବରୁ ଅଫ୍‌ଲାଇନରେ ପରୀକ୍ଷା କରିବା ଲାଗି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ହେଲେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା କରି ଛାତ୍ରୀଛାତ୍ରମାନେ ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରିଥିଲେ। ଏହାକୁ ନେଇ ଅସନ୍ତୋଷ ତେଜିବାରୁ ଏନ୍‌ଆଇଟି କର୍ତ୍ତୃପକ୍ଷ ଅନ୍‌ଲାଇନରେ ପରୀକ୍ଷା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି।

# ଦେଶରେ ୬୨ ହଜାର ନୂଆ ସଂକ୍ରମିତ

ନୂଆଦିଲ୍ଲୀ, ୨୭।୩

- ରେକର୍ଡ ଭାଙ୍ଗି ଚାଲିଛି କରୋନା
- ଅକ୍ଟୋବର ପରଠାରୁ ସର୍ବାଧିକ ସଂକ୍ରମଣ
- ୨୪ ଘଣ୍ଟାରେ ୨୯୧ ମୃତ
- ମହାରାଷ୍ଟ୍ରରେ ସ୍ଥିତି ଚିନ୍ତାଜନକ

ଭାରତରେ କରୋନା ସଂକ୍ରମଣ ପୁଣି ନୂଆ ରେକର୍ଡ କରିଛି। ଗତ ୨୪ ଘଣ୍ଟାରେ ୬୨,୨୫୮ ଜଣ କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି ଯାହା କି ଅକ୍ଟୋବର ପରଠାରୁ ଦେଶରେ ସର୍ବାଧିକ ସଂକ୍ରମଣ। ମାର୍ଚ୍ଚ ୧୬ରେ ୨୪,୪୯୧, ୨୪ରେ ୪୭,୨୬୨ ଏବଂ ୨୬ ତାରିଖରେ ୫୯,୧୧୮ ଜଣ ସଂକ୍ରମିତ ହୋଇଥିବାବେଳେ କୋଭିଡ୍ ଭୂତାଣୁ ଏବେ ଦ୍ରୁତଗତିରେ ମାଡ଼ିଚାଲିଛି। ବିଶେଷକରି ମହାରାଷ୍ଟ୍ରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ମାଡ଼ିଚାଲିବା ଚିନ୍ତାର ବିଷୟ ହୋଇଛି। ଗତ ୨୪ ଘଣ୍ଟାରେ ୩୬,୯୦୨ ଜଣ କୋଭିଡ୍ ଆକ୍ରାନ୍ତ ମହାରାଷ୍ଟ୍ରରୁ ଚିହ୍ନଟ ହୋଇଛନ୍ତି ଯାହା କି ନୂଆ ଆକ୍ରାନ୍ତଙ୍କ ପ୍ରାୟ ୬୦ ପ୍ରତିଶତ। କେବଳ ମୁମ୍ବାଇରେ ୫,୯୬୪ ଜଣ ଚିହ୍ନଟ ହୋଇଛନ୍ତି। ସକ୍ରିୟ ରୋଗୀଙ୍କ ସଂଖ୍ୟା ୪.୫୨ ଲକ୍ଷରେ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରୁ ୬୨ ପ୍ରତିଶତ କେବଳ ମହାରାଷ୍ଟ୍ରର। ଏହାସହ ପଞ୍ଜାବ, ଗୁଜରାଟ, ଛତିଶଗଡ଼, କର୍ଣାଟକ, ମଧ୍ୟପ୍ରଦେଶରେ ମଧ୍ୟ ସଂକ୍ରମଣ ନୂଆ ରେକର୍ଡ କରିଚାଲିଛି। ଶୁକ୍ରବାର ୨୯୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ୧୧୭ ଏବଂ ପଞ୍ଜାବର ୫୯ ଜଣ ରହିଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ୨୮ ତାରିଖଠାରୁ ମହାରାଷ୍ଟ୍ରରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ପାଇଁ ଘୋଷଣା କରାଯାଇଛି। ରାତି ୮ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ମହାରାଷ୍ଟ୍ର ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏପ୍ରିଲ ୧୫ ପର୍ଯ୍ୟନ୍ତ ରାଜ୍ୟରେ ଏହି କଟକଣା ଜାରି ରହିବ।

# କୋଭୋଭାକ୍ସର ଟ୍ରାଏଲ ଆରମ୍ଭ

ନୂଆଦିଲ୍ଲୀ, ୨୭।୩

ଦେଶରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ କରୋନା ଟିକା କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ ଲୋକଙ୍କୁ ଦିଆଯାଉଥିବାବେଳେ 'କୋଭୋଭାକ୍ସ' ଭାକ୍ସିନର ଟ୍ରାଏଲ ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା 'କୋଭୋଭାକ୍ସ' ଲଞ୍ଚ ହେବ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାୱାଲା ଶନିବାର ଟୁଇଟ୍ କରିଛନ୍ତି। ଗତ ବର୍ଷ ଅଗଷ୍ଟରେ ଆମେରିକାର ଭାକ୍ସିନ କମ୍ପାନୀ ନୋଭାଭାକ୍ସ ଭାରତରେ କୋଭୋଭାକ୍ସର ବିକାଶ ଓ ବ୍ୟବସାୟୀକରଣ ପାଇଁ ସିରମ୍ ସହ ଚୁକ୍ତି କରିଥିଲା। ଜାନୁୟାରୀ ୧୬ ପରଠାରୁ ଏବେ ସୁଦ୍ଧା ଦେଶରେ ୫.୮୧ କୋଟି ଲୋକ ଟିକା ନେଇସାରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୋଟିଏ ନକ୍ଷତ୍ରରେ ରାହୁ ଓ ରାଶ୍ୟାଧିପ ମଙ୍ଗଳ ଅବସ୍ଥାନ କରିଥିବାରୁ ଆକସ୍ମିକ ଭାବରେ କୌଣସି ସମସ୍ୟାରେ ଛନ୍ଦି ହେବେ। ପୂର୍ବ କଳହକୁ କେନ୍ଦ୍ରକରି ସମ୍ପର୍କୀୟମାନେ ପ୍ରତିଶୋଧ ପରାୟଣ ହୋଇ ପାଖ ମାଡ଼ିବେ ନାହିଁ। ବ୍ୟବସାୟ, ଶିଳ୍ପ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ** ରବି ଉତ୍ତର ଭାଦ୍ରବ ନକ୍ଷତ୍ର ଯୋଗୁ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମଟି ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। କିନ୍ତୁ ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ମନର ବଳ ଖୁବ୍ ଟାଣ ରହିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**ମିଥୁନ** ଦୁର୍ବଳ ବୃହସ୍ପତି ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। ମନ ଅସ୍ଥିର ରହିବା ହେତୁ କାମଗୁଡ଼ିକ ସମ୍ପୂର୍ଣ୍ଣ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ଲାଭ ସ୍ଥାନରେ ମଙ୍ଗଳଙ୍କ ଯୋଗୁ କର୍ମକ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରେ ମିଠା କଥା କହି ପରକୁ ଆପଣାର କରିପାରିବେ। କିନ୍ତୁ ମଘା ନକ୍ଷତ୍ରର କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ କେତେକ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ଆବେଗିକ କଥାକୁ ସହକର୍ମୀଟି ବୁଝିପାରିବ ନାହିଁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତ ରହିବେ।

**କନ୍ୟା** ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। କଠିନ ପରିଶ୍ରମ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନବଳାଇବେ। ପ୍ରତ୍ୟେକ ସମସ୍ୟା ସମାଧାନରେ ରାସ୍ତା ଖୋଜିବାରେ ସମର୍ଥ ହୋଇପାରନ୍ତି।

**ତୁଳା** ସ୍ୱଗୃହୀ ଶନିଙ୍କ ଯୋଗୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟରେ ସଫଳତା ମିଳିବ, କିନ୍ତୁ କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ବିଛା** ଆଶା ଓ ନିରାଶାର ଦୋଛକିରେ ରହି ବାରମ୍ବାର ନିଜର ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଉଚ୍ଚ ପ୍ରଶଂସିତ ହେବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ, ଚଳଚ୍ଚିତ୍ରାଦିରେ ସୁନାମ ଅର୍ଜନ କରିବେ। ଯାନବାହନରେ ଯାତ୍ରା ସମୟରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** ପୂର୍ବ ରାଗ ଶୁଝାଇବାକୁ ନେଇ ନିଜର ଲୋକଟି ଆଉ ନ ପଚାରୁଥିବାରୁ ଦୁଃଖିତ ରହିବେ। ପାରିବାରିକ ସମସ୍ୟା ହେତୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଉତ୍ତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପାଇବାକୁ ଥିବା ବକେୟା ଅର୍ଥ ଆଦାୟ କରିପାରନ୍ତି।

**ମକର** ଉଚ୍ଚସ୍ଥ ଶୁକ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଅଟକି ରହିଥିବା କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ଧନିଷ୍ଠା ନକ୍ଷତ୍ରର ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳି ଯାଇପାରେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। କିନ୍ତୁ ଶ୍ରବଣା ନକ୍ଷତ୍ରକୁ ନିଜର ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ ସହ ଆଜିର ଜାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ରହିବ। ଆଜି ଜମା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଅବଶ୍ୟ ନିଜ ପରିବାରରେ ବୁଝାମଣା ଠିକ୍ ରହିବ।

**ମୀନ** ପରିସ୍ଥିତିକୁ ଦେଖି କାମ କରିବା ଭଲ। ଅନ୍ୟଥା ତାହା ଜଟିଳ ହୋଇପାରେ। ରେବତୀ ନକ୍ଷତ୍ରର ପୁରାତନ ରୋଗପୀଡା ବୃଦ୍ଧି ପାଇପାରେ। ପାଖପଡୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁଁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।। ସନ୍ଦେହ ଓ ଭୁଲ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

ଆଜି ଦୋଳପୂର୍ଣ୍ଣିମା, ଦୋଳଯାତ୍ରା, ଦୋଳକେଳି, ବସନ୍ତରାସ, ବସନ୍ତୋତ୍ସବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ପୂର୍ଣ୍ଣିମା ବିହିତଚନ୍ଦ୍ରୋପବାସ, ମାର୍ଚ୍ଚ ୨୮ ତାରିଖ, ରବିବାର, ସୋ-ବେ-ବରାତ୍, ରାଶି ନକ୍ଷତ୍ର- ଉତ୍ତରା ଫାଲ୍‌ଗୁନୀ/କନ୍ୟା, ମେଷ ରାଶିର ଘାତବାର, ବୃଷରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ.୦୬।୩୬ ଗତେ ଘ.୦୯।୫୦ ମଧ୍ୟେ ଅମୃତବେଳା। ଦିବା ଘ.୦୫।୪୭ ଗତେ ଘ.୦୬।୩୬ ମଧ୍ୟେ, ଘ.୦୧।୦୪ ଗତେ ଘ.୦୧।୫୩ ମଧ୍ୟେ ଅମୃତବେଳା। ଅପରାହ୍ନ, ଘ.୦୪।୩୬ ଗତେ ଘ.୦୫।୫୩, ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

**Wanted Khandayat Bride, 5'5", 30years, Fair, Slim, Post Graduate Qualification for the Khandayat Groom, 44years, 5'8", MBA, LLB, having Construction Business in Bhubaneswar. Contact- 9861022055, 9938219397.** D-20359

## GROOM WANTED

ବୟସ-34, 5'2", M.Sc, B.Ed. Government Teacher ମାସିକ ଆୟ ୪୨୦୦୦/- ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଛାଡ଼ପତ୍ରପ୍ରାପ୍ତ/ ଘରଜ୍ୱାଇଁ ଚଳିବ। ଯୋଗାଯୋଗ- 6232277008. D-20317

Beautiful Khandayat girl 36 Charted Accountant, govt. service Orissa, 7377203805. D-20356

47ବର୍ଷର ବିଧବା ମହିଳା Govt. Hospitalରେ Nurse ଅଛନ୍ତି, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତା ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 9078166327. D-70818




## SALE

Force traveller 14seater AC Bus, personal used with accessories, Showroom condition, immediate sale. Contact: 9556168271, 7008951837. D-69492




## SALE

A 2400sqft. converted land available near Infocity Sai Mandir Sailashree Vihar for sale. Contact: 9337413323, 9437313522. D-67786

**12000sft. IDCO plot for immediate sale at Mancheswar Bhubaneswar, buyers please contact- DEEPAK- 9937329999.** D-69982

1560sqft. land & 2storey building with underground 1st floor @Khandagiri caves Tourism. Electricity & waters ready connection cost- 150lacs (Negotiable)immediate contact- 9439953866. D-67785

ପୁରୀ ବାଟମଙ୍ଗଳା ସମ୍ମୁଖ **200ଫୁଟ୍** ବାଇପାସ୍‌ରୋଡ୍ ପାଖରେ **1000sqft.** ଜାଗା ସହ **2BHK and 2Bedrooms with garage** ମାତ୍ର **24**ଲକ୍ଷ। **Bank Finance available. 6372897984, 8984304650.** D-20335

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Residential land/ plot 3000sft. immediately sale at Jharpada (Near Puri By-pass), 3500sft. BDA plot sale at Patrapada (Near D.N. Regalia Mall) & 2500sft. plot sale at Pokhariput, Bhubaneswar. Please contact- DEEPAK- 9937329999.** D-69981

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**Two storey Building with 1400sqft. land sale at Puri near Atharanala. Bank finance available. Call for details (Only genuine buyer): 8144658008 / 6372897984.** D-20336

3BHK independent house for sale behind AMRI Hospital, 2BHK flat at Gudia Pokhari, Uttara Square. 9937066926. D-70232

ଭୁବନେଶ୍ୱର ଗଙ୍ଗପଡ଼ା **NH-16**ରୁ **400mtr** ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। **7978676652.** D-70819

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

Bhubaneswar ସମ୍‌ହସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

Book a duplex house at Sree Vihar, Damana, Bhubaneswar. Price 76lakhs. Contact: 8260595320. D-70573

**Require, 2Acre Yellow Zone Homestead Land with 30/40 feet Road on Outright/ Sharing basis across Bhubaneswar for Plotting and Duplex Projects. Contact- 9861022055 / 9938219397.** D-20343

**Bhubaneswar, Hanspal residential Colony**ରେ **1500sqft. @ 23,25,000**ରେ **plot** ମିଳୁଛି। **9853415415, 7008351926.** D-20248

## PURCHASE

Wanted ready to move flats duplexes plots in Bhubaneswar. 6371090682. D-68276




**(For Shop/ Office/ ETC) 2BHK ground floor house (prime location) on main road beside BPCL filling station, Chandrasekharpur, Bhubaneswar. Contact: 7630918401.** D-70572

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Zen SPA positively health benefits with experts therapeutic genuinely massage. 7205084157. D-70568

Swarna SPA newly open positively health benefits with expert therapist. 9556978408. D-70566

Get good massage for your health the best therapy. 7749997224. D-70440

Refreshing your mind your body with the best therapy at Lotus Spa. 9801811949. D-70441

New opening Saikrupa Panchakarma and Spa jointpain, fullbody massage, 8984068077. D-65914

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




A reputed take away restaurant specializing in variety snacks/ meals requires franchisees. Low investment. High returns. 8337068899. D-20355

## AFFIDAVIT

By virtue of an affidavit sworn before the Notary Public, Attabira, I Lakshmi Bhoi, W/o. Adhikari Bhoi, R/o. Khairpali, PO- Larasara, Dist-. Bargarh declare that before marriage I was known as Sureswari Pradhan. But after marriage I am known as Lakshmi Bhoi. That both the names relates to one and same person for all purposes. D-20360

By virtue of an affidavit, I Anjan Kumar Mahapatra, Vill- Odagaon, Dist- Nayagarh changed my daughter's name from "Anwesha Bahinipati" to "Anwesha Mahapatra" for all purposes. Henceforth my daughter will be known as "Anwesha Mahapatra". D-20366

## LEGAL NOTICE

ମୁଁ ଦିବାକର ପାତ୍ର, ପି- ତାରିଣୀ ପାତ୍ର, ଗ୍ରାମ- ସମେଇଗୁଡ଼ା, ତହସିଲ/ ଥାନା- ଆସିକା। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାକରୁଅଛୁ ଯେ ମୋର ବାପା ବୟସାଧିକ୍ୟ କାରଣରୁ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ମୋର ବାପାଙ୍କ ନାମରେ ଥିବା କିଛି ସମ୍ପତ୍ତି ତାଙ୍କ ସରଳତାର ସୁଯୋଗ ନେଇ କୌଣସି ବ୍ୟକ୍ତି କ୍ରୟ କରନ୍ତି ବା ବନ୍ଧକ ରଖନ୍ତି ତେବେ ସେଥିପାଇଁ ଆମେ ଦାୟୀ ନୋହୁଁ।

ଦିବାକର ପାତ୍ର
ପି- ତାରିଣୀ ପାତ୍ର,
ସମେଇଗୁଡ଼ା, ଆସିକା, ଗଞ୍ଜାମ
ଧ-୨୦୩୫୩

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୮/୨୦୨୧ | Bhubaneswar, Sunday, March 28/2021 | ପୃଷ୍ଠା-୧


**ହୋଲି ଶୁଭେଚ୍ଛା**

ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ଧରିତ୍ରୀର ଛୁଟି**

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୨୮ ଓ ୨୯ ତାରିଖ ରବିବାର ଏବଂ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୩୧ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

ଭୁଲ୍ ନେତୃତ୍ୱ

# ବିଦ୍ୟୁତ୍ ଶୁଳ୍କ ବଢ଼ିଲା



- ୟୁନିଟ ପିଛା ୩୦ ପଇସା ବୃଦ୍ଧି
- ଦରବୃଦ୍ଧିକୁ ଓଇଆର୍‌ସିଙ୍କ ମଞ୍ଜୁରୀ
- ଏପ୍ରିଲ ୪ରୁ ଲାଗୁ ହେବ
- ବିପିଏଲ୍, ଜଳସେଚନ ଉପଭୋକ୍ତାଙ୍କ ପାଇଁ ଅପରିବର୍ତ୍ତିତ
- ୬ ମାସରେ ବଢ଼ିଲାଣି ୫୦ ପଇସା

ଭୁବନେଶ୍ୱର,୨୭।୩(ବ୍ୟୁରୋ)

କରୋନା ମହାମାରୀରେ ହନ୍ତସନ୍ତ ହେଉଥିବା ଲୋକଙ୍କୁ ବିଦ୍ୟୁତ୍ ଝଟକା ଲାଗିଛି। ଘରୋଇ କମ୍ପାନୀକୁ ଫାଇଦା ଦେବାକୁ ଯାଇ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଘରୋଇ ଉପଭୋକ୍ତାଙ୍କ ପାଇଁ ୟୁନିଟ୍ ପିଛା ୩୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିଛନ୍ତି । ଏ ନେଇ ଓଇଆରସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ଏପ୍ରିଲ ୪ ତାରିଖରୁ ଏହି ବର୍ଦ୍ଧିତ ବିଜୁଳି ଦର ଲାଗୁହେବ। ଗତ ୬ ମାସ ମଧ୍ୟରେ ୨ ଥର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଯୋଗୁ ୟୁନିଟ୍ ପିଛା ୫୦ ପଇସା ମହଙ୍ଗା ହୋଇଛି। ୨୦୨୦ ଅକ୍ଟୋବର ପହିଲାରେ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରାଯାଇଥିବାବେଳେ ଏବେ ପୁଣି ୩୦ ପଇସା ବୃଦ୍ଧି ହୋଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ହାରାହାରି ଖୁଚୁରା ଦର ୫.୬୦ ପ୍ରତିଶତକୁ ବୃଦ୍ଧିପାଇଛି। ଏଣିକି ପ୍ରଥମ ୫୦ ୟୁନିଟ୍ ପିଛା ଦର ୨ଟଙ୍କା ୭୦ ପଇସାରୁ ୩ ଟଙ୍କା ହେବ। ସେହିପରି ୫୧ରୁ ୨୦୦ ୟୁନିଟ୍ ଦର ୪ଟଙ୍କା ୫୦ ପଇସାରୁ ୪ଟଙ୍କା ୮୦ ପଇସା। ୨୦୧ରୁ ୪୦୦ ୟୁନିଟ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୫ଟଙ୍କା ୫୦ ପଇସାରୁ ୫ଟଙ୍କା ୮୦ ପଇସା ଏବଂ ୪୦୦ ୟୁନିଟ୍‌ରୁ ଅଧିକ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ୫ଟଙ୍କା ୯୦ ପଇସାରୁ ୬ଟଙ୍କା ୨୦ ପଇସା ଦେବାକୁ ପଡ଼ିବ। ତେବେ ବିପିଏଲ୍ ଓ ଜଳସେଚନ ଉପଭୋକ୍ତାଙ୍କ ପାଇଁ ଦର ଅପରିବର୍ତ୍ତିତ ରହିଛି। ପ୍ରିପେଡ୍ ଉପଭୋକ୍ତାଙ୍କୁ ୨% ରିହାତି ମିଳିବ। ଡିଜିଟାଲ ପେମେଣ୍ଟ କଲେ ଉପଭୋକ୍ତାଙ୍କୁ ରିହାତି ମିଳିବ। ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୫ ପଇସା ରିହାତି ମିଳିବ। ତେବେ ବିଦ୍ୟୁତ୍ ପରିବହନ ଶୁଳ୍କ ପ୍ରତି ୟୁନିଟ୍ ପିଛା ୩ ପଇସା ବୃଦ୍ଧି କରାଯାଇଛି। ଓଇଆରସି ସମସ୍ତ ପ୍ରକାର ଉପଭୋକ୍ତାଙ୍କ ପାଇଁ ପ୍ରତି କିଲୋୱାଟ୍ ପିଛା ୩୦ ପଇସା ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ଫଳରେ ଟ୍ରାନ୍ସମିଶନ ୟୁନିଟ୍ ପିଛା ୨୫ରୁ ୨୮ ପଇସାକୁ ବୃଦ୍ଧି ପାଇଛି। ତେବେ ଓଏଚ୍‌ପିସିର ହାରାହାରି ଶୁଳ୍କ ୨.୩ ପ୍ରତିଶତ ହିସାବରେ ୯୧.୩୯ ପଇସାରୁ ୮୯.୨୮ ପଇସାକୁ ହ୍ରାସପାଇଛି। ମିଟର ରେଣ୍ଟ, ମାସିକ ସର୍ବନିମ୍ନ ଚାର୍ଜ ଅପରିବର୍ତ୍ତିତ ରହିଛି। ଘରୋଇ ଓ ସିଙ୍ଗଲ୍‌ଫେଜ ଉପଭୋକ୍ତାଙ୍କ ପାଇଁ ୨% ରିହାତି ଦିଆଯାଇଛି।

ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ପାୱାରକୁ ଅନୁକମ୍ପା ଦେଖାଇ ଓଇଆରସି ପୂର୍ବରୁ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିଥିବା ବେଳେ ପୁଣି ୩୦ ପଇସା ବଢ଼ାଇଛି । ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ସଚେତନ ନ ଥିବାରୁ ଓଇଆରସି ମନଇଚ୍ଛା ବିଜୁଳି ଦର ବୃଦ୍ଧିକରି ଚାଲିଛି। ରାଜନୈତିକ ନେତାମାନଙ୍କର କୌଣସି ପ୍ରତିକ୍ରିୟା ନ ଥିବାରୁ ରାଜ୍ୟର ଗରିବ ବିଦ୍ୟୁତ୍ ଉପଭୋକ୍ତା ଏହାର କୁପରିମାଣ ଭୋଗୁଛନ୍ତି। ବିଦ୍ୟୁତ୍ ଦର ବୃଦ୍ଧିକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଜନବିରୋଧୀ ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ କହିଛନ୍ତି। ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର ନ ହେଲେ ରାଜ୍ୟରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

| ୟୁନିଟ୍ | ଥିଲା | ହେଲା |
|---|---|---|
| ୧-୫୦ | ୨.୭୦ | ୩.୦୦ |
| ୫୧-୨୦୦ | ୪.୫୦ | ୪.୮୦ |
| ୨୦୧-୪୦୦ | ୫.୫୦ | ୫.୮୦ |
| ୪୦୦+ | ୫.୯୦ | ୬.୨୦ |

# ସେନା ଗୁଳିରେ ୯୩ ନିହତ



ମଣ୍ଡଲେୟରେ ସେନା ବର୍ବରତା ପ୍ରତିବାଦରେ ରାସ୍ତାରେ ଟାୟାର ଜାଳିଛନ୍ତି ବିକ୍ଷୋଭକାରୀ।

**ଫେବୃୟାରୀ ୧ରେ ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସ୍ୟୁ ଚୀଙ୍କ କ୍ଷମତା ଅପହରଣ କରି ତାଙ୍କୁ ଜେଲରେ ପୂରାଇବା ପରଠାରୁ ଅଶାନ୍ତ ହୋଇପଡ଼ିଛି ମ୍ୟାନ୍‌ମାର। ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିଥିବା ସେନା ବିରୋଧରେ ଦେଶବାସୀ ବିକ୍ଷୋଭ କରୁଥିବାବେଳେ ସୈନ୍ୟ ଓ ପୋଲିସ ବଳ ଆଖିବୁଜା ଗୁଳି ଚଳାଇବାରେ ଲାଗିଛନ୍ତି। ଶନିବାର ସେନା ପକ୍ଷରୁ ସଶସ୍ତ୍ର ବାହିନୀ ଦିବସ ପାଳନ କରାଯାଉଥିବାବେଳେ ୪୦ ସହରରେ ହଜାର ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ସେନାର ଗୁଳିମାଡ଼ରେ ଟଳିପଡ଼ିଛନ୍ତି ୯୩ ନିରୀହ ନିରସ୍ତ୍ର ନାଗରିକ। ସାମରିକ ବଳର ଏହି ଗଣହତ୍ୟାକୁ ନିନ୍ଦା କରିଛି ବିଶ୍ୱ ସମୁଦାୟ।**

**ମ୍ୟାନ୍‌ମାର ସେନା ପାଇଁ ଲଜ୍ଜାର ଦିନ**

ୟାଙ୍ଗୁନ୍,୨୭।୩

ମ୍ୟାନ୍‌ମାରରେ ସାମରିକ ଶାସନ ବିରୋଧୀ ବିକ୍ଷୋଭକାରୀଙ୍କ ଉପରକୁ ସୁରକ୍ଷା ବଳ ଗୁଳିମାଡ଼ କରିବାରୁ ୯୩ ଜଣଙ୍କର ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ ଅନ୍ତର୍ଭୁକ୍ତ। ଶନିବାର ଦେଶର ଜେନେରାଲମାନେ ସଶସ୍ତ୍ର ବାହିନୀ ଦିବସ ପାଳନ କରୁଥିବାବେଳେ ଏହା ସୈନ୍ୟବାହିନୀ ପାଇଁ ଲଜ୍ଜାର ଦିନ ବୋଲି ଆଣ୍ଟି ଜୁଣ୍ଟା ଗ୍ରୁପ୍ ସିଆର୍‌ପିଏଚ୍‌ର ମୁଖପାତ୍ର କହିଛନ୍ତି।

ଗତ ଫେବୃୟାରୀ ୧ରେ ମ୍ୟାନ୍‌ମାର ସୈନ୍ୟବାହିନୀ ବିଦ୍ରୋହ ବଳରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ଶାସନରୁ ହଟାଇ କ୍ଷମତା ଦଖଲ କରିଥିଲା। ଏହା ପରଠାରୁ ସେଠାରେ ସାମରିକ ଶାସନ ବିରୋଧରେ ବିକ୍ଷୋଭ ଜାରି ରହିଛି। ☞ପୃଷ୍ଠା-୧୩

# ଘୂର୍ଣ୍ଣିଝଡ଼ ତାଣ୍ଡବ

- ସ୍ତବ୍ଧ ହୋଇଗଲା ରାଜଧାନୀ
- ୫୦ କି.ମି. ବେଗରେ ବହିଲା

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଦିନସାରା ପ୍ରଚଣ୍ଡ ତାତି। ଅପରାହ୍ନ ୫ଟାରେ ଆସିଲା କଳାହାଣ୍ଡିଆ ବାଦଲ। ନିମିଷକ ମଧ୍ୟରେ ଚାରିଆଡ଼କୁ ଘୋଟିଗଲା। ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ରାଜଧାନୀ ଭୁବନେଶ୍ୱର କିଛି ସମୟ ପାଇଁ ଅନ୍ଧକାର ବଳୟ ଭିତରକୁ ଚାଲି ଯାଇଥିଲା। ଧୂଳିମୟ ହୋଇଗଲା ଆକାଶ। ଦୁଇଚକିଆ ଓ ୩ ଚକିଆ ଯାନ ଆରୋହୀ ଯିଏ ଯେଉଁଠି ଥିଲେ ସୁରକ୍ଷିତ ସ୍ଥାନକୁ ଧାଇଁଲେ। ୧୫ ମିନିଟ୍ କାଳ ଘୂର୍ଣ୍ଣିଝଡ଼ ପ୍ରକୋପରେ ସ୍ତବ୍ଧ ହୋଇଗଲା ରାଜଧାନୀ। କିଛି ସମୟ ପାଇଁ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଥିଲା। ଛୋଟଛୋଟ ଗଛଡ଼ାଳ ଭାଙ୍ଗିବା ସହିତ ରାସ୍ତାକଡ଼ରେ ଥିବା ହୋର୍ଡିଂକୁ ଉଡ଼ାଇ ନେଇଥିଲା। କେବଳ ଭୁବନେଶ୍ୱର ନୁହେଁ, କଟକ ଓ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା। ବାଙ୍କୀ, ଆଠଗଡ଼, ତିଗିରିଆରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଝଡ଼ ଥମିଯିବା ପରେ ବର୍ଷା ଆରମ୍ଭ ହୋଇଥିଲା। ☞ପୃଷ୍ଠା-୧୩




# ୧୦ କୋଟିର ସାପବିଷ ଜବତ



ଜବତ ସାପବିଷ

**ରାଜଧାନୀରେ ସାପବିଷ କାରବାର**

- ଗ୍ରାହକ ସାଜି ପର୍ଦ୍ଦାଫାଶ କଲେ ଫରେଷ୍ଟର
- ମହିଳାଙ୍କ ସମେତ ୬ ଗିରଫ
- ଅନ୍ତର୍ଜାତୀୟ ବଜାରରେ ବିକ୍ରି ପାଇଁ ଚାଲିଥିଲା ଯୋଜନା

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜଧାନୀରେ ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ କାରବାର ପରେ ପ୍ରଥମ ଥର ସାପବିଷ ବେପାର ସାମ୍ନାକୁ ଆସିଛି। ଶନିବାର ଭୁବନେଶ୍ୱରର ଦୁଇଟି ସ୍ଥାନରେ ସାପବିଷ ବିକ୍ରି ପାଇଁ ଡିଲ୍ ବେଳେ ବନ ବିଭାଗ ପକ୍ଷରୁ ଏକସଙ୍ଗେ ଚଢ଼ାଉ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସହଦେବଖୁଣ୍ଟାର ହୃଷ୍ଟାକର ପଢ଼ିଆରୀ(୩୦), ଜୟସ୍ମିତା ନାୟକ(୫୦), ଜଳେଶ୍ୱରର ସଞ୍ଜୟ ମହାନ୍ତି(୪୩), ବରଗଡ଼ ସୋହେଲାର ବିଶ୍ୱ ପ୍ରଧାନ(୩୦), ବଲାଙ୍ଗୀରର ସୁରଜ କୁମାର ଦାସ(୨୧) ଏବଂ ଅନୁଗୋଳ ☞ପୃଷ୍ଠା-୧୩


DSPL - 275

ACCESS TO JUSTICE FOR ALL

## ରାଷ୍ଟ୍ରୀୟ ଲୋକ ଅଦାଲତ

ତା୧୦।୦୪।୨୦୨୧ରିଖ (ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୧୦।୦୪।୨୦୨୧ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧
ମୋ: ୯୪୩୮୫୭୮୫୮୬ ଏବଂ ୧୫୧୬

OIPR-18008/13/0006/2021





# ଭୁଲ୍ ନେତୃତ୍ୱ

ଆକାର ପଟେଲ

କିଛି ମାସ ପୂର୍ବେ ମୋ ଲିଖିତ ବହିଟି ପ୍ରକାଶ ପାଇଥିଲା। ଭାରତରେ ମୁଖ୍ୟତଃ ବାସ୍ତବ ତଥା ତଥ୍ୟଭିତ୍ତିକ ଏବଂ ଇତିହାସ ସମ୍ପର୍କିତ ବହି ଲେଖିବାର ସମସ୍ୟା ହେଉଛି ଅନେକେ ଏଭଳି ବହିଗୁଡ଼ିକୁ ପଢ଼ନ୍ତି ନାହିଁ। ଅନେକାଂଶରେ ବହିର ମାନ ଏବଂ ଲେଖକଙ୍କର ଖ୍ୟାତି ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥାଏ। ଛପାଯାଉଥିବା ଏଭଳି ବହିଗୁଡ଼ିକର ସଂଖ୍ୟା ଅଳ୍ପ କେତେ ହଜାରରେ ସୀମିତ ରହୁଛି। ସାଧାରଣତଃ ଛପାଯାଉଥିବା ଏହିସବୁ ବହିର କପିଗୁଡ଼ିକ ବହୁ ଦିନ ଯାଏ ପଡ଼ି ରହେ। ୨୦୧୪ରେ ସାଦତ ହାସନ ମାଣ୍ଟୋଙ୍କର ଏକ ନନ୍-ଫିକ୍‌ସନ ଉର୍ଦ୍ଦୁ ଲେଖାର ଅନୁବାଦ କରିଥିଲି। ସାହିତ୍ୟରେ ମାଣ୍ଟୋ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। କିନ୍ତୁ ସେହି ବହି ମୋର ପ୍ରଥମ ପ୍ରକାଶନରେ ହିଁ ଅଟକି ଯାଇଛି। ପ୍ରକାଶିତ ମୋର ନୂଆ ବହିଟି ହେଉଛି 'ଆୱାର ହିନ୍ଦୁ ରାଷ୍ଟ୍ର'। ଏକ ଧର୍ମ ନିରପେକ୍ଷ ଏବଂ ଲୋକତାନ୍ତ୍ରିକ ରାଷ୍ଟ୍ର ଭାରତର ସାମ୍ବିଧାନିକ ପ୍ରତିଶ୍ରୁତିକୁ ବିଚାରକୁ ନେଇ ତା'ର ଏବକାର ସ୍ଥିତି କେଉଁଠି ସେ ସମ୍ପର୍କରେ ଏହି ବହିରେ ଆଲୋଚନା କରାଯାଇଛି। ଲୋକତନ୍ତ୍ରକୁ ଯଦି ତୁମେ ମୁକ୍ତ ଏବଂ ଅବାଧ ନିର୍ବାଚନ ବୋଲି ବିଚାର କରିବ ତେବେ ସେ ଦୃଷ୍ଟିରୁ ଆମେ ନିଜକୁ ଲୋକତାନ୍ତ୍ରିକ ଦେଶ କହିପାରିବା। କିନ୍ତୁ ବିଶ୍ୱର ଅବଶିଷ୍ଟ ଦେଶ ଏହା କହୁନାହାନ୍ତି। ନିକଟରେ ଫ୍ରିଡମ ହାଉସ ର୍‍ୟାଙ୍କିଙ୍ଗସ୍‌ରେ ଭାରତକୁ 'ଆଂଶିକ ସ୍ୱାଧୀନ' ବୋଲି ଦର୍ଶାଯାଇଥିଲା। ଏହା ମଧ୍ୟ ନାଗରିକଙ୍କ ରାଜନୈତିକ ଅଧିକାରଗୁଡ଼ିକୁ ୪୦ ପ୍ରତିଶତ ଅଧିକ ଗୁରୁତ୍ୱ ଦେଇଥିଲା ଏବଂ ମୁକ୍ତ ଓ ଅବାଧ ନିର୍ବାଚନକୁ ସମ୍ପୂର୍ଣ୍ଣ ନମ୍ବର ଦେଇଥିଲା। ନାଗରିକ ସ୍ୱତନ୍ତ୍ରତା ଏବଂ ମୌଳିକ ଅଧିକାରଗୁଡ଼ିକରେ ଭାରତ ଏତେ ଖରାପ ନମ୍ବର ପାଇଥିଲା ଯେ, ମୁକ୍ତ ନିର୍ବାଚନରେ କରିଥିବା ଭଲ କାର୍ଯ୍ୟଗୁଡ଼ିକୁ ଏହା ଅସ୍ୱୀକାର କରିଥିଲା। ମୋ ବହି ଏହି ପ୍ରକ୍ରିୟା ଉପରେ ଏକ ଦୀର୍ଘ ସମୟସୀମାକୁ ନେଇ ଆଲୋଚନା କରିଛି। ଏହି ବହିର ନାମ ରଖିଛି 'ଆୱାର ହିନ୍ଦୁ ରାଷ୍ଟ୍ର', କାରଣ ମୋ ମତରେ ଆମେ ସମସ୍ତେ ଏକ ହୋଇଗଲୁଣି। ୨୦୧୪ରୁ ଭାରତ ଯାହା କରି ଆସୁଛି ସେଥିରେ ଆଉ କୌଣସି ସାମ୍ବିଧାନିକ କିମ୍ବା ଅନ୍ୟ ମୁଖ୍ୟ ପରିବର୍ତ୍ତନର ଅବଶ୍ୟକତା ନାହିଁ। ପାକିସ୍ତାନରେ ଆଇନ ଦ୍ୱାରା ସଂଖ୍ୟାଲଘୁଙ୍କୁ ବାଦ୍ ଦିଆଯାଇଛି। କିନ୍ତୁ ଭାରତରେ ଏହା ବିନା ବିଚାରରେ କରାଯାଇଛି। ଏହା ହିଁ ଦୁଇ ଦେଶ ମଧ୍ୟରେ ପାର୍ଥକ୍ୟ। ଆମେ ପାକିସ୍ତାନଠାରୁ ଅଧିକ ଧର୍ମସମ୍ପନ୍ନ ଦେଶ ଏବଂ ଏହା ସତ। ପାକିସ୍ତାନର ୪ଟି ରାଜ୍ୟରେ ହିନ୍ଦୁ ମୁଖ୍ୟମନ୍ତ୍ରୀ ନ ଥିବାବେଳେ ଭାରତର ୨୮ଟି ରାଜ୍ୟରେ ମୁସଲମାନ ମୁଖ୍ୟମନ୍ତ୍ରୀ ନାହାନ୍ତି। ଏବେ ଭାରତର ଶାସକ ଦଳର ୩୦୩ ଲୋକସଭା ସଦସ୍ୟଙ୍କ ମଧ୍ୟରେ ଜଣେ ବି ମୁସଲମାନ ନାହାନ୍ତି। ଭାରତର ୧୫ଟି ରାଜ୍ୟରେ କୌଣସି ମୁସଲମାନ ମନ୍ତ୍ରୀ ବି ନାହାନ୍ତି। ଆଇନ ମୁଖ୍ୟତଃ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଅଧିକାର ଦେଲା। ଧର୍ମ ପ୍ରଚାର ଓ ବ୍ୟବସାୟ ବା ବୃତ୍ତିଗତ ଅଧିକାର ଭାରତ ସେମାନଙ୍କ ପାଇଁ ଖୋଲା ରଖିଛି। ବିଭିନ୍ନ 'ଧାର୍ମିକ ସ୍ୱାଧୀନତା' ସମ୍ବନ୍ଧିତ ଆଇନ ଯାହା ଭାରତରେ ଗୃହୀତ ହୋଇଛି ତାହା ବାସ୍ତବରେ ଆମଠାରୁ ସ୍ୱାଧୀନତା ଛଡ଼ାଇ ନେଇଯାଇଛି। ଭାରତରେ ଏସବୁ ବିଷୟ ଉପରେ ଆମର କୌଣସି ସମସ୍ୟା ନାହିଁ, ଯେଉଁଥିପାଇଁ ଆମ ଦେଶରେ ଏହା ରାଜନୈତିକ ପ୍ରସଙ୍ଗ ହୋଇପାରୁନାହିଁ (କେବଳ କିଛି ସ୍ତମ୍ଭକାର ସବୁବେଳେ ଏହା ଉପରେ ସ୍ୱର ଉଠାଉଛନ୍ତି)। ଅନ୍ୟ କଥାଟି ହେଉଛି, ଭାରତର ସଂଖ୍ୟାଲଘୁମାନଙ୍କର ଗୁରୁତ୍ୱ କମାଇ ଦିଆଯାଇଛି, ସେମାନଙ୍କ ଅଧିକାର ସଙ୍କୁଚିତ କରାଯାଉଛି। ପ୍ରସ୍ତୁତ କରାଯାଉଥିବା ଆଇନ ଓ ନୀତିଗୁଡ଼ିକ ସେମାନଙ୍କ ପାଇଁ ଅପ୍ରାସଙ୍ଗିକ ହୋଇଛି, ସେମାନଙ୍କୁ ଏହା ଅସୁବିଧାରେ ପକାଉଛି। ସେମାନଙ୍କ ପାଇଁ ଯାହା କରାଯାଇଛି ଭାରତୀୟମାନେ ସେହି ଅନୁସାରେ ଭୋଟ ଦେବା ଅଧିକାଂଶ କ୍ଷେତ୍ରରେ ପ୍ରତୀୟମାନ ହେଉଛି। ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ଲଗାତର ୪ ବର୍ଷ ହେବ ଧିମା ରହୁଛି। ଏହି ବିଷୟରେ ମିଡିଆ ଅଧିକ ଦୃଷ୍ଟି ଦେଉନାହିଁ। ଦକ୍ଷିଣ ଏସିଆରେ କେବଳ ଭାରତର ଅର୍ଥ ବ୍ୟବସ୍ଥା ମନ୍ଦା ରହିଛି, କିନ୍ତୁ ଏହା କେମିତି ଏକ ନିର୍ବାଚନ ପ୍ରସଙ୍ଗ କି ମିଡିଆ ବିଷୟ ହେବ, ତା'ଉପରେ ଆମେ ଚିନ୍ତା ପ୍ରକଟ କରୁନାହୁଁ। ସେହିପରି ବେରୋଜଗାରି ୨୦୧୭ରୁ ଐତିହାସିକ ସ୍ତରରେ ରହିଛି। ଜଣାପଡୁଛି, ମହିଳାମାନଙ୍କୁ ସେମାନଙ୍କ ସମ୍ପ୍ରଦାୟ ବାହାରେ ବାହାହେବାକୁ ବନ୍ଦ କରିବା ଆଇନ କିମ୍ବା କିଏ ମନ୍ଦିରରେ ପ୍ରବେଶ କରିବ ଏବଂ ଏମିତିକା ସବୁ ବିଷୟଠାରୁ ସରକାରଙ୍କୁ ଏହା ଏତେ ଗୁରୁତ୍ୱପୂର୍ଣ୍ଣ ମନେ ହୋଇନି।

ଏକ ଜାତୀୟତାବାଦୀ ଦଳ ଆମର ନେତୃତ୍ୱ ନେଉଛି ବୋଲି ଆମକୁ କୁହାଯାଉଛି। କିନ୍ତୁ ଲଦାଖର ପରିସ୍ଥିତି ଗତ ବର୍ଷ ଯାହା ଥିଲା ସେଥିରେ କିଛି ପରିବର୍ତ୍ତନ ହୋଇ ନାହିଁ ବୋଲି ଆମକୁ କୁହାଯାଉ ନାହିଁ। ଖବରକାଗଜ ରିପୋର୍ଟରୁ ପ୍ରକାଶପାଇଛି ଯେ, ପାଖାପାଖି ୧୦୦୦ ବର୍ଗ କି.ମି. ଜମିରେ ଯେଉଁଠି ଆମେ ଆରମ୍ଭରୁ ପାଟ୍ରୋଲ କରୁଥିଲୁ, ସେଠାରେ ଆଜି ଆମେ ତାହା କରିପାରୁନାହୁଁ। ଏହା ଏକ ଜାତୀୟତାବାଦୀ ସରକାର ନା ତା'ର ବିଚାର ବୋଲି ପ୍ରଶ୍ନ ଉତ୍‌ଥାପନ କରୁନାହୁଁ। ସରକାର ତାଙ୍କ ନାଗରିକ ଓ ସଂଖ୍ୟାଲଘୁଙ୍କ ବିରୋଧରେ ପଦକ୍ଷେପ ନେଇ ତାଙ୍କର ଜାତୀୟତାବାଦୀ ପରିଚିତି ପ୍ରତିଷ୍ଠା କରିଛନ୍ତି! ଏହି କାରଣରୁ ଆମେ ଏକ ହିନ୍ଦୁ ରାଷ୍ଟ୍ରରେ ବାସ କରୁଛୁ ବୋଲି ମୋର ବିଶ୍ୱାସ। ପ୍ରଶ୍ନ ହେଉଛି, ଏହା ପରେ କ'ଣ ଘଟିବ। ମୋ ମତରେ ଏମିତିକା ଘଟଣା ଆହୁରି ଅଧିକ ସାମ୍ନାକୁ ଆସିବ। ଭାରତୀୟମାନେ ଅର୍ଥବ୍ୟବସ୍ଥା ଏବଂ ଅନ୍ୟ ମୂଳ ପ୍ରସଙ୍ଗଗୁଡ଼ିକ ଉପରେ ଭୋଟ ନ ଦେଇ ମୁଖ୍ୟତଃ ସଂଖ୍ୟାଲଘୁମାନଙ୍କୁ କଷ୍ଟ ଦେଇଥିବା ବିଷୟଗୁଡ଼ିକ ଉପରେ ଅଧିକ ଚିନ୍ତିତ ଥିବା ଜଣାପଡୁଛି। ଗଣମାଧ୍ୟମ ମଧ୍ୟ ସେମାନଙ୍କ ସହ ଯୋଗଦେଇଛି। ଏପରିକି ନିଯୁକ୍ତି ଏବଂ ନିମ୍ନଗାମୀ ଅର୍ଥବ୍ୟବସ୍ଥା ଭଳି ପ୍ରସଙ୍ଗକୁ ଗଣମାଧ୍ୟମ ଅଣଦେଖା କରୁଛି। ଏକ ଗଣତାନ୍ତ୍ରିକ ଦେଶରେ ଏହା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଘଟଣା। ଭାରତ ଭୁଲ୍ ବାଟରେ ଅଗ୍ରସର ହେଉଛି। ନେତୃତ୍ୱ ଭୁଲ ବାଟରେ ନିଆଯାଉଛି ବୋଲି ବିଶ୍ୱ ପ୍ରକାଶ କରିବା ଦ୍ୱାରା ଏହା ଅପମାନିତ ହୋଇଛି। କିନ୍ତୁ ସ୍ଥଳବିଶେଷରେ ପ୍ରତ୍ୟେକ ଘଟଣାକୁ ଜଣାପଡୁଛି ଯେ, ଆମ ନେତୃତ୍ୱ ଭୁଲ୍ ବାଟରେ ଚାଲିଛି। ଆମକୁ ସୁଧାରିବା ଲାଗି କୌଣସି ବ୍ୟବସ୍ଥା ମଧ୍ୟ ଆମ ପାଖରେ ନ ଥିବା ଜଣାପଡୁଛି।

Email:aakar.patel@gmail.com

# ଟିକା ଆଉ ଆମ ଆଚରଣ

ସହଦେବ ସାହୁ

କୋଭିଡ୍ ୧୯ ଚାଲିଯିବ ନାହିଁ। ତା' ଉପରେ ଲଗାମ ଲଗାଇବାକୁ ହେଲେ ସାରା ପୃଥିବୀର ଲୋକଙ୍କୁ ଏକ ସମୟସୀମା ଭିତରେ ଟିକା ଦେବାକୁ ହେବ। ପ୍ରଥମତଃ ଟିକା ନେଇଥିବା ଲୋକ ଦେହରେ ରୋଗ ପ୍ରତିରୋଧକ ଶକ୍ତି ପ୍ରାୟ ବର୍ଷକ ଭିତରେ ଉଭେଇ ଯାଇଥିବ। ପୁଣି କୋଭିଡ୍ ୨୦, କୋଭିଡ୍ ୨୧ ଓ କୋଭିଡ୍ ୨୨ ବି ଆସିବ। ଡାରୱିନ୍ କହିଥିଲେ, ଏମିତି ବିବର୍ତ୍ତନ ସବୁଦିନେ ଚାଲିଛି। ପରିବେଶ ସହିତ ଖାପ ଖୁଆଇ ଚଳିବା ମାନେ ତ ବିବର୍ତ୍ତନ, କୋଭିଡ୍ ଭୂତାଣୁ ଆମ ମଣିଷମାନଙ୍କର ରୋଗ ପ୍ରତିରୋଧକ କ୍ରିୟାକଳାପକୁ ଖାପ ଖୋଇ ନୂଆ ରୂପ ନେବ। ମଣିଷ ସିନା ପୋଖତ ବ୍ୟକ୍ତିଟିଏ ହେବାକୁ ପନ୍ଦର ଷୋହଳ ବର୍ଷ ନେଉଛି, ଭୂତାଣୁ ତ ପ୍ରତିଦିନ ବା ଅତିବେଶିରେ ସପ୍ତାହେ ଭିତରେ ପୋଖତ ହୋଇଯାଉଛି, ପରିବେଶ ସହିତ ଖାପ ଖୋଇନେଉଛି। ତେଣୁ ସର୍ଦ୍ଦି ସହିତ ମଣିଷ ଯେମିତି ଚଳିଆସିଛି, ସେମିତି କୋଭିଡ୍ ସହିତ ଚଳିବ, ଅଥବା ଔଷଧ ବାହାରିବା ପରେ ଯେମିତି ଇନ୍‌ଫ୍ଲୁଏଞ୍ଜା ସହିତ ଆମେ ଚଳିଆସିଛୁ କିମ୍ବା ବ୍ୟୟବହୁଳ ଔଷଧ ବାହାରିବା ପରେ ଏଡ୍‌ସ ସହିତ ଅସଂଯତ ଯୌନ କାରବାର ଯୋଗୁ ସଂକ୍ରମିତ ଲୋକେ ଲଢ଼େଇ କରିଆସୁଛନ୍ତି, ସେହିପରି କେଇ ବର୍ଷ ଭିତରେ ଆମେ ସମସ୍ତେ କରୋନା ଭୂତାଣୁଜନିତ କୋଭିଡ୍ ରୋଗ ସହିତ ଲଢ଼େଇ କରିବାର କ୍ଷମତା (ଚିକିତ୍ସା ସୁବିଧା) ପାଇଯିବା। ଆମେ ଯେପରି ସର୍ଦ୍ଦି ରୋଗୀର କାଶ ଛିଙ୍କ ଖଙ୍କାରଠାରୁ ଦୂରରେ ରହୁଛୁ, ଅର୍ଥାତ୍ ସେପରି ଲୋକଠାରୁ ଦୂରରେ ରହୁଛୁ ଓ ଔଷଧ ଖାଉଛୁ; ଆଉ ଦି'ତିନି ବର୍ଷ ଭିତରେ ଆମେ ସେମିତି କରୋନା ସହିତ କାରବାର କରିବା। ଏହାର ଅର୍ଥ ଅଜଣା ଲୋକଠାରୁ ବା ନୂଆ କରି ପାଖକୁ ଆସୁଥିବା ଲୋକଠାରୁ ଦୂରେଇ ରହିବା, ସଙ୍ଗରୋଧ ବା ସୋସିଆଲ୍ ଡିଷ୍ଟାନ୍ସିଂ ମାନିବା, ତା' ସାଙ୍ଗରେ ଜନ ସ୍ୱାସ୍ଥ୍ୟରକ୍ଷା ମାନିବା ଯଥା ମୁହଁ ଓ ନାକ ଘୋଡ଼ାଇବା ମାସ୍କ ଲଗାଇବା, ଯେତେବେଳେ ହାତ ବ୍ୟବହାର କରୁଛୁ ବା ପଦାକୁ ଯାଉଛୁ, ସେତେବେଳେ ଏବଂ ଘରକୁ ଫେରିବା ବେଳେ ହାତ ଗୋଡ଼ ଧୋଇବା। ଟିକା ନେଇ ନ ଥିବା ଲୋକ ସହିତ ମିଳାମିଶା ଛାଡ଼ିଦେବା ଆମ ଆଚରଣରେ ପଡ଼ିଯିବା କଥା।

ଆମେରିକାର ସିଡିସି (ସେଣ୍ଟର୍ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍) ଲୋକଙ୍କୁ କହିଛି, ଟିକା ନେଇଛ ମାନେ ତୁମେ ସାଙ୍ଗସାଥୀ ଓ ପରିବାର ସହିତ ଭୋଜନରେ ବସିପାର। ଟିକା ନେଇ ନ ଥିବା ଲୋକ ସହିତ ସମ୍ପର୍କ ରଖିବା ରୋଗକୁ ଡାକି ଆଣିପାରେ। ପୂରା ଟିକା ନେଇଛ ମାନେ ମଡର୍ନା ବା ଫାଇଜର୍ ଟିକା ଦୁଇ ପାନ ନେଇଥିବ, ଯେମିତି ଆମ ଦେଶର କୋଭିଶିଲ୍ଡ ବା କୋଭାକ୍ସିନ୍। ଅଥବା ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଟିକା ଥରେ ନେଇଥିବ ତ ଯଥେଷ୍ଟ। ସମ୍ପୂର୍ଣ୍ଣ ଟିକା ପରେ ତିନି ଚାରି ସପ୍ତାହ ଅପେକ୍ଷା କରିବ, ସେତେବେଳକୁ ତୁମ ଦେହରେ ରୋଗ ପ୍ରତିରୋଧ ଶକ୍ତି ବଢ଼ିଯାଇଥିବ। ତେବେ ବି ସମସ୍ତଙ୍କ ସାଙ୍ଗରେ ମିଶିବ ନାହିଁ; ଘର ଭିତରେ ତୁମ ପରିବାର ସହିତ ତ ରହିପାରିବ, ଅନ୍ୟ ଟିକା ନେଇଥିବା ଲୋକଙ୍କ ସହ ବାହାରେ ଓ ଘର ଭିତରେ ମିଶିପାର, ମାସ୍କ ନ ଦେଲେ ବି। ମାତ୍ର ନିଜ ଅଞ୍ଚଳ ବାହାରକୁ ଯାଅ ନାହିଁ।

ମନେରଖ, ତୁମେ ଯଦି ଥରେ ମାତ୍ର କୋଭାକ୍ସିନ୍ ବା କୋଭିଶିଲ୍ଡ ନେଇଛ, ତୁମେ ପୂରା ଟିକା ନେଇନାହଁ, ସେଇମିତି ଦୁଇଥରଯାକ ଟିକା ନେଇଥିଲେ ବି ଦ୍ୱିତୀୟ ଟିକା ନେବା ପରେ ଅତିକମ୍‌ରେ ଦୁଇ ସପ୍ତାହ ଘର ଭିତରେ ନ ବିତାଇଛ, ତୁମର ରୋଗ ପ୍ରତିରୋଧକ ଶକ୍ତି ଆସିନାହିଁ। ତେଣୁ ସବୁ କଟକଣା ମାନିବା ଦରକାର। ଟିକା ସମ୍ପୂର୍ଣ୍ଣ ନେଇଥିଲେ ବି ଯଦି ବାହାରକୁ ଯାଉଛ, ଜନସାଧାରଣ ହାଉଯାଉ ହେଉଥିବା ଜାଗାକୁ ଯାଉଛ, ମାସ୍କ ପିନ୍ଧା ଆଉ ସୋସିଆଲ୍ ଡିଷ୍ଟାନ୍ସିଂ ସହ ହାତଧୁଆ ମାନିବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ସାରା ସମାଜରେ ଟିକା ଦିଆ ନ ଯାଇଛି, ସେଯାଏ କଟକଣା ମାନିବାକୁ ପଡ଼ିବ। ଅବଶ୍ୟ ଭୂତାଣୁ ସଂକ୍ରମଣ ଜାଗାକୁ ଟିକା ନେଇଥିବା ଲୋକ ଯାଇଥିଲେ କଣ୍ଟାକ୍ଟ ଟ୍ରେସିଂରେ ସେ ଧରାପଡ଼ିଲେ ବି ଟିକା ନେଇଥିବା କାରଣରୁ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବା ଦରକାର ନାହିଁ।

ଟିକା ଦେବାରେ ପାନ୍ତରଅନ୍ତର ବେଶ୍ ଦେଖାଯାଉଛି, ଯେମିତି ଅକାଳ ପଡ଼ିଲେ ରେସନ ବାଣ୍ଟିବାରେ ପାନ୍ତରଅନ୍ତର ଆସିଯାଏ। ଏବେ ଇସ୍ରାଏଲ ଦେଶ ଟିକାକରଣରେ ବିଶ୍ୱର ଶୀର୍ଷରେ ଅଛି। ନିରିଖେଇ ଦେଖିଲେ ସେ ଦେଶରେ ସମସ୍ତେ ସମାନ ଭାବରେ ପାଇନାହାନ୍ତି। ୬୭% 'ଆରବ ଇସ୍ରାଏଲୀ' ଓ 'ଇସ୍ରାଏଲୀ ହାରେଡି ଜୁଙ୍କୁ, ଅଥଚ ବାକି ଲୋକଙ୍କ ଭିତରୁ ୯୦%କୁ ଟିକା ଦିଆଯାଇଛି। ଅବଶ୍ୟ ଲକ୍ଷ୍ୟଠାରୁ ଦୂରରେ ଥିବାର ଦୁଇଟି କାରଣ ଅଛି। ୧ମ କଥା, କେତେକ ଲୋକ ଟିକା ନେବାକୁ ଚାହୁଁନାହାନ୍ତି, ୨ୟ କାରଣ ବହୁତ ଲୋକ ଟିକା ମିଳିବା ଜାଗାରୁ ବହୁତ ଦୂରରେ ଅଛନ୍ତି। ଆମେରିକାରେ ବି ସେହି କଥା। ମାର୍ଚ୍ଚ ୧୫ ସୁଦ୍ଧା ଦୁଇ ତୃତୀୟାଂଶ ଗୋରା ଆମେରିକାନ୍, ୧୦%ରୁ କମ୍ ହିସ୍ପାନିକ୍ ବା କଳା ଲୋକଙ୍କୁ ଟିକା ଦିଆଯାଇଛି– ସେମାନେ ଯଥାକ୍ରମେ ୧୮% ଓ ୧୩.୪%। ଟିକା ନେବାକୁ ଅମଙ୍ଗ ଲୋକେ ମିଛ ଖବର ଦେଉଛନ୍ତି। ଯେମିତି ମୁସଲମାନଙ୍କୁ କୁହାଯାଉଛି, ଟିକାରେ ଘୁଷୁରି ଚର୍ବି ମିଶିଛି। ହ୍ୱାଟ୍‌ସଆପ୍ ଓ ଅନ୍ୟ ସୋସିଆଲ୍ ମିଡିଆରେ ପ୍ରଚାର ହେଉଛି ଏବଂ ସାଧାରଣ ଲୋକେ ନିଜ ନିଜ ଭିତରେ ଫୁସ୍‌ଫୁସ୍ ହୋଇ ମିଛଟା ବେଶି ବ୍ୟାପୁଛି। ପୁଣି ଶିକ୍ଷିତମାନେ ଖରାପ ଉଦାହରଣ ସୃଷ୍ଟି କରୁଛନ୍ତି। ଭୁବନେଶ୍ୱରର ଏକ୍ସଆଇଏମ୍‌ବି ଭଳି ଅଭିଜାତ କଲେଜରେ ୨୭ ଜଣ ପିଲା ଆକ୍ରାନ୍ତ ହୋଇଥିବାର ଖବର ପଢ଼ି ବା ଶୁଣି ଲୋକେ ଭାବୁଛନ୍ତି ଏଭଳି ପିଲାମାନେ ତ କୋଭିଡ୍–୧୯ ନିୟମାବଳି ମାନୁନାହାନ୍ତି, ଆମେ ମାନି ଲାଭ କ'ଣ ? ସେମାନେ କ'ଣ କୋଭିଡ୍–୧୯ ନିୟମାବଳୀ ଜାଣିନାହାନ୍ତି ? ବଡ଼ କାରଣ ହେଉଛି ସାଙ୍ଗମାନଙ୍କ ସହ ମିଳାମିଶା, ସେମାନଙ୍କ ପରିବାରକୁ ଯିବାଆସିବା। ବୟସ ଯାହା ସେମାନେ ସମ୍ଭାଳିଯିବେ, କିନ୍ତୁ ସେମାନଙ୍କ ଦ୍ୱାରା ଯେ କୋଭିଡ୍ ୧୯ ଓ ତାହାର ବିବର୍ତ୍ତିତ ରୂପ ଭୁବନେଶ୍ୱର ସାରା ବ୍ୟାପିଯିବ ସେମାନେ ଭୁଲି ଯାଇଛନ୍ତି। କରୋନା ଭାଇରସ୍ ସମ୍ବନ୍ଧରେ ଜାରି ହୋଇଥିବା ନିୟମମାନ ମାନିଥିଲେ ସେମାନେ ସଂକ୍ରମଣର ବାହକ ହୋଇନଥାନ୍ତେ। ଆମେରିକାରେ ବି ଡରହାମ୍‌ରେ ଡ୍ୟୁକ୍ ୟୁନିଭର୍ସିଟିରେ ୧୮୦ ଛାତ୍ରୀଛାତ୍ର ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ସେମାନେ ଅତିକମ୍‌ରେ ସପ୍ତାହେ ରୁମ୍ ଭିତରେ ରହିବେ, ଅତି ଦରକାର ନ ହେଲେ ବାହାରକୁ ବାହାରିବେ ନାହିଁ ବୋଲି କୁହାଯାଇଛି। କ୍ୟାମ୍ପସ୍ ବାହାରେ ଫ୍ରାଟର୍ନିଟି ରିକ୍ରୁଟମେଣ୍ଟ ବେଳେ ବ୍ୟକ୍ତିମାନଙ୍କର ବେଖାତିର ବ୍ୟବହାର ଏମିତି ସଂକ୍ରମଣ ଆଣିଥିବ। ଏମିତିକା ମେଳଣ କରାଇଥିବା ଲୋକ ଏ ସଂକ୍ରମଣ ପାଇଁ ଦାୟୀ ରହିବେ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମ ଦେଶରେ ମେଳା ମଉଛବ ସେମିତି ସଂକ୍ରମଣ ବଢ଼ାଇବ।

ପିଲାମାନଙ୍କ ପାଇଁ ଗୋଟିଏ ଭଲ ଖବର– ଆମେରିକାର ଏକ ଅନୁଧ୍ୟାନ କହିଛି ଯେ; ଶ୍ରେଣୀଗୃହରେ ଛ' ଫୁଟ୍ ନୁହେଁ, ତିନି ଫୁଟ୍ ଦୂରତା ସ୍କୁଲ ପିଲାମାନଙ୍କ ପାଇଁ ଯଥେଷ୍ଟ। ଯଦି ଅନ୍ୟ ସବୁ ନିରାପା ବ୍ୟବସ୍ଥା ଠିକ୍ ଥିବ– ଅର୍ଥାତ୍ ମୁଖାପିନ୍ଧା, ହାତଧୁଆ ନିୟମ ମାନୁଥିବେ। ଅବଶ୍ୟ ଶ୍ରେଣୀଗୃହ ଡିସ୍‌ଇନ୍‌ଫେକ୍ଟେଡ୍ ହେଉଥିବ। କ୍ଲିନିକାଲ୍ ଇନ୍‌ଫେକ୍ସସ୍ ଡିଜିଜେସ୍ ପତ୍ରିକାରେ ସମ୍ପ୍ରତି କୁହାଯାଇଛି। ତା'ହେଲେ ପିଲାମାନେ ସ୍କୁଲକୁ ଫେରିପାରିବେ। କିନ୍ତୁ ପ୍ରକୃତ ସଂକ୍ରମଣ ଜଣାପଡ଼ିବ ନାହିଁ। କାରଣ କରୋନା ଭାଇରସ୍‌ରେ ସଂକ୍ରମିତ ପିଲାଏ ପ୍ରାୟ ହସ୍ପିଟାଲକୁ ଆସିବା ଭଳି ବେମାର ହେବେ ନାହିଁ। ପିଲା ଓ କିଶୋର କିଶୋରୀମାନେ ଗୁରୁତର ବେମାରରେ ପଡ଼ିବାର ସମ୍ଭାବନା ବୟସ୍କମାନଙ୍କ ତୁଳନାରେ ବହୁତ କମ୍। ସେମାନେ ପ୍ରାୟ ହସ୍ପିଟାଲ୍ ଆସିବେ ନାହିଁ କି ସେମାନଙ୍କ ଉପରେ ପରୀକ୍ଷା କରାଯିବ ନାହିଁ। ଅସଲ କଥା ହେଉଛି, ଯେ ଯାଏ ତୁମେ ବଡ଼ ବଡ଼ ମେଳାରେ ପଶୁଛ ବା ବହୁ ଲୋକଙ୍କ ମେଳରେ ରହୁଛ, ତୁମେ ଯଦି କରୋନାବିରୋଧୀ ସୁରକ୍ଷା ନିୟମ ସବୁ ନ ମାନୁଛ, ତୁମେ ଯେତେଥର ଟେଷ୍ଟରେ ନେଗେଟିଭ୍ ହେଲେ ବି ତୁମେ ବା ତୁମର ନିଜ ଲୋକେ ସଂକ୍ରମିତ ହେବାର ପରିସ୍ଥିତି ଆଣୁଥିବ।

ରାଜନୈତିକ ବିରୋଧତା ବି ସଂକ୍ରମଣ ବଢ଼ାଉଛି– ଯେମିତି ଆମେରିକାରେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ କରୁଛନ୍ତି। ଆମେ ଜାଣୁ, ସେ ପଦ ଛାଡ଼ିବା ପୂର୍ବରୁ ଜାନୁୟାରୀ ମାସରେ ନିଜେ ଚୁପ୍‌ଚାପ୍ ଟିକା ନେଇଛନ୍ତି। ସେ ରିପବ୍ଲିକାନ୍‌ମାନଙ୍କ ବହୁତ ପ୍ରିୟ। ସେ ଟିକା ସପକ୍ଷରେ କହିଲେ ଲୋକେ ଟିକା ସଫଳତା ଉପରେ ନିଶ୍ଚିତ ହୋଇଯାଆନ୍ତେ। ସେ ଅର୍ଲାଣ୍ଡୋର ଗୋଟିଏ ମିଟିଂରେ ପ୍ରତ୍ୟେକ ଲୋକ ଟିକା ନିଅନ୍ତୁ ବୋଲି କହିଥିଲେ। କିନ୍ତୁ ରାଜନୈତିକ ବିଭେଦତା ତ ପୂର୍ବତନ ରାଷ୍ଟ୍ରପତିଙ୍କ ରକ୍ତରେ ରହିଛି, ଯେମିତି ଆମ ଦେଶରେ ଏମିତିକା ଲୋକ ବି ଅଛନ୍ତି; ଯେଉଁମାନେ କହୁଛନ୍ତି ଅମୁକ ଟିକା ନିଅନାହିଁ, ସେଥିରେ ଅମୁକ ଅମୁକ ଦୋଷ ଅଛି। କୋଭିଡ୍–୧୯ ରୋଗୀ ଆମେରିକାରେ ଖର୍ଚ୍ଚବହୁଳ ନର୍ସିଂ ହୋମଗୁଡ଼ିକରେ ରୋଗଶଯ୍ୟାରେ ବହୁସଂଖ୍ୟାରେ ପ୍ରାଣ ହରାଇଛନ୍ତି ବୋଲି ଆମେ ଶୁଣିଛୁ। କାଲିଫର୍ନିଆ ସରକାର ତ ନର୍ସିଂହୋମ୍ ଚେନ୍ ବିରୋଧରେ ମକଦ୍ଦମା କରିଛନ୍ତି ଯେ, ସେମାନେ କିପରି ଅସୁରକ୍ଷିତ ପରିସ୍ଥିତି ରଖିଥିବା ସତ୍ତ୍ୱେ ରେଟିଂ ସିଷ୍ଟମ୍‌କୁ ପ୍ରଭାବିତ କରି ବା ହିସାବ ହେରଫେର କରି ଭଲ ରେଟିଂ ପାଇଛନ୍ତି। ଆମ ରାଜ୍ୟରେ ବହୁତ ଘରୋଇ ହସ୍ପିଟାଲ୍ (ପ୍ରାଇଭେଟ୍ କଲେଜ ଓ ବିଶ୍ୱବିଦ୍ୟାଳୟ କଥା ଛାଡ଼) ଏମିତି ଭାବରେ ଆଇଏସ୍‌ଓ ସାର୍ଟିଫିକେଟ୍ ହାସଲ କରୁଛନ୍ତି, ଯେମିତି ବହୁତ ସୋସାଇଟି ଓ ଆସୋସିଏଶନ୍ ଭଲ ଅଡିଟ୍ ରିପୋର୍ଟ ହାସଲ କରିଥାଆନ୍ତି। ଯେଉଁ ଲୋକେ ଟଙ୍କାକୁ ଭଗବାନ୍ ଭାବନ୍ତି, ସେମାନେ ରୋଗୀ–ଶରୀର ନିଶ୍ଚଳ ହୋଇ ଯାଇଥିଲେ ବି ସେ ମରିନାହିଁ ବୋଲି ଆଉ କିଛି ଦିନ ଆଇସିୟୁର ବ୍ୟୟବହୁଳ ଭଡ଼ା ଆଦାୟ କରନ୍ତି। ଏମାନେ କରୋନା ସଂକ୍ରମଣ ବଢ଼ାଉଛନ୍ତି। ସାଧାରଣ ଚିନ୍ତାଶୀଳ ଲୋକେ ଲୋକପ୍ରତିନିଧିମାନଙ୍କୁ ଦାୟୀ କରିବାର ବେଳ ଆସିଗଲାଣି।

sahadevas@yahoo.mail

# ସ୍ୱାଧୀନଚେତା ବିଚାରପତି

ପକେଟରେ ମାତ୍ର ୧୦ ଟଙ୍କା ଧରି ଟ୍ରକ୍‌ରେ ମାଉସୀ ଘରକୁ ପଳାଇଯିବା ପାଇଁ ତାଙ୍କୁ ପିତା ପରାମର୍ଶ ଦେଇଥିଲେ। ୧୯୭୫ ମସିହାରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ଚାରିଆଡ଼େ କୋକୁଆଭୟ ଜାତ ହୋଇଥିଲା ଯେ, ପୋଲିସ ଯେତେବେଳେ ଯାହାକୁ ଚାହିଁବ ଗିରଫ କରିନେବ। ୧୮ ବର୍ଷର ପଢ଼ୁଆ ସ୍ୱାଧୀନଚେତା ଯୁବକ ହୋଇଥିବାରୁ ଆବେଗକୁ କାଳେ ଚାପି ନ ରଖି ସରକାରଙ୍କ ବିରୋଧରେ କ'ଣ କହିଦେବ, ସେହି ଚିନ୍ତା ପିତାଙ୍କୁ ଘାରିଥିଲା। ଚାଷୀ ପରିବାର ଲୋକ ହୋଇଥିବାରୁ ତାଙ୍କର ପୋଲିସ, କୋର୍ଟ କଚେରିକୁ ପ୍ରବଳ ଭୟ। ଯେଉଁ ପୁଅର ଭବିଷ୍ୟତ ପାଇଁ ପିତା ଦିନେ ସନ୍ଦିହାନ ଥିଲେ, ସେ ୨୪ ଏପ୍ରିଲ ୨୦୨୧ରେ ଭାରତର ୪୮ତମ ପ୍ରଧାନ ବିଚାରପତି (ସିଜେଆଇ) ହେବାକୁ ଯାଉଛନ୍ତି। ନ୍ୟାୟପାଳିକାରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ଆଗରେ ଯେତେ ବାଧାବିଘ୍ନ ଆସିଲେ ବି ଜଷ୍ଟିସ୍ ନୁଥାଲାପତି ଭେଙ୍କେଟ ରମନାଙ୍କ ବ୍ୟକ୍ତିତ୍ୱଙ୍କୁ ନିରେଖିଲେ ନିଶ୍ଚିତ ସଳଖି ଛିଡ଼ା ହେବା ପାଇଁ ପ୍ରେରଣା ପାଇବେ।

ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ପୋନାଭରମ୍‌ଠାରେ ଜଷ୍ଟିସ୍ ରମନା ୨୭ ଅଗଷ୍ଟ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ। ଆଇନ ପାଠ ଶେଷ କରିବା ପରେ ସେ ୧୦ ଫେବୃୟାରୀ ୧୯୮୩ରେ ଆଇନଜୀବୀ ଭାବେ ନାମ ପଞ୍ଜୀକରଣ କରିଥିଲେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ, କେନ୍ଦ୍ରୀୟ ତଥା ଆନ୍ଧ୍ରପ୍ରଦେଶ ପ୍ରଶାସନିକ ଟ୍ରିବ୍ୟୁନାଲ ଓ ପରେ ସୁପ୍ରିମ୍‌କୋର୍ଟରେ ଆଇନ ବ୍ୟବସାୟ କରି ଖ୍ୟାତି ଅର୍ଜନ କରିଥିଲେ। ଦେୱାନି, ଫୌଜଦାରି, ସାମ୍ବିଧାନିକ, ଶ୍ରମ, ସେବା ଏବଂ ନିର୍ବାଚନ ସଂକ୍ରାନ୍ତ ମାମଲା ପରିଚାଳନାରେ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି। ଆଇନର ଜଟିଳ ସଂଜ୍ଞାକୁ ବୁଝାଇବାରେ ସ୍ୱକୀୟ ପ୍ରତିଭା ତାଙ୍କୁ ସରକାରୀ ପ୍ୟାନେଲ କାଉନସେଲ୍ ଭାବେ କାର୍ଯ୍ୟ କରିବାର ସୁଯୋଗ ଦେଇଥିଲା। ସେ ମଧ୍ୟ ଆନ୍ଧ୍ରପ୍ରଦେଶର ଅତିରିକ୍ତ ଆଡ୍‌ଭୋକେଟ ଜେନେରାଲ ରହିଥିଲେ। ଟିକସ, ସମ୍ବିଧାନ, ଆର୍ବିଟ୍ରେଶନ ଏବଂ ଫୌଜଦାରି ଆଇନ ଉପରେ ତାଙ୍କର ଐତିହାସିକ ରାୟ ବରିଷ୍ଠ ଆଇନ ବିଶାରଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ବିଚାରପତି ଭାବେ ତାଙ୍କ କ୍ୟାରିୟରକୁ ଦେଖିଲେ ସେ ୨୭ ଜୁନ୍ ୨୦୦୦ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨ ସେପ୍ଟେମ୍ବର ୨୦୧୩ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ହେବାର ସୌଭାଗ୍ୟ ମିଳିଥିଲା। ପରବର୍ତ୍ତୀ ସମୟରେ ୧୭ ଫେବୃୟାରୀ ୨୦୧୪ରେ ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ହୋଇଥିଲେ। ୨୩ ଏପ୍ରିଲ ୨୦୨୧ରେ ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଅବସର ନେବା ପରେ ଜଷ୍ଟିସ୍ ରମନା ସର୍ବୋଚ୍ଚ ଅଦାଳତର ଶୀର୍ଷ ପଦବୀ

**ବ୍ୟକ୍ତିତ୍ୱ**



ଜଷ୍ଟିସ୍ ଏନ୍.ଭି. ରମନା

ମଣ୍ଡନ କରିବେ। ଜଷ୍ଟିସ୍ ବୋବ୍‌ଡେ ବରିଷ୍ଠତା ଭିତ୍ତିରେ ରମନାଙ୍କ ନାମ ସରକାରଙ୍କୁ ସୁପାରିସ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଚର୍ଚ୍ଚିତ ହୋଇଛି। ୨୦୨୦ ଜାନୁୟାରୀରେ ଜଷ୍ଟିସ୍ ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁକଶ୍ମୀରରେ ଜାରି ଦୀର୍ଘକାଳୀନ କଟକଣା ପଛର ଗୋପନୀୟତା ସାମ୍ନାକୁ ଆଣିଥିଲେ। କେନ୍ଦ୍ର ସରକାର ନେଉଥିବା ପ୍ରତ୍ୟେକ ପଦକ୍ଷେପ ୭୦ ଲକ୍ଷ କଶ୍ମୀରୀଙ୍କ ମୌଳିକ ସ୍ୱାଧୀନତାକୁ ପଙ୍ଗୁ କରିଦେଇଛି। ତେଣୁ ସରକାର ସମସ୍ତ ନିର୍ଦ୍ଦେଶନାମା ପ୍ରକାଶ କରନ୍ତୁ ବୋଲି ଜଷ୍ଟିସ ରମନା ରାୟ ଦେଇଥିଲେ। ଏଥିରୁ ତାଙ୍କ ସ୍ୱାଧୀନଚେତା ବିଚାରବୋଧ ପ୍ରତିଫଳିତ ହୋଇଛି। ଅବଶ୍ୟ ଗତ କିଛିମାସ ହେବ ତାଙ୍କ ସାଧୁତା ଉପରେ ପ୍ରଶ୍ନ ଉଠିଥିଲା। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ୭ ଅକ୍ଟୋବର ୨୦୨୦ରେ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ନିକଟକୁ ପତ୍ର ଲେଖି ରମନାଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ରମନା ତାଙ୍କ ସରକାରରେ ଅସ୍ଥିରତା ସୃଷ୍ଟି କରିବା ସକାଶେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ବିଚାରପତିଙ୍କୁ ପ୍ରଭାବିତ କରୁଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସପକ୍ଷରେ ଯାଇ ବର୍ତ୍ତମାନ ନିର୍ବାଚିତ ସରକାର ବିରୋଧରେ କାର୍ଯ୍ୟ କରୁଥିବା ଜଗନ୍‌ମୋହନ ଉକ୍ତ ପତ୍ରରେ ଉଲ୍ଲେଖ କରିଥିଲେ। ତେବେ ୨୪ ମାର୍ଚ୍ଚ ୨୦୨୧ରେ ରେଡ୍ଡୀଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗ ସୁପ୍ରିମ୍‌କୋର୍ଟଙ୍କ ଇନ୍‌ହାଉସ୍ ଶୁଣାଣିରେ ଖାରଜ ହେବା ପରେ ଜଷ୍ଟିସ୍ ରମନାଙ୍କ ଉଚ୍ଚପଦବୀରେ ଆସୀନ ହେବା ଲାଗି ପଥ ପରିଷ୍କାର ହୋଇଯାଇଛି।

ଆଜିର ସମୟରେ ଭାରତୀୟ ନ୍ୟାୟପାଳିକାର ଭୂମିକା ଉପରେ ବିଭିନ୍ନ ଆଢୁ ପ୍ରଶ୍ନ କରାଗଲାଣି। ସମୟ ଥିଲା, କୋର୍ଟ ବିରୋଧରେ କହିଲେ କନ୍‌ଟେମ୍ପଟ୍ ଅଫ୍ କୋର୍ଟ ବା ଅଦାଲତ ଅବମାନନା ଭାବେ ତାହାକୁ ବିବେଚନା କରାଯାଉଥିଲା। ଏବେ ମଧ୍ୟ ଅନେକ ଗମ୍ଭୀର ବିଷୟରେ ଅଦାଲତକୁ ସମାଲୋଚନା କଲେ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି। ତଫାତ୍ ଏହା ଯେ, ସୋସିଆଲ ମିଡିଆର ବ୍ୟାପକ ପ୍ରସାର ସାଧାରଣ ନାଗରିକଙ୍କୁ ତଥ୍ୟ ଜାଣିବା ଏବଂ ଭୁଲ୍ ଓ ଠିକ୍‌କୁ ତର୍ଜମା କରିବାର ପ୍ରମୁଖ ମଞ୍ଚ ସୃଷ୍ଟି କରିଦେଇଛି। ତେଣୁ ନ୍ୟାୟପାଳିକାର ଭୁଲ୍‌ଭଟକା ଦେଖିଲେ ଅନେକେ ସମାଲୋଚନା କରିଦେଉଛନ୍ତି। ଏଭଳି ସ୍ଥଳେ ବିଚାରପତିଙ୍କ ସ୍ୱଚ୍ଛତା ବଜାୟ ରଖିବା ଅଧିକ ଗୁରୁତ୍ୱ ବହନ କରୁଛି। ଅନ୍ୟପକ୍ଷରେ ଦେଶର ନିମ୍ନ ଅଦାଲତରୁ ସର୍ବୋଚ୍ଚ ଅଦାଲତ ଯାଏ ପ୍ରାୟ ୨କୋଟିରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ଦାୟିତ୍ୱ ଗ୍ରହଣଠାରୁ ୨୬ ଅଗଷ୍ଟ ୨୦୨୨ ଯାଏ ଜଷ୍ଟିସ ରମନା ଦେଶର ପ୍ରଧାନ ବିଚାରପତି ରହିବା ମଧ୍ୟରେ ନ୍ୟାୟ ବ୍ୟବସ୍ଥାରେ କିଛି ନୂତନତ୍ୱ ଆଣିବେ ବୋଲି ଆଶା କରାଯାଉଛି। ଗାଁର କୃଷକ ପରିବାରରୁ ଆସିଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଭାରତର ପ୍ରତ୍ୟେକ ସ୍ଥିତିକୁ ପରଖିବା ଲାଗି ଜୀବନବ୍ୟାପୀ ଅଭିଜ୍ଞତା ନିଶ୍ଚିତ ସହାୟକ ହେବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଚାକିରି ଛାଡ଼ି ଜମ୍ମୁ–କଶ୍ମୀରରେ ପ୍ରଥମ ଅନ୍‌ଲାଇନ ଗ୍ରସେରି ଷ୍ଟୋର କରିବାର ଶ୍ରେୟ ନେଇଛନ୍ତି ମଲିକ ଆଦିଲ୍। ଜମ୍ମୁ–କଶ୍ମୀରର ବନ୍ଦିପୁର ଅଞ୍ଚଳର ମଲିକ ଦିନକୁ ୪୦୦ ଅର୍ଡର ପାଉଛନ୍ତି ଓ ୭୦ ମିନିଟ୍ ମଧ୍ୟରେ ଦୁର୍ଗମ ଅଞ୍ଚଳରେ ରାଶନ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ତାଙ୍କ ଷ୍ଟୋରର ନାମ ରଖିଛନ୍ତି 'ଗ୍ରେକ୍ସେରି'। ମଲିକ ମାର୍କେଟିଂରେ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ବେଙ୍ଗାଲୁରୁରେ ଏକ ଅନ୍‌ଲାଇନ ଗ୍ରୋସେରି ଡେଲିଭରି ଷ୍ଟୋରରେ କାର୍ଯ୍ୟ କରୁଥିଲେ। ପରେ କଶ୍ମୀର ଫେରି ଶ୍ରୀନଗରରେ ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ ଲକ୍‌ଡାଉନ ସମୟରେ ବନ୍ଦିପୁର ଫେରିବା ପରେ ବୟସ୍କ ଲୋକମାନେ ଗ୍ରୋସେରି ସାମଗ୍ରୀ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟକରି ସେ ତାଙ୍କ ସାଙ୍ଗମାନଙ୍କ ସହଯୋଗରେ ସେମାନଙ୍କୁ ସାମଗ୍ରୀ ଯୋଗାଉଥିଲେ। ଏହାପରେ ଜୁଲାଇ, ୨୦୨୦ରେ ସେ ଇ–କମର୍ସ ଷ୍ଟୋର ଆରମ୍ଭ କରି ସେବେଠାରୁ ଲୋକମାନଙ୍କ ପାଖରେ ସାମଗ୍ରୀ ପହଞ୍ଚାଇବାରେ ଲାଗିଛନ୍ତି। ୭୦% ପେମେଣ୍ଟ ଅନ୍‌ଲାଇନରେ ହେଉଛି। ଏବେ ମଲିକ ତାଙ୍କ ଟିମ୍‌ରେ ୩୫ଜଣଙ୍କୁ ସାମିଲ୍ କରିଛନ୍ତି। ସେ ଆଗକୁ ୧୦୦ ଜଣଙ୍କୁ ନିଯୁକ୍ତି ଦେଇ ଲୋକମାନଙ୍କ ପାଖରେ ସହଜରେ ଓ କମ୍ ସମୟରେ ଗ୍ରୋସେରି ସାମଗ୍ରୀ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମାର୍ଚ୍ଚ ୧୯୯୬

- ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ରୁଷ୍‌କୁ ୩ ବର୍ଷ ପାଇଁ ଏକ ହଜାରର ଲକ୍ଷ ଡଲାର ୩ ବର୍ଷିଆ ଋଣ ପ୍ରଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛି।
- କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମା ୧୦ ଗୋଟି ଅଧ୍ୟାଦେଶ ପୁନର୍ବାର ଜାରି କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 7 | B | 3 | | D | 4 | | | | | C |
| | | | | | | C | | | 7 | | | | | 6 |
| | 9 | | | | 0 | 2 | | A | B | E | | | | |
| | 2 | | 4 | | | 1 | 8 | 9 | 0 | | | E | | |
| | 6 | A | 2 | 5 | | | | 7 | | | | | 4 | 0 |
| | | E | | | 1 | | | 8 | | 7 | | | | |
| 8 | B | | 6 | | C | 5 | | | | | | | | 9 |
| | | 4 | | | | | D | | 6 | B | | | | |
| | | | | | | | | | D | 3 | A | 5 | | |
| | | 3 | | B | 7 | | | | | | | | 8 | 4 |
| | | | | 3 | | 7 | C | | | | 6 | | | |
| | E | 5 | | 0 | | D | | 6 | | C | | | 9 | |
| | | 8 | B | A | E | | | | | 5 | 9 | 2 | | |
| B | 0 | | 7 | | 9 | | | 1 | E | | | | C | 3 |
| | | | 8 | | 4 | | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | C | 4 | A | 3 | 6 | 0 | 1 | E | 8 | B | 2 | 9 | 7 |
| B | 7 | 0 | C | 6 | 9 | 8 | E | 2 | 5 | 1 | D | 3 | 4 | A |
| 8 | 3 | 2 | 1 | D | 0 | B | 7 | 9 | A | 4 | 6 | 5 | C | E |
| 9 | E | 1 | B | 5 | 7 | 4 | C | A | 3 | 0 | 2 | 6 | D | 8 |
| A | 4 | 6 | 8 | 2 | E | D | 3 | 5 | C | 9 | 7 | B | 1 | 0 |
| 1 | B | 3 | A | 0 | 2 | E | 9 | 4 | D | 5 | C | 7 | 8 | 6 |
| C | D | 4 | 7 | 8 | B | 2 | A | 6 | 9 | 3 | E | 1 | 0 | 5 |
| 7 | 2 | 8 | 6 | 1 | C | 5 | D | B | 4 | A | 0 | E | 3 | 9 |
| E | A | 9 | 3 | 4 | 5 | 0 | 1 | C | 6 | 7 | 8 | D | B | 2 |
| 6 | 0 | 5 | 9 | E | D | 3 | 8 | 7 | 2 | B | 1 | C | A | 4 |
| 4 | C | E | D | 7 | A | 9 | B | 3 | 0 | 2 | 5 | 8 | 6 | 1 |
| 3 | 9 | A | 5 | C | 6 | 1 | 2 | 8 | B | E | 4 | 0 | 7 | D |
| 5 | 1 | D | E | B | 4 | 7 | 6 | 0 | 8 | C | 9 | A | 2 | 3 |
| 2 | 8 | B | 0 | 9 | 1 | A | 5 | D | 7 | 6 | 3 | 4 | E | C |
| 0 | 6 | 7 | 2 | 3 | 8 | C | 4 | E | 1 | D | A | 9 | 5 | B |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସରକାର ଗାନ୍ଧିବାଦରେ ଚାଲୁ ନାହିଁ

ମହାଶୟ,

ଗାନ୍ଧିଜୀଙ୍କ ଆଦର୍ଶରେ ସରକାର ଚାଲିଥିଲେ କୃଷକମାନଙ୍କୁ ରାସ୍ତାକୁ ଆସିବାକୁ ପଡି ନ ଥାନ୍ତା। ଗାନ୍ଧୀ ଖଦି, ଗ୍ରାମ ସ୍ୱରାଜ, କୁଟୀରଶିଳ୍ପର କଥା କହୁଥିଲେ କିନ୍ତୁ ଏବର ସରକାର ଶିଳ୍ପାୟନର ସ୍ୱପ୍ନ ଦେଖିଲେ। ଏହି କାରଣରୁ ଦୀର୍ଘଦିନ ହେଲା କୃଷକମାନେ ରାସ୍ତାରେ ବସିଛନ୍ତି। ସତୁରି ବର୍ଷ ଭିତରେ ଦେଶରେ ଏବେ ସବୁଠୁ ଅଧିକ ବେରୋଜଗାରୀ ରହିଛନ୍ତି। ସରକାର ପ୍ରଥମେ ରାଜ୍ୟର ବେକାରି ସମସ୍ୟା ପ୍ରତି ଧ୍ୟାନ ଦେବା ଦରକାର। ଆବଶ୍ୟକ ଅନୁସାରେ ରାଜ୍ୟରେ ରୋଜଗାର ସୃଷ୍ଟି କରାଯାଉନାହିଁ। ସେଥିପାଇଁ ଯୋଗ୍ୟତା ଥାଇ ଯୁବ ଗୋଷ୍ଠୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। କୃଷକ ଆନ୍ଦୋଳନକୁ ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ସାରିଛି। ଦେଶରେ ଗାନ୍ଧୀଙ୍କ ଆଦର୍ଶରେ ସରକାର ଚାଲିଥିଲେ ଆଜି କୃଷକମାନଙ୍କୁ ରାସ୍ତାକୁ ଆସିବାକୁ ପଡି ନ ଥାନ୍ତା।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ମାର୍ଚ୍ଚ, ୨୦୨୧



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୭୦,୨୫,୨୨୯ | ୨୭,୮୩,୫୯୧ | ୧୦,୨୩,୭୦,୭୧୦ |
| ଭାରତ | ୧,୧୯,୬୬,୩୮୩ | ୧,୬୧,୫୬୫ | ୧,୧୩,୨୦,୫୬୩ |
| ଓଡ଼ିଶା | ୩,୩୯,୯୦୪ | ୧୯୨୦(+୫୩) | ୩,୩୬,୫୭୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨ରେ ଆସିବେ ଉପରାଷ୍ଟ୍ରପତି

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଆସନ୍ତା ଏପ୍ରିଲ ୨ତାରିଖରେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଓଡ଼ିଶା ଆସୁଛନ୍ତି। ୨ତାରିଖ ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେହିଦିନ ସନ୍ଧ୍ୟାରେ କଟକ ସାରଳା ଭବନରେ ହେବାକୁ ଥିବା ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଉତ୍ସବରେ ଯୋଗଦେବେ। ୩ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଉକ୍ତଦିନ ଅପରାହ୍ନ ୫ଟାରେ ଉପରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଉପରାଷ୍ଟ୍ରପତିଙ୍କ ଗସ୍ତ ଲାଗି ଉତ୍ସବ ଆୟୋଜନ ସ୍ଥଳରେ ଜୋରଦାର ପ୍ରସ୍ତୁତି ଜାରି ରହିଛି।

# ୨ ହାତୀ ଦାନ୍ତ ଜବତ

**ପାଲଲହଡ଼ା,୨୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖେମଳା ପଞ୍ଚାୟତ ଅନ୍ତର୍ଗତ ଶୁକଦେବପୁର ଗ୍ରାମ ଜଙ୍ଗଲ ନିକଟରେ ଶୁକ୍ରବାର ରାତିରେ ବନ କର୍ମଚାରୀ ଚଢ଼ାଉ କରି ୨ ହାତୀ ଦାନ୍ତ ବେପାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ମିଟୁ ବେହେରା ଓ ରାଜୁ କଣ୍ଡାଲ। ଉଭୟଙ୍କଠାରୁ ୨ ହାତୀ ଦାନ୍ତ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲା। ଏ ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ବିଭାଗ ପକ୍ଷରୁ ତଦନ୍ତ ଚାଲିଥିବା ଦେବଗଡ଼ ଡିଏଫଓ କ୍ଷମା ଷଡଙ୍ଗୀ ସୂଚନା ଦେଇଛନ୍ତି।



ଜବତ ହାତୀ ଦାନ୍ତ ସହ ଗିରଫ ଅଭିଯୁକ୍ତ।

# ସୂଚନା ଅଧିକାର କର୍ମୀ ସର୍ବେଶ୍ୱରଙ୍କୁ ବୋମାମାଡ଼

**ଯାଜପୁର ଅଫିସ୍, ୨୭।୩**

ଯାଜପୁର ଜିଲାର ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଉଠାଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି), ହାଇକୋର୍ଟ, ଲୋକାୟୁକ୍ତ ଓ ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଶନିବାର ରାତିରେ ବେହୁରା ତାଙ୍କ ସହଯୋଗୀ ସୁଶାନ୍ତ କୁମାର ବେହେରା ଓ ବଳରାମ ଦାସଙ୍କ ସହ ନିଜ କାର୍‌ରେ କବାଟବନ୍ଧ ଅଞ୍ଚଳରୁ ଏକ ସାମାଜିକ କାର୍ଯ୍ୟରେ ଯୋଗ ଦେଇ ଜାରକା ଫେରୁଥିବା ସମୟରେ ଇମାମ୍‌ନଗର ଗ୍ରାମ ନିକଟରେ ଏକ କଳା ପଲ୍‌ସରରେ ୨ଜଣ ଦୁର୍ବୃତ୍ତ ଆସି କାର୍ ଉପରକୁ ବୋମାମାଡ଼ କରିଛନ୍ତି। ଏଥିରେ ବେହୁରା ଓ ତାଙ୍କ ୨ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜଣେ ସୂଚନା ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ସୂଚନା ଥାଉକି ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ, ଆରୁହା, ବିଛାଖଣ୍ଡି ଆଦି ପାହାଡ଼ରୁ ବେଆଇନ ପଥର ଉତ୍ତୋଳନକୁ ବିରୋଧ କରି ବେହୁରା ବିଭିନ୍ନ ଫୋରମ୍‌ର ଦ୍ୱାରସ୍ଥ ହୋଇଛନ୍ତି।



ସର୍ବେଶ୍ୱର ବେହୁରା

ହାଇକୋର୍ଟ, ଏନ୍‌ଜିଟି ଓ ଲୋକାୟୁକ୍ତରେ ମାମଲା ବିଚାରାଧୀନ ରହିଛି। ଜିଲା ଏବଂ ତହସିଲ୍ ପ୍ରଶାସନକୁ ଏନେଇ ରିପୋର୍ଟ ତଲବ ମଧ୍ୟ ହୋଇଛି। ଏହାବାଦ୍ ଗତ ବନ୍ୟାରେ ରମାପୁର ଘାଇ ଭାଙ୍ଗିବା ମନୁଷ୍ୟକୃତ ବୋଲି ଅଭିଯୋଗ କରି ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ତା'ର ତଦନ୍ତ ଚଳାଇଛି। ଏହି ସବୁ ଯୋଗୁ ତାଙ୍କୁ ଅସାମାଜିକ ବ୍ୟକ୍ତିମାନେ ଟାର୍ଗେଟ କରିଥିବା ସନ୍ଦେହ କରାଯାଉଛି ବୋଲି ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ କହିଛନ୍ତି। ଯାଜପୁର ଏସ୍‌ପି ରାହୁଲ ପି.ଆର୍. ଘଟଣାସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯିବା ସହ ପୋଲିସ ମହାନିର୍ଦ୍ଦେଶକ ହସ୍ତକ୍ଷେପ କରନ୍ତୁ ବୋଲି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

# ଜରୁରୀ ହେଲାଣି ଡବଲ ମାସ୍କ



- ରାଜ୍ୟରେ କମିଲା, ଖୋର୍ଦ୍ଧାରେ ବଢ଼ିଲା
- କରୋନାରେ ଗଲା ଆଉ ଏକ ଜୀବନ
- ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ କର୍ମଚାରୀ ଆଗଧାଡ଼ିର ଯୋଦ୍ଧା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଦେଶରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଛି। ପ୍ରଥମେ ଏହା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ପଞ୍ଜାବ ଭଳି ରାଜ୍ୟରେ ଥିଲା। ଏବେ ଓଡ଼ିଶା ଏହି ଷ୍ଟେଜ୍‌ରେ ପହଞ୍ଚିଲାଣି। ସଂକ୍ରମଣ ୪ ଗୁଣା ବଢ଼ିଗଲାଣି। ଗହଳି ଜାଗାରୁ ଅଧିକ ସଂକ୍ରମଣ ହେଉଛି। ସେଭଳି ସ୍ଥାନରେ ଡବଲ ମାସ୍କ ପିନ୍ଧିବା ପାଇଁ ନିବେଦନ କରିଛନ୍ତି। ସେହିପରି ମ୍ୟୁଟାଣ୍ଟ ଷ୍ଟ୍ରେନ୍‌କୁ କେବଳ ଡବଲ ମାସ୍କ ହିଁ ରୋକି ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ନୀରଜ ମିଶ୍ର କହିଛନ୍ତି। ୟୁକେ ଷ୍ଟ୍ରେନ୍ ଅଧିକ ସଂକ୍ରାମକ, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ୍ ଷ୍ଟ୍ରେନ୍ ଅଧିକ କ୍ଷତିକାରକ ବୋଲି ସେ କହିଛନ୍ତି। ଅପରପକ୍ଷେ କରୋନା ସଂକ୍ରମଣକୁ ନେଇ ଜୀବବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା କହିଛନ୍ତି ଯେ, ଓଡ଼ିଶାରେ କେଉଁ ଷ୍ଟ୍ରେନ୍ ଅଛି ତାହା ମଙ୍ଗଳବାର ସୁଦ୍ଧା ଜଣାପଡ଼ିବ। ଓଡ଼ିଶାରେ ଥିବା ଷ୍ଟ୍ରେନ୍ ସିଙ୍ଗଲ କି ଡବଲ ମ୍ୟୁଟେଶନ୍ ତାହା ଜଣାପଡ଼ିଯିବ। ସତର୍କତା ଉପରେ ଧ୍ୟାନ ଓ ଗୁରୁତ୍ୱ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଟିକା ନେବାକୁ ଯୋଗ୍ୟ ବ୍ୟକ୍ତି ତୁରନ୍ତ ଟିକା ନେବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଗତ ୨୪ଘଣ୍ଟାରେ ପୂର୍ବାପେକ୍ଷା କମିଥିଲେ ସୁଦ୍ଧା ଖୋର୍ଦ୍ଧା ଜିଲାରେ ବଢ଼ିଯାଇଛି। ୩ଦିନ ହେବ ରାଜ୍ୟରେ ୨୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଗତ ୨୪ଘଣ୍ଟାରେ ୨୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୁରୁବାର ୨୧୪, ଶୁକ୍ରବାର ୨୩୪ଜଣ ଚିହ୍ନଟ ହୋଇଥିଲେ। ସେପଟେ ଖୋର୍ଦ୍ଧା ଜିଲାରେ ଗୁରୁବାର ଓ ଶୁକ୍ରବାର ୩୨ଜଣ ଲେଖାଏ ଚିହ୍ନଟ ହେଉଥିବାବେଳେ ଗତ ୨୪ଘଣ୍ଟାରେ ରାଜ୍ୟର ସର୍ବାଧିକ ଆକ୍ରାନ୍ତ ୫୧ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ଦୀର୍ଘ ଦିନ ପରେ ରାଜ୍ୟରେ ପୁଣି ଆଉ ଜଣଙ୍କ କରୋନାରେ ଜୀବନ ଯାଇଛି। ମୃତକ ଜଣଙ୍କ ସୁନ୍ଦରଗଡ଼ ଜିଲାର ଅଟନ୍ତି। ସୁନ୍ଦରଗଡ଼ରେ ମୃତ୍ୟୁ ସଂଖ୍ୟା ୧୭୪ରେ ପହଞ୍ଚିଥିବାବେଳେ ରାଜ୍ୟରେ ୧,୯୨୦ ଛୁଇଁଛି।

ସେପଟେ ରାଜ୍ୟରେ କରୋନା ଟିକାକରଣରେ ପରିବର୍ତ୍ତନ ଅଣାଯାଇଛି। ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କୁ ଆଗଧାଡ଼ିର ଯୋଦ୍ଧା ଭାବେ କରୋନା ଟିକା ଦିଆଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସଡ଼କ ପରିବହନ କର୍ମଚାରୀଙ୍କୁ ମଧ୍ୟ କରୋନା ଟିକା ଦିଆଯିବ। ଏନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଭିଡ୍ ପରିଚାଳନା ଷ୍ଟିୟରିଂ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ବିଦ୍ୟୁତ୍, ପାନୀୟ ଜଳଯୋଗାଣ ଓ ସଡ଼କ ପରିବହନ କର୍ମଚାରୀଙ୍କୁ ସ୍ପଟ୍ ଭାକ୍ସିନେଶନ୍ ବା ସ୍ଥାନୀୟ ଟିକାକରଣ କରାଯିବ। ଏଥିପାଇଁ ପ୍ରସ୍ତୁତ ରହିବା ପାଇଁ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି। ଏମାନଙ୍କୁ ଟିକାକରଣ କେନ୍ଦ୍ରରେ କୋୱିନ୍ ପୋର୍ଟାଲରେ ପଞ୍ଜୀକରଣ କରି ଟିକା ଦେବା ପାଇଁ କୁହାଯାଇଛି।

# ମିତ୍ତଲଙ୍କୁ ମିଳିଲା ସୁନ୍ଦରଗଡ଼ ଲୁହାପଥର ଖଣି

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଓଡ଼ିଶା ସରକାର ସୁନ୍ଦରଗଡ଼ ଘୋରାବୁରହାନି ଲୁହାପଥର ବ୍ଲକ୍‌କୁ ଆର୍ସେଲରମିତ୍ତଲନିପ୍ପନଷ୍ଟିଲ୍‌ଇଣ୍ଡିଆ ଲିମିଟେଡ(ଏଏମ୍‌ଏନ୍‌ଏସ୍)କୁ ଅନୁମୋଦନ କରିଛନ୍ତି। ଏହି ଲୁହାପଥର ୨୦୧୬ରେ ଖଣି ନିଲାମ ଜରିଆରେ ଏସାର୍ ଷ୍ଟିଲ୍‌କୁ ମିଳିଥିଲା। ଏସାର୍ ଷ୍ଟିଲ୍‌କୁ ଏଏମ୍‌ଏନ୍‌ଏସ୍ ଅଧିଗ୍ରହଣ କରିଛି। ସେଥିପାଇଁ ଶୁକ୍ରବାର ଉକ୍ତ କମ୍ପାନୀ ସହ ଲିଜ୍ ଡିଡ୍ ସ୍ୱାକ୍ଷର କରାଯାଇଛି। ଏହି ଲୁହାପଥର ଖଣି ୧୩୯.୧୬୫ ହେକ୍ଟର ପରିମିତ ଅଞ୍ଚଳରେ ରହିଛି। ସେଥିରୁ ୯୦.୬୨୯ ହେକ୍ଟର ଖଣି ଅଞ୍ଚଳ ହୋଇଥିବା ବେଳେ ୪୮.୫୩୯ ହେକ୍ଟର ଅଣ ଖଣି ଅଞ୍ଚଳ ରହିଛି। ଆସନ୍ତା ୫୦ ବର୍ଷ ପାଇଁ ଏହି ଲିଜ୍ ଦିଆଯାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି।

# ୩୦ରେ ନାମାଙ୍କନପତ୍ର ଦାଖଲ କରିବେ ରୁଦ୍ର

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ପିପିଲି ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ ଆସନ୍ତା ୩୦ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସରକାରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ମୁଖପାତ୍ର ତଥା ପିପିଲି ପର୍ଯ୍ୟବେକ୍ଷକ ପ୍ରତାପ ଦେବ କହିଛନ୍ତି ଯେ, ଏହି ଆସନରେ ବିଜୟ ପାଇଁ ଦଳ ସବୁପ୍ରକାର ଉଦ୍ୟମ କରିବ। ପରିବାରରେ ଥିବା ମନୋମାଳିନ୍ୟ ସମ୍ପର୍କରେ ଉତ୍ତର ଦେଇ କହିଛନ୍ତି ଯେ, ପରିବାର ମଧ୍ୟରେ କୌଣସି ଅସନ୍ତୋଷ ନାହିଁ। ଗଣମାଧ୍ୟମ ଜରିଆରେ କେବଳ ଅପପ୍ରଚାର କରାଯାଉଛି। ପରିବାରର ଜଣେ ସଦସ୍ୟ ଅନ୍ୟ ସଦସ୍ୟଙ୍କ ବିରୋଧରେ କେମିତି ଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ପ୍ରଚାର ନ କରିବାକୁ ସେ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।



# ୨ ପୋଲିସ ଅଫିସର, ୪ ହୋମଗାର୍ଡ ନିଲମ୍ବିତ

**ଜଳେଶ୍ୱର, ୨୭।୩(ଡି.ଏନ.ଏ.)**

କର୍ତ୍ତବ୍ୟରେ ଅବହେଳା ଲାଗି ଜଳେଶ୍ୱର କୋର୍ଟରେ କାର୍ଯ୍ୟରତ ଏସ୍‌ଆଇ ତପସ୍ୱିନୀ ମହାପାତ୍ର ଓ ମାଫିଆଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗରେ ନାମୋ ଏଏସ୍‌ଆଇ ଉମାକାନ୍ତ ମହାପାତ୍ର, ହୋମଗାର୍ଡ କରୁଣାକର ଜେନା, ପୂର୍ଣ୍ଣଚନ୍ଦ୍ର ଧଳ, ରତିକାନ୍ତ ଦଳାଇ ଓ ରମେଶ ଚନ୍ଦ୍ର ରାଉଳଙ୍କ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏସ୍‌ପି ଲିଖିତ ଅଭିଯୋଗ ପାଇ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।













## ଯାତ୍ରା ବେଳେ ତାଲା ଭାଙ୍ଗି ଅଳଙ୍କାର ଚୋରି

# ଅଭିଯୁକ୍ତଙ୍କୁ ପିଟି ମାରିଦେଲେ

**ରୂପ୍‌ସା/ବସ୍ତା, ୨୭।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଗୁଣ୍ଡୁରିପଦା ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁରେ ଯାତ୍ରା ହେଉଥିବାବେଳେ ଉଇଟିକିରି ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ବଣ୍ଟି ଓରଫ ସ୍ୱାଭିମାନ ସାଗରଜ୍ୟୋତି ଜେନା ଅନ୍ୟ ୨ ସହଯୋଗୀଙ୍କ ସହ ମିଶି ସୃଷ୍ଟିଧର ସାହୁଙ୍କ ଘର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଚୋରି କରି ଚମ୍ପଟ ମାରୁଥିବାବେଳେ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଲୋକଙ୍କ ନିର୍ଘୁମ ମାଡରେ ବଣ୍ଟି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ସହଯୋଗୀ କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ସୃଷ୍ଟିଧର ସାହୁଙ୍କ ପରିବାର ଲୋକେ ଘରେ ତାଲା ପକାଇ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ସେ ଏତଲାରେ ଦର୍ଶାଇଛନ୍ତି। ତାଙ୍କ ଘରୁ ଗୋଟିଏ ସୁନାହାର, ଏକ ହଳ ସୁନା କାନଫୁଲ ଓ ରୂପା ପାଉଁଜି ଚୋରି ହୋଇଥିବା ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ଆଇନଜୀବୀ ସରୋଜ ଜେନା ତାଙ୍କ ପୁଅ ବଣ୍ଟିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ଏତଲା ଅନୁଯାୟୀ ପୋଲିସ ୩୦୨ ଦଫାରେ ଏକ ମାମଲା (ନଂ. ୧୦୨/୨୧) ରୁଜୁ କରିଛି। ଶନିବାର ବସ୍ତା ଥାନା ସବ୍‌ଇନ୍‌ସପେକ୍ଟର ପିକେ ପାଣି, ରାଜଲକ୍ଷ୍ମୀ ନାୟକଙ୍କ ସହ ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ବଣ୍ଟିଙ୍କ ବିରୋଧରେ ବସ୍ତା ଥାନାରେ ୮ଟି ଲୁଟ୍ ଓ ଡକାୟତି ମାମଲା ରହିଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

# ଭୋଟ ଦେଲେ ୩୦୦ରୁ ଊର୍ଦ୍ଧ୍ୱ ମତଦାତା

**ଭୋଗରାଇ, ୨୭।୩(ଡି.ଏନ.ଏ.)**

ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଶନିବାର ଶେଷ ହୋଇଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ୧୮ନଂ. ୱାର୍ଡ଼ର ଶଙ୍ଖାମେଦୀ ଗ୍ରାମର ୩ଶହରୁ ଊର୍ଦ୍ଧ୍ୱ ଭୋଟର ପୂର୍ବମେଦିନୀପୁର ରାମନଗର ନିର୍ବାଚନମଣ୍ଡଳୀର ପଶ୍ଚିମ ସତେଶ୍ୱରପୁର ଓ ବାଗ୍ ବ୍ରଜକିଶୋରପୁର ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେଇଛନ୍ତି। ଏହାଛଡ଼ା ସୀମାନ୍ତ ଭୋଗରାଇ ଓ ଜଳେଶ୍ୱର ନିର୍ବାଚନମଣ୍ଡଳୀର ଅଳ୍ପ କେତେଜଣ ଭୋଟର ପଶ୍ଚିମବଙ୍ଗ ପୂର୍ବ ଓ ପଶ୍ଚିମମେଦିନୀପୁର ଜିଲା ନିର୍ବାଚନରେ ସାମିଲ ହୋଇଛନ୍ତି। ଭୋଗରାଇ ନିର୍ବାଚନମଣ୍ଡଳୀର ଉଦୟପୁର, ସାହାବାଜିପୁର, ଦକ୍ଷିଣସରିଷା, ବାଜିତ୍‌ପୁର, ନାରଦଣ୍ଡା, ନରସିଂହପୁର, ଗଣେଶ୍ୱରପୁର, ପାଣିଷଣ୍ଡା, ମାନକୁଣ୍ଡା, ଉପୁଳା, ପଣ୍ଡୁଆ, ସିଆଁରୀ, ଶଗଡ଼ାସାହୀ ଆଦି ସୀମାନ୍ତ ଗାଁର ବୈଧ୍ୟ ଭୋଟରମାନେ ପଶ୍ଚିମବଙ୍ଗ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ଏ ଦିଗରେ ଓଡ଼ିଶା ସରକାରଙ୍କ ନୀରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ପଶ୍ଚିମବଙ୍ଗ ନିର୍ବାଚନରେ ଓଡ଼ିଶା ଭୋଟର



ପୂର୍ବ ମେଦିନୀପୁର ଜିଲା ରାମନଗର ନିର୍ବାଚନମଣ୍ଡଳୀ ପଶ୍ଚିମ ସନ୍ତେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଛନ୍ତି ଶଙ୍ଖାମେଦୀ ଗାଁର ଲୋକେ।

## ରାମନଗର ନିର୍ବାଚନମଣ୍ଡଳୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୪ବର୍ଷ ପୂରିଲାଣି। ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷାଭାଷୀ ଲୋକେ ଆଜି ବି ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପାଇଁ ସଂଘର୍ଷ କରୁଛନ୍ତି। ଅନେକ ସ୍ଥାନରେ ସୀମାବିବାଦ ଘେରରେ ଛନ୍ଦିହୋଇ ରହିଛି ସୀମାନ୍ତ ଅଞ୍ଚଳ। ୧୯୭୮ ମସିହାଠାରୁ ବାଲେଶ୍ୱର ଜିଲା ସୀମାନ୍ତ ଗାଁ ସହିତ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ପଶ୍ଚିମ ମେଦିନୀପୁର ଜିଲା ସୀମା ବିବାଦ ଲାଗି ରହିଥିବାବେଳେ ସୀମା ସମସ୍ୟାର ସ୍ଥାୟୀ ସମାଧାନ ଫିଟୁ ନ ଥିବାରୁ ଉଭୟ ରାଜ୍ୟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜୁଛି। ରାଜ୍ୟ ସରକାର, ଜନପ୍ରତିନିଧି ଓ ପ୍ରଶାସନ ଏଥିପ୍ରତି ସଜାଗ ନ ହେଲେ ଆଗକୁ ସ୍ଥିତି ବିଗିଡ଼ିଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ଦୁର୍ଘଟଣାରେ ୪ ଭାଜପା କର୍ମୀ ମୃତ

ତ୍ରିପୁରାର ଗୋମତି ଜିଲାରେ ଶୁକ୍ରବାର ଏକ ଦୁର୍ଘଟଣାରେ ୪ ଭାଜପା କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଆଉ ୮ ଜଣ ଗୁରୁତର ହୋଇଛନ୍ତି। ଏକ ମାକ୍ସି ଟ୍ରକ୍‌ରେ ସେମାନେ ଆସୁଥିବାବେଳେ ଚେଲ୍ଲାଗଙ୍ଗଠାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

**ସଂକ୍ଷେପରେ**

## ଜଳବାୟୁ ସମିଟ୍‌କୁ ମୋଦି ଆମନ୍ତ୍ରିତ

### ଯୋଗଦେବେ ୪୦ ବିଶ୍ୱ ନେତା

**ୱାଶିଂଟନ,୨୭।୩:** ଆମେରିକା ଆସନ୍ତା ମାସରେ ଜଳବାୟୁ ଉପରେ ଏକ ଭର୍ଚୁଆଲ ସମିଟ୍‌ର ଆୟୋଜନ କରୁଛି। ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ସମିଟ୍‌ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୪୦ ବିଶ୍ୱ ନେତାଙ୍କୁ ଆମନ୍ତ୍ରଣ କରିଛନ୍ତି। ଏପ୍ରିଲ୍ ୨୨ ଧରିତ୍ରୀ ଦିବସରୁ ଏହି ଦୁଇଦିନିଆ ସମିଟ୍ ଆରମ୍ଭ ହେବ। ରାଷ୍ଟ୍ରପତି ବାଇଡେନ୍ ବିଶ୍ୱ ନେତାମାନଙ୍କର ଏହି ସମିଟ୍‌କୁ ହୋଷ୍ଟ କରିବା ସହ ୨୦୩୦ ସୁଦ୍ଧା ଆମେରିକାର ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଲକ୍ଷ୍ୟ ସମ୍ପର୍କରେ ଉପସ୍ଥାପନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା, ବ୍ରାଜିଲ ରାଷ୍ଟ୍ରପତି ଜାଏର୍ ବୋଲ୍‌ସୋନାରୋ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ପ୍ରମୁଖଙ୍କୁ ଆମନ୍ତ୍ରଣ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ଭାଜପା ବିଧାୟକଙ୍କୁ ମାଡ଼ ମାରିଲେ ଚାଷୀ

**ଅମୃତସର, ୨୭।୩:** କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ୪ ମାସ ହେଲା ଚାଷୀ ଆନ୍ଦୋଳନ ଚାଲିଥିବାବେଳେ ପଞ୍ଜାବରେ ଜଣେ ଭାଜପା ବିଧାୟକଙ୍କୁ କୃଷକମାନେ ମାଡ଼ ମାରିଥିବା ଜଣାପଡ଼ିଛି। ମାଲୋଟ ସହରରେ ବିଧାୟକ ଅରୁଣ ନାରଙ୍ଗ ପଞ୍ଜାବ ସରକାରଙ୍କ ଏକ ନିଷ୍ପତ୍ତିକୁ ବିରୋଧ କରି ଖବରଦାତା ସମ୍ମିଳନୀ ଡାକିଥିଲେ। ସେ ସେଠାରେ ପହଞ୍ଚିବା କ୍ଷଣି ଚାଷୀମାନେ ତାଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

## ରାଷ୍ଟ୍ରପତିଙ୍କର ହେବ ବାଇପାସ୍ ସର୍ଜରି



**ନୂଆଦିଲ୍ଲୀ,୨୭।୩:** ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ପରେ ଶୁକ୍ରବାର ତାଙ୍କୁ ନୂଆଦିଲ୍ଲୀର ଆର୍ମି ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଅଧିକ ଚେକ୍‌ଅପ୍ ପାଇଁ ଶନିବାର ଅପରାହ୍ଣରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ତାଙ୍କର ଯୋଜନାବଦ୍ଧ ବାଇପାସ୍ ପ୍ରକ୍ରିୟା କରାଯିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ୭୫ ବର୍ଷୀୟ କୋବିନ୍ଦ ଏମ୍ସରେ ବିଶେଷଜ୍ଞ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଅନୁଧ୍ୟାନ କଲା ପରେ ବାଇପାସ୍ ପ୍ରକ୍ରିୟା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ।

## ରାଷ୍ଟ୍ରପତିଙ୍କ ଫେସ୍‌ବୁକ୍ ପେଜ୍ ବ୍ୟାନ



ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ଗୁଜବ ପ୍ରଚାର ଯୋଗୁ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ପେଜ୍ ବନ୍ଦ କରିଛି ଫେସ୍‌ବୁକ। କାର୍‌ଭାଟିଭିର୍ ନାମକ ଏକ ଔଷଧକୁ 'ଚମତ୍କାର' ବୋଲି ବର୍ଣ୍ଣନା କରିବା ସହ ଏହାର ସେବନ କଲେ କରୋନା ସଂକ୍ରମଣରୁ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ ବୋଲି ପ୍ରଚାର କରିଥିଲେ। କୌଣସି ଡାକ୍ତର କିମ୍ବା ବୈଜ୍ଞାନିକ ଏହି ମେଡିସନ୍‌କୁ ସ୍ୱୀକୃତି ଦେଇ ନ ଥିଲେ ମଧ୍ୟ ନିକୋଲାସ୍ ତାହାର ପ୍ରଚାର କରୁଥିବା ଫେସ୍‌ବୁକ୍ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା କମ୍ପାନୀର ପଲିସି ଉଲ୍ଲଂଘନ ହୋଇଥିବା କହି ରାଷ୍ଟ୍ରପତିଙ୍କ ପେଜ୍‌କୁ ଫେସ୍‌ବୁକ୍ ବ୍ଲକ କରିଛି।

## ଗର୍ଭପାତ ପରେ ଛୁଟି ମିଳିବ



ଗର୍ଭପାତର ସମ୍ମୁଖୀନ ହୋଇଥିବା ମହିଳାଙ୍କୁ ଚାକିରିରୁ ୩ ଦିନ ଛୁଟି ଦେବାକୁ ଆଇନ ଆଣିଛି ନ୍ୟୁଜିଲାଣ୍ଡ। ଏଭଳି ଆଇନ ଆଣିବାରେ ନ୍ୟୁଜିଲାଣ୍ଡ ଦୁନିଆର ପ୍ରଥମ ଦେଶ। କେବଳ ସମ୍ପୃକ୍ତ ମହିଳାଙ୍କୁ ନୁହେଁ ତାଙ୍କ ପାର୍ଟନରଙ୍କୁ ମଧ୍ୟ କାମରୁ ଛୁଟି ଦିଆଯିବ ବୋଲି ଆଇନରେ ରହିଛି। ଦେଶରେ ହଜାର ହଜାର ସଂଖ୍ୟାରେ ମହିଳା ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବାବେଳେ ସେହି ସମୟରେ ସେମାନେ କାମରୁ ଛୁଟି ପାଇଁ ଆବେଦନ କରିଥାନ୍ତି। ଗର୍ଭପାତଜନିତ ଦୁଃଖ କୌଣସି ରୋଗ ନୁହେଁ ଏହା ଏକ କ୍ଷତି। ଏଭଳି ମାନସିକ ସ୍ଥିତିର ସମ୍ମୁଖୀନ ହେଉଥିବା ମହିଳାଙ୍କ ନିକଟରେ ତାଙ୍କ ସାଥୀ ରହିବା ଏବଂ କାମରୁ କିଛି ଦିନ ବିରତି ମିଳିବା ଆବଶ୍ୟକ ବୋଲି ନ୍ୟୁଜିଲାଣ୍ଡ ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଟିଏମ୍‌ସି-ଭାଜପା ଅଡିଓ ଟେପ୍ ୱାର୍

**କୋଲକାତା,୨୭।୩**

ପଶ୍ଚିମବଙ୍ଗ ନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏବଂ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋର୍‌ଦାର ହେଉଥିବାବେଳେ ଅଡିଓ ଟେପ୍ ମାଧ୍ୟମରେ ଦୁଇ ଦଳ ପରସ୍ପରକୁ ଦୋଷାରୋପ କରିବା ଆରମ୍ଭ କରିଛନ୍ତି। ନନ୍ଦିଗ୍ରାମରୁ ପ୍ରାର୍ଥୀ ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ ଟକ୍କର ଜୋର୍‌ଦାର ହୋଇଛି। ମମତା ସେଠାରେ ଭାଜପାର ଜଣେ ନେତାଙ୍କୁ ଡାକି ସହାୟତା ପାଇଁ କହିଥିବା ଅଭିଯୋଗ ଆସିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଭାଜପା ନେତା ପ୍ରଳୟ ପାଲ୍ କହିଥିଲେ, ମମତା ତାଙ୍କୁ ନିର୍ବାଚନରେ ଜିତିବା ଲାଗି ସହାୟତା କରିବାକୁ ଫୋନ୍ ଯୋଗେ କହିଥିଲେ। ସେମାନଙ୍କ କଥାବାର୍ତ୍ତାର ଅଡିଓ ଟେପ୍ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ତେବେ କଲ୍ ରେକର୍ଡିଂର ସ୍ୱର ଯାଞ୍ଚ ହୋଇ ନ ଥିବା ଟିଏମ୍‌ସି କହିଛି।

ଏହାର ଜବାବରେ ଟିଏମ୍‌ସି ଅନ୍ୟ ଏକ ଅଡିଓ ଟେପ୍ ଜାରି କରି ଭାଜପା ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆଣିଛି। ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ଲାଗି ଉକ୍ତ ଟେପ୍‌ରେ ଭାଜପା ନେତା ମୁକୁଲ ରାୟ ଓ ଶିଶିର ବାଜୋରିଆ ପରସ୍ପର ମଧ୍ୟରେ କଥା ହେଉଥିବା ଟିଏମ୍‌ସି କହିଛି। ସ୍ଥାନୀୟ କର୍ମୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ବୁଥ୍ ଏଜେଣ୍ଟ କରିବା ଲାଗି ଅନୁମତି ଦେବା ନିମନ୍ତେ ନିୟମରେ ପରିବର୍ତ୍ତନ ପାଇଁ ଇସିଙ୍କୁ ଅନୁରୋଧ କରିବେ ବୋଲି ମୁକୁଲ ଓ ଶିଶିର କଥା ହୋଇଥିବା ଉକ୍ତ ଟେପ୍‌ରେ ରହିଥିବା ଶାସକ ଦଳ ଅଭିଯୋଗ କରିଛି।

### ମୋଦି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି: ମମତା

ପଡୋଶୀ ବାଂଲାଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨ ଦିନିଆ ଗସ୍ତ ନିର୍ବାଚନ ଆଚରଣ ବିଧିର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଶନିବାର ଏକ ରାଲିରେ କହିଛନ୍ତି। ପଶ୍ଚିମବଙ୍ଗରେ ନିର୍ବାଚନ ଚାଲିଥିବାବେଳେ ମୋଦି ପଡୋଶୀ ଦେଶକୁ ଯାଇ ସେଠାରେ ବେଙ୍ଗଲ ଉପରେ ଭାଷଣ ଦେଇ ରାଜ୍ୟର ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ଶନିବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ଭାଜପା ଏମ୍‌ପି ଶାନ୍ତନୁ ଠାକୁରଙ୍କ ସହ ଓରାକାଣ୍ଡି ଗସ୍ତ କରିଥିବା ଖଡ଼ଗପୁରଠାରେ ଏକ ସଭାରେ ମମତା କହିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଟିଏମ୍‌ସି ରାଲିରେ ବାଂଲାଦେଶୀ ଅଭିନେତା ଯୋଗଦେବାରୁ କେନ୍ଦ୍ର ସରକାର ତାଙ୍କ ଭିଜା ରଦ୍ଦ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଭିଜା କ'ଣ ପାଇଁ ରଦ୍ଦ ନ ହେବ ବୋଲି ମମତା ପ୍ରଶ୍ନ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ କରିବେ ବୋଲି କହିଛନ୍ତି।

### ଭୋଟ ବେଳେ ହିଂସା: ୨ କର୍ମଚାରୀ, ୪ ଭାଜପା କର୍ମୀ ଆହତ

**କୋଲକାତା,୨୭।୩**

ପଶ୍ଚିମବଙ୍ଗରେ ଶନିବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚାଲିଥିବାବେଳେ ପୂର୍ବ ମେଦିନିପୁର ଜିଲାର ସତ୍‌ସତାମଲ ନିର୍ବାଚନ ମଣ୍ଡଳୀରେ ଗୁଳିକାଣ୍ଡ ଘଟିଛି। ନିର୍ବାଚନ ଡ୍ୟୁଟିରେ ଥିବା ଦୁଇଜଣ ସୁରକ୍ଷା କର୍ମୀ ଏଥିରେ ଆହତ ହୋଇଛନ୍ତି। ମେଦିନିପୁରର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭାଜପା କର୍ମୀମାନେ ବୁଥ୍ ଜବରଦଖଲ କରିଥିବା ଶାସକ ତୃଣମୂଳ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଟିଏମ୍‌ସିର ସହଯୋଗୀମାନେ ଲୋକଙ୍କୁ ଭୟଭୀତ କରିବା ଲାଗି ଉଦ୍ୟମ କରୁଥିବା ଭାଜପା ଜିଲା ସଭାପତି ଅନୁପ ଚକ୍ରବର୍ତ୍ତୀ ଅଭିଯୋଗ କରିଛନ୍ତି। ଉତ୍ତର କଣ୍ଠିର ୧୭୮ ନମ୍ବର ବୁଥ୍ ନିକଟରେ ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ହେବାରୁ ୪ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମେଦିନିପୁରର ୧୬୭ ନମ୍ବର ବୁଥ୍‌ରେ ଭାଜପା ସମର୍ଥକମାନେ ପଶି ଲୋକଙ୍କୁ ଭୋଟ ଦେବାକୁ ଦେଇ ନ ଥିଲେ ବୋଲି ଟିଏମ୍‌ସି କହିଛି।



ଆସାମର ନାଗାଓଁ ଜିଲାରେ କାଳିଆବୋରସ୍ଥିତ ଭୋଟ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଲାଇନ୍।

# ପଶ୍ଚିମବଙ୍ଗରେ ୮୨ ପ୍ରତିଶତ, ଆସାମରେ ୭୭% ମତଦାନ

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

**ନୂଆଦିଲ୍ଲୀ,୨୭।୩**

ପଶ୍ଚିମବଙ୍ଗ ଓ ଆସାମରେ ଶନିବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ପଶ୍ଚିମବଙ୍ଗର କେତେକ ସ୍ଥାନରେ କାଁଭାଁ ହିଂସାକାଣ୍ଡ ଖବର ମିଳିଥିବାବେଳେ ମୋଟାମୋଟି ଭାବେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଥିଲା। ସେଠାରେ ୮୨ ପ୍ରତିଶତ ମତଦାନ ହୋଇଛି। ପୂର୍ବ ମେଦିନିପୁର ଜିଲା କୋଣ୍ଟାଇ ସହରରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ସାନଭାଇଙ୍କ କାର ଉପରେ ଆକ୍ରମଣ ଅଭିଯୋଗ ହୋଇଛି।

ଆସାମରେ ନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଭାଜପା ସେଠାରେ ଦ୍ୱିତୀୟ ଥର କ୍ଷମତା ହାସଲ କରିବା ଲାଗି ଆଶାବାଦୀ ରହିଛି। ଆସାମରେ ୭୬.୯ ପ୍ରତିଶତ ଭୋଟଗ୍ରହଣ ହୋଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ୮ ଓ ଆସାମରେ ୩ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ଶନିବାର ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୩୦ ଏବଂ ଆସାମର ୪୭ ଆସନରେ ମତଦାନ ହୋଇଥିଲା। ଏହି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୨୩ ମହିଳାଙ୍କ ସମେତ ୨୬୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି।



କୋଲକାତାରେ ସଂଯୁକ୍ତ ମୋର୍ଚ୍ଚା ପ୍ରାର୍ଥୀ ଆଶୁତୋଷ ଚାଟାର୍ଜୀ ପ୍ରଚାର ବେଳେ ଜଣେ ଭୋଟରଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

# ସୁଏଜ ଅବରୋଧ ହଟାଇବାକୁ ଭାରତର ପ୍ରସ୍ତାବ

- ଫସିଲାଣି ୨ ଶହ ଜାହାଜ
- କେପ୍ ଅଫ୍ ଗୁଡ୍ ହୋପ୍ ରୁଟ୍‌ରେ ଜାହାଜ ଚଳାଚଳ ପାଇଁ ଭାରତର ପରାମର୍ଶ
- ପଚନଶୀଳ ସାମଗ୍ରୀ ଥିବା ଜାହାଜକୁ ଆଗ ଛଡ଼ାଯାଉ

**ନୂଆଦିଲ୍ଲୀ, ୨୭।୩**

ସୁଏଜ କେନାଲର ପୂର୍ବ-ପଶ୍ଚିମ ଜଳପଥରେ ଗତ ୨୩ ତାରିଖରୁ ଏକ ବିଶାଳ ଜାହାଜ ଫସି ରହିଛି। ଏଥିଯୋଗୁ ପ୍ରାୟ ୨ ଶହ ଜାହାଜ କେନାଲର ଉଭୟ ପାର୍ଶ୍ୱରେ ଫସି ରହି ବିଶ୍ୱ ପରିବହନକୁ ପ୍ରଭାବିତ କରିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପରିବହନ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ଭାରତ ୪ ସୂତ୍ରୀ ଯୋଜନା ପ୍ରସ୍ତାବ ଦେଇଛି। ଜାହାଜଗୁଡ଼ିକ କେପ୍ ଅଫ୍ ଗୁଡ୍ ହୋପ୍ ସାମୁଦ୍ରିକ ପଥ ଦେଇ ଆସିବାକୁ ଲଜିଷ୍ଟିକ୍ ଡିଭିଜନ୍, ବାଣିଜ୍ୟ ଏବଂ ପରିବହନ ଓ ଜଳପଥ ବିଭାଗ ପକ୍ଷରୁ ଏକ ବୈଠକରେ ଯୋଜନା କରାଯାଇଛି।

ପ୍ରାଥମିକତା ଦୃଷ୍ଟିରୁ ପଚନଶୀଳ ସାମଗ୍ରୀ ଥିବା ମାଲବାହୀ ଜାହାଜଗୁଡ଼ିକୁ ଚିହ୍ନଟ କରାଯାଇ ଶିପିଂ ଲାଇନରେ ତାହାକୁ ଆଗକୁ ନିଆଯିବାକୁ ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମାଲ ପରିବହନ ହାରରେ ସ୍ଥିରତା ରଖିବାକୁ ଶିପିଂ ଲାଇନଗୁଡ଼ିକୁ ଅନୁରୋଧ କରାଯାଇଛି। ସୁଏଜ କେନାଲ ତୁଳନାରେ କେପ୍ ଅଫ୍ ଗୁଡ୍ ହୋପ୍ ମାଲ ପରିବହନ ପାଇଁ ଅଧିକ ୧୫ ଦିନ ଲାଗିଥାଏ। ସୁଏଜ କେନାଲ ୫ ଦିନ ହେଲା ବନ୍ଦ ରହିଛି। ଭୂମଧ୍ୟସାଗର ଓ ଲୋହିତ ସାଗରକୁ ସଂଯୋଗ କରୁଥିବା ଏହି କେନାଲ ଏସିଆ ଓ ୟୁରୋପ ମଧ୍ୟରେ ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ପଥ। ଏଭର ଗିଭିନ ନାମକ ପ୍ରାୟ ୪ଶହ ମିଟର ଲମ୍ବର ଜାହାଜ ଫସି ରହିଥିବାରୁ ଏହି ପଥ ଦେଇ ଜାହାଜ ଯାତାୟାତ କରିପାରୁନାହିଁ। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଭାରତକୁ ଆସୁଥିବା ଜିନିଷ ପହଞ୍ଚିବାରେ ବିଳମ୍ବ ହେବ। ଏହା ଦ୍ୱାରା ବିଭିନ୍ନ ସାମଗ୍ରୀର ଦରଦାମ ବଢ଼ିବାର ଆଶଙ୍କା ଦେଖାଦେଇଛି।

## ଭାରତ-ବାଂଲାଦେଶ ମଧ୍ୟରେ ୫ ଚୁକ୍ତି




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହାସିନାଙ୍କୁ ୧୦୯ଟି ଆମ୍ବୁଲାନ୍ସ ପ୍ରଦାନର ପ୍ରତୀକ ସ୍ୱରୂପ ଚାବି ହସ୍ତାନ୍ତର କରୁଛନ୍ତି।

**ନୂଆଦିଲ୍ଲୀ,୨୭।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାଂଲାଦେଶ ଗସ୍ତ ଅବସରରେ ଶନିବାର ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲାଗି ୫ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏହା ପୂର୍ବରୁ ମୋଦି ଓ ତାଙ୍କ ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହାସିନାଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିନିଧି ସ୍ତରୀୟ ବୈଠକରେ ଯୋଗାଯୋଗ, ଶକ୍ତି ଓ ବାଣିଜ୍ୟ ଆଦି କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବାଂଲାଦେଶ ଗସ୍ତର ଦ୍ୱିତୀୟ ଦିନରେ ମୋଦି ଗୋପାଳଗଞ୍ଜର ଓରାକାଣ୍ଡିଠାରେ ଥିବା ଏକ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ହିନ୍ଦୁ ମତୁଆ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭାରତ ଓ ବାଂଲାଦେଶ ସ୍ଥିରତା, ଭଲପାଇବା ଓ ଶାନ୍ତି ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଓରାକାଣ୍ଡିରେ ଭାରତ ୨ଟି ବିଦ୍ୟାଳୟର ଉନ୍ନତୀକରଣ କରିବ ବୋଲି ମୋଦି ଘୋଷଣା କରିଥିଲେ।

# ସଂକ୍ରମଣ ରୋକିବାକୁ ୫ ସୂତ୍ରୀ ଯୋଜନା

- କୋଭିଡ୍ ପରୀକ୍ଷା ବଢ଼ାଯିବ
- କଣ୍ଟାକ୍ଟ ଟ୍ରେସିଂକୁ ବ୍ୟାପକ କରାଯିବ
- ଟିକାକରଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୭।୩**

ଦେଶର କେତେକ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଏହାର ମୁକାବିଲା ଲାଗି ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ର, ହରିୟାଣା, ତାମିଲନାଡୁ, ପଶ୍ଚିମବଙ୍ଗ, କର୍ନାଟକ, ପଞ୍ଜାବ ଏବଂ ଦିଲ୍ଲୀ ସମେତ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି ଯୋଗଦେଇଥିଲେ। ସଂକ୍ରମଣ ରୋକିବାକୁ ବୈଠକରେ ୫ ସୂତ୍ରୀ ଯୋଜନା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି।



ସେଗୁଡ଼ିକ ହେଲା କୋଭିଡ୍ ପରୀକ୍ଷା ବଢ଼ାଇବା, ଆଇସୋଲେଶନକୁ ଅଧିକ ପ୍ରଭାବୀ କରିବା, କଣ୍ଟାକ୍ଟ ଟ୍ରେସିଂକୁ ବ୍ୟାପକ କରିବା, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପୁନର୍ବାର ପ୍ରୋତ୍ସାହିତ କରିବା, ଜନସାଧାରଣଙ୍କ ମଧ୍ୟରେ କୋଭିଡ୍ ସତର୍କତା ନିୟମ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଟିକାକରଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା।

ଦେଶର ୪୬ ଜିଲାକୁ ସର୍ବାଧିକ ସଂକ୍ରମିତ ଜିଲା ଭାବେ ଚିହ୍ନଟ କରାଯିବା ସହ ସେଠାରେ କଣ୍ଟେନ୍‌ମେଣ୍ଟ ନିୟମ କଡ଼ାକଡ଼ି ପାଳନ କରିବାକୁ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପରାମର୍ଶ ଦେଇଛନ୍ତି। କୋଭିଡ୍ ପରୀକ୍ଷା ବଢ଼ାଇବା ସହ ୭୦% ଆର୍‌ଟି ପିସିଆର୍ ଟେଷ୍ଟ ପାଇଁ ପରାମର୍ଶ ଦିଆଯାଇଛି। ପଜିଟିଭ୍ ମାମଲାଗୁଡ଼ିକର ଉପଯୁକ୍ତ ଆଇସୋଲେଶନ, ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ହାରାହାରି ୩୦ ଜଣଙ୍କୁ ଖୋଜି ବାହାର କରି ସେମାନଙ୍କ ପରୀକ୍ଷା କରାଇବା ଓ ପ୍ରଥମ ୭୨ ଘଣ୍ଟା ଅଲଗା ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ମହାରାଷ୍ଟ୍ରରେ ସବୁ ସମାବେଶ ବନ୍ଦ

ମହାରାଷ୍ଟ୍ରରେ ସଂକ୍ରମଣର ଦ୍ୱିତୀୟ ଲହର ଅତ୍ୟଧିକ ବୃଦ୍ଧି ପାଉଥିବାରୁ ସେଠାରେ ରାଜନୈତିକ ଓ ଧର୍ମୀୟ ସମାବେଶ ସାଙ୍ଗକୁ ସମସ୍ତ ପ୍ରକାର ଜନ ସମାଗମକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ରବିବାରଠାରୁ ରାତି ୮ରୁ ସକାଳ ୭ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ରହିବ। ଏହି ସମୟରେ ରେଷ୍ଟୁରାଣ୍ଟ, ମଲ୍ ଓ ପାର୍କ ଆଦି ବନ୍ଦ ରଖିବାକୁ କୁହାଯାଇଛି। ସେହିପରି ଡ୍ରାମା, ଥିଏଟର ଆଦି ବନ୍ଦ ରହିବା ସହିତ ଲୋକମାନଙ୍କୁ ବେଳାଭୂମି ଭ୍ରମଣ ଲାଗି ଅନୁମତି ମିଳିବ ନାହିଁ। ରାତି ୮ଟା ପରେ ୫ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କୁ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ମାସ୍କ ନ ପିନ୍ଧିଲେ ୫୦୦ ଟଙ୍କା ଓ ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ୧୦୦୦ ଟଙ୍କା ଜରିମାନ ଦେବାକୁ ହେବ। ଶନିବାର ମହାରାଷ୍ଟ୍ରରେ ୩୫,୭୨୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୬୬ ଜଣ ମୃତ୍ୟୁ ଘଟିଛି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା

**ନୟାଗଡ଼ ଅଫିସ,୨୭।୩:** ନୟାଗଡ଼ ଜିଲା ଇଟାମାଟି ଥାନା ଗୋବିନ୍ଦପୁରରେ ଶୁକ୍ରବାର ରାତିରେ ରମେଶ ମୁଦୁଲି(୪୫) ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। କରଜ ଟଙ୍କା ମାଗିବାରୁ ରମେଶଙ୍କୁ ଏକ ପରିବାରର ସଦସ୍ୟମାନେ ଛୁରିରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଶାନ୍ତିଲତା ରାଉତ(୪୨)ଙ୍କୁ ଅଟକ ରଖି ମାମଲା(ନଂ୪୪/୨) ରୁଜୁ କରିଛି। ତାଙ୍କ ସ୍ୱାମୀ ଓ ପୁଅ ଫେରାର ହୋଇଯାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଗୋଲଖ ରାଉତ ଭଉଣୀ ବାହାଘର ପାଇଁ ରମେଶଙ୍କଠାରୁ ୧୫ ହଜାର ଟଙ୍କା କରଜ ନେଇଥିଲେ। ରମେଶ ଏକ ସୋସାଇଟିରୁ ଟଙ୍କା ସୁଧରେ ଆଣି ଗୋଲଖଙ୍କୁ ଦେଇଥିଲେ। ହେଲେ ଗୋଲଖ ସୁଧ କି ମୂଳ ଟଙ୍କା ରମେଶଙ୍କୁ ଫେରାଇ ନ ଥିଲେ। ମୂଳ ଓ ସୁଧ ମିଶି ୨୧ ହଜାର ଟଙ୍କା ହେବା ପରେ ଦୁଇ ଜଣଙ୍କ ମଧରେ ଏକାଧିକ ଥର ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ରମେଶ ଟଙ୍କା ମାଗିବାକୁ ଗୋଲଖଙ୍କ ଘରକୁ ଯାଇଥିଲେ। ଘର ସମ୍ମୁଖରେ ଗୋଲଖଙ୍କ ପରିବାର ଲୋକେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ରମେଶ କିଛି ଉପାୟ ନ ପାଇ ଘରକୁ ଫେରି ଆସିଥିଲେ। ହେଲେ ବିଳମ୍ବିତ ରାତିରେ ଗୋଲଖ, ସ୍ତ୍ରୀ ଶାନ୍ତିଲତା ଓ ପୁଅ ମଣ୍ଟୁ ରମେଶଙ୍କୁ ତାଙ୍କ ଘର ଆଗରେ ଛୁରିରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଓଡ଼ିଶାରେ ସର୍ବାଧିକ ୨୩ ସଂକ୍ରମିତ ସ୍ଥାନ

**ଯାଜପୁର ଅଫିସ,୨୭।୩**



- କାରଖାନାରେ ଦୂରଦୃଷ୍ଟିର ଅଭାବ ପ୍ରମୁଖ କାରଣ
- ୮ ନଦୀଜଳ ନମୁନାରେ ବିଓଡି, ଟିସି ଅଧିକ

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁସାରେ ଦେଶରେ ମୋଟ ୧୧୨ ସଂକ୍ରମିତ ଅଞ୍ଚଳ ରହିଛି। ସେଥିରୁ ଓଡ଼ିଶାରେ ଟକ୍ସିକ ଓ ହାଜାର୍ଡସ୍ ସବ୍‌ଷ୍ଟାନ୍ସସ୍ (ବିଷାକ୍ତ ଓ ବିପଦପୂର୍ଣ୍ଣ ପଦାର୍ଥ) ଦ୍ୱାରା ସର୍ବାଧିକ ୨୩ଟି ସଂକ୍ରମିତ ସ୍ଥାନ ରହିଛି। ଓଡ଼ିଶା ତଳକୁ ଉତ୍ତରପ୍ରଦେଶରେ ୨୧ ଓ ଦିଲ୍ଲୀରେ ୧୧ଟି ଏଭଳି ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ ହୋଇଛି। ତେବେ ସମ୍ପୂର୍ଣ୍ଣ ପରିଯୋଜନା ମାଧ୍ୟମରେ କେବଳ ୪ ସ୍ଥାନ ସଂକ୍ରମିତ ହୋଇଥିବା ପ୍ରମାଣିତ ହୋଇଛି। ସେଗୁଡ଼ିକ ହେଲା ଗଞ୍ଜାମ ଜିଲା ଜୟଶ୍ରୀ କେମିକାଲରେ ୩ ଓ ଅନୁଗୋଳ ଓରିକେମର ଗୋଟିଏ ସ୍ଥାନ ବୋଲି ଜଣାପଡ଼ିଛି। ଅନ୍ୟ ସ୍ଥାନଗୁଡ଼ିକ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ସଂକ୍ରମିତ ବୋଲି ପ୍ରମାଣିତ ହୋଇନାହିଁ। ଏହାର ଅନୁସନ୍ଧାନ ଜାରି ରହିଛି। କାରଖାନା ମାଲିକମାନଙ୍କ ଦୂରଦୃଷ୍ଟିର ଅଭାବ କାରଣରୁ ସଂକ୍ରମିତ ଅଞ୍ଚଳ ସୃଷ୍ଟି ହେଉଛି ବୋଲି ବିଧାୟକ ମୋହନ ଚରଣ ମାଝିଙ୍କ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉପରୋକ୍ତ ତଥ୍ୟ ଦେଇଛନ୍ତି।

ପ୍ରାୟତଃ ଶିଳ୍ପ ଓ ଖଣି ଖନନ ଯୋଗୁ ରାଜ୍ୟରେ ଅନେକ ସ୍ଥାନରେ ସଂକ୍ରମିତ ଅଞ୍ଚଳ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଉପଯୁକ୍ତ ସମୟରେ ପରିବେଶ ଅନୁକୂଳ ରହିତ ପଦ୍ଧତି ଅବଲମ୍ବନ, ପୂର୍ବ ଆଇନଗୁଡ଼ିକରେ ଯଥେଷ୍ଟ ବ୍ୟବସ୍ଥାର ଅଭାବ, ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ପଦ୍ଧତିର ଅଭାବ, ଦ୍ରୁତ ଶିଳ୍ପାୟନ ଆଦି କାରଣରୁ ସଂକ୍ରମିତ ଅଞ୍ଚଳ ଦେଖାଦେଇଛି। ଇତିମଧ୍ୟରେ ୩ ସ୍ଥାନ ସଂକ୍ରମିତ କରିଥିବା କାରଖାନା ତା'ର ପ୍ରଚଳିତ ପଦ୍ଧତିକୁ ପରିବର୍ତ୍ତନ କରିଛି। ଫଳରେ ସେହି କାରଖାନାରୁ ସଂକ୍ରମିତ ବର୍ଜ୍ୟବସ୍ତୁ ନିର୍ଗତ ହେବା ବନ୍ଦ ହୋଇଯାଇଛି। ଏହାସହ ସିପିସିବି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପରାମର୍ଶ ଅନୁଯାୟୀ ସମ୍ପୃକ୍ତ କାରଖାନାଗୁଡ଼ିକ ଉକ୍ତ ୩ ସଂକ୍ରମିତ ସ୍ଥାନର ପ୍ରତିକାର ବ୍ୟବସ୍ଥା ଆରମ୍ଭ କରି ଦେଇଛନ୍ତି। ଲକ୍‌ଡାଉନ୍ ଓ ପରବର୍ତ୍ତୀ ସମୟରେ କୌଣସି ନୂତନ ସ୍ଥାନ ସଂକ୍ରମିତ ହୋଇନାହିଁ। ଲକ୍‌ଡାଉନ୍ ସମୟରେ ୨୦୨୦ ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଏବଂ ଲକ୍‌ଡାଉନ୍ ପରେ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଏସ୍‌ପିସିବି ତରଫରୁ ବାୟୁ ପ୍ରଦୂଷଣ ମାତ୍ରା ପରୀକ୍ଷଣ କରାଯାଇଥିଲା। ଏହି ସମୟରେ ବାୟୁର ଗୁଣାତ୍ମକ ମାନ ସମସ୍ତ ସ୍ଥାନରେ ପ୍ରାୟତଃ ଭଲରୁ ସନ୍ତୋଷଜନକ ମଧ୍ୟରେ ରହିଥିଲା। ଲକ୍‌ଡାଉନ୍ ପରେ ବାୟୁର ଗୁଣାତ୍ମକମାନ ସନ୍ତୋଷଜନକରୁ ମଧ୍ୟମ ଧରଣର(ମୋଡେରେଟ୍) ରହିଥିଲା। ଡିସେମ୍ବରରେ ଅନୁଗୋଳ, ତାଳଚେର, ଭୁବନେଶ୍ୱର, କଟକ, ଝାରସୁଗୁଡ଼ା, କଳିଙ୍ଗନଗର, କେନ୍ଦୁଝର, ପାରାଦୀପ, ରାଜଗାଙ୍ଗପୁର, ରାଉରକେଲା ଓ ସମ୍ବଲପୁର ସହରରେ ବାୟୁର ଗୁଣାତ୍ମକ କେବଳ ପରିମିତ କାଟେଗୋରିରେ ରହିଥିଲା। ଏହାବାଦ୍ ଲକ୍‌ଡାଉନ ସମୟରେ ୨୦୨୦ ଏପ୍ରିଲ ୧୫ରୁ ୨୦ ତାରିଖ ମଧ୍ୟରେ ରାଜ୍ୟରେ ପ୍ରବାହିତ ୧୧ ନଦୀ ତଥା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ଏବଂ ବାହୁଦାର ୧୨୯ ସ୍ଥାନରୁ ଜଳନମୁନା ସଂଗ୍ରହ କରାଯାଇ ଗୁଣବତ୍ତା ପରୀକ୍ଷା କରାଯାଇଥିଲା। ଏହିନଦୀଜଳରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ଓ ଟୋଲ କୋଲିଫର୍ମ(ଟିସି) ସହିତ ତୁଳନା କରାଯାଇଥିଲା। ଉକ୍ତ ୧୨୯ ଜଳ ନମୁନା ମଧ୍ୟରୁ ୧୨୧ ସ୍ଥାନରେ ଉଦ୍ଦିଷ୍ଟ ମାନ ମଧ୍ୟରେ ରହିଛି। ମୁଖ୍ୟତଃ ଭୁବନେଶ୍ୱର ତଳମୁଣ୍ଡଠାରେ ଦୟାନଦୀ, କଟକ ତଳମୁଣ୍ଡ କାଠଯୋଡି, ବ୍ରାହ୍ମଣୀ ନଦୀର ପାନପୋଷଠାରେ ବିଓଡି ଓ ଟିସି ମାତ୍ରା ଅଧିକ ରହିଥିବା ପରିଲକ୍ଷିତ ହୋଇଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଶୁକ୍ରବାର କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଦୂଷଣର ନିରାକରଣ ପାଇଁ ଏକ ବୈଠକର ଆୟୋଜନ କରିଥିଲେ। ଏଥିରେ ପ୍ରଦୂଷଣ ରୋକିବାକୁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ଏଥିପାଇଁ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଓ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ୨୦୨୪ ସୁଦ୍ଧା ବାୟୁର ପ୍ରଦୂଷଣ ମାତ୍ରାକୁ ୨୦ରୁ ୩୦ପ୍ରତିଶତକୁ ହ୍ରାସ କରାଯିବ।

ପବିତ୍ର ଦୋଳ ଉତ୍ସବ ଓ ହୋଲି ଉପଲକ୍ଷେ ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।



ଟୁନିଆ ସାହୁ
ଯୁବ ନେତା

ପବିତ୍ର ଦୋଳ ଓ ହୋଲି ପର୍ବ ପାଳନ ଅବସରରେ ବାଲିଅନ୍ତା ବ୍ଲକର ସମସ୍ତ ଅଧିବାସୀଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଓ ଶୁଭକାମନା।।



ଶରତ କୁମାର ଦାସ
ସମାଜସେବୀ

# ଜଗତ୍‌ସିଂହପୁରରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

## ଏକାଧିକ ରୋଗରେ ଆକ୍ରାନ୍ତ ଥିଲେ

**ଜଗତ୍‌ସିଂହପୁର ଅଫିସ/ବାଲିକୁଦା(ସ୍ୱ.ପ୍ର.) ୨୭।୩**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସେ କିଡ୍‌ନୀ, ଉଚ୍ଚ ରକ୍ତଚାପ ଓ ଡାଇବେଟିସ୍ ଆଦି ରୋଗରେ ପୀଡିତ ଥିଲେ। ଅସୁସ୍ଥତା କାରଣରୁ ଗତ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ନିଜ ଇଚ୍ଛାରେ ଦରଖାସ୍ତ କରି ୧୯ ତାରିଖରେ ଗାଁକୁ ଚାଲି ଆସିଥିଲେ। ୨୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ୨୧ରେ ଆଶା ଦିଦି ତାଙ୍କ ଘରେ ପହଞ୍ଚି କୋଭିଡ୍ ପଜିଟିଭ୍ ଥିବା କହି ଘରେ ସଙ୍ଗରୋଧ ଭାବେ ରହିବାକୁ ପରାମର୍ଶ ଦେଇଥିଲେ। ୨୨ରେ ପୁଣି ଥରେ ସେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଶୁକ୍ରବାର ରାତିରେ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପୁଅ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟା ପଣ୍ଡା କହିଛନ୍ତି, ଏକାଧିକ ରୋଗ କାରଣରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁଯାୟୀ, ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଜଗତ୍‌ସିଂହପୁରସ୍ଥିତ କଲେଜଛକ ମଶାଣିରେ ମୃତଦେହ ସତ୍କାର କରାଯାଇଛି।

# ଲକ୍ଷାଧିକ ଟଙ୍କାର କଫ୍ ସିରପ୍ ଜବତ: ୫ ଗିରଫ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

**ଝାରସୁଗୁଡ଼ା ଅଫିସ୍,୨୭।୩**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରୁ ଏକ ବୋଲେରୋରେ କଫ୍ ସିରପ୍ ବୋଝେଇ ହୋଇ ଝାରସୁଗୁଡ଼ା ଆସୁଥିବାବେଳେ ପୋଲିସ ହାତରେ ଧରାପଡିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ବଡବଜାରର ଅମିତ ସାହୁ(୨୯), ଝାରସୁଗୁଡା ମଙ୍ଗଳବଜାରର ଏସ୍.କେ. ଅମଜାଦ୍ (୩୭), ମହମ୍ମଦ ଗୁଲାମ ଅସ୍‌ରଫ୍(୨୯), ଝାରସୁଗୁଡା ମିଶ୍ରଗଳିର ଅଙ୍କୁଶ ଭଗତ(୨୮), ଝାରସୁଗୁଡା ରେଲ୍‌ୱେ କଲୋନୀର ଭରତ ସିଂହ ଯାଦବ(୨୯)। ଏମାନଙ୍କ ନିକଟରୁ ପୋଲିସ ଓଆର୍୨୩ ଡି-୮୫୯୮ନଂ. ବୋଲେରୋ,୧୦ପ୍ୟାକେଟ୍ କଫ୍ ସିରପ୍ ଓ ୩ ମୋବାଇଲ୍ ଜବତ କରିଛି। ଜବତ କଫ୍ ସିରପ୍‌ର ମୂଲ୍ୟ ୧ଲକ୍ଷ ୩୨ହଜାର ହେବ। ଏ ନେଇ ଝାରସୁଗୁଡା ଟାଉନ୍ ଥାନାରେ ନଂ.୧୫୩/୨୧ରେ ଏକ ମାମଲା ରୁଜୁ ହୋଇଛି।

ଏସ୍‌ପି ବିକାଶ ଚନ୍ଦ୍ର ଦାଶ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆଗକୁ ହୋଲି ଥିବାରୁ ବାହାର ଜିଲାରୁ ଝାରସୁଗୁଡାକୁ କଫ୍ ସିରପ୍ ଚାଲାଣ ହେବାର ରହିଛି। ଏ ସମ୍ପର୍କରେ ସୂଚନା ରହିଥିବାରୁ ଝାରସୁଗୁଡା ପୋଲିସ ସଜାଗ ରହିଥିଲା। ଏଭଳି ସ୍ଥିତିରେ ଗତ ଶୁକ୍ରବାର ଅପରାହ୍ନରେ ଝାରସୁଗୁଡା ଟାଉନ୍ ଥାନା ପୋଲିସ୍ ତରଫରୁ କୋଭିଡ୍ ନିୟନ୍ତ୍ରଣ ପାଇଁ ବେହେରାମାଲ ରାସ୍ତାରେ ଯାନବାହାନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ସୁନ୍ଦରଗଡ ଆଡୁ ଏକ ବୋଲେରୋ ଆସୁଥିଲା। ଏହାକୁ ପୋଲିସ୍ ଯାଞ୍ଚ କଲାପରେ କଫ୍ ସିରପ୍ ପ୍ୟାକେଟ୍ ଥିବା ଦେଖିବାକୁ ପାଇଥିଲା। ପରେ ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ଯୋଗିତା ସେଠୀ ଓ ଡ୍ରଗସ୍ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଏହାର ଯାଞ୍ଚ କରାଯାଇଥିଲା। ଏସ୍‌ପି ଦାଶ କହିଛନ୍ତି, ଅଭିଯୁକ୍ତଙ୍କ ମଧ୍ୟରୁ ସମ୍ବଲପୁରର ଅମିତ ସାହୁଙ୍କ ନାମରେ ବିଭିନ୍ନ ଥାନାରେ ୧୦କେସ୍, ଅଙ୍କୁଶ ଭଗତଙ୍କ ନାମରେ ୫ କେସ୍ ଓ ଏସ୍‌କେ ଅମଜାଦ୍‌ଙ୍କ ନାମରେ ୫ ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।






# ପାଳି କରି ଗୃହ ଅଚଳ

- ଚାଷୀଙ୍କ ଧାନ ବିକ୍ରିକୁ ନେଇ ଭାଜପାର ହଙ୍ଗାମା
- ହଟ୍ଟଗୋଳ, ଗୃହ ମୁଲତବୀ
- ଏପ୍ରିଲ ୧୫ ଯାଏ ଧାନ କିଣା ଅବଧି ବଢ଼ାଇବାକୁ ଦାବି

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବିଧାନସଭାକୁ ପାଳିକରି ବିରୋଧୀ ଅଚଳ କରୁଛନ୍ତି। ଶୁକ୍ରବାର କଂଗ୍ରେସ ସଦସ୍ୟମାନେ କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ଗୃହରେ ଦିନତମାମ କୌଣସି କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଶନିବାର ରାଜ୍ୟରେ ଚାଷୀଙ୍କ ଧାନ ବିକ୍ରି ପ୍ରସଙ୍ଗକୁ ନେଇ ପ୍ରମୁଖ ବିରୋଧୀ ଭାଜପା ପ୍ରଶ୍ନକାଳ ପରେ ବିଧାନସଭାକୁ ଅଚଳ କରିଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟରେ ସବୁ ଚାଷୀଙ୍କଠାରୁ ଧାନ ଉଠାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତାକାଲିଠାରୁ ଦୁଇଦିନ ଛୁଟି ପଡ଼ିଯିବ। ସରକାର ଧାନ କେବେ ଉଠାଇବେ। କୃଷି ଆଇନ ପ୍ରସଙ୍ଗକୁ ନେଇ ସେ କହିଲେ, କଂଗ୍ରେସ ଦଳ ସଦସ୍ୟମାନେ ଗତକାଲି ଗୃହକୁ ଅଚଳ କଲେ। କୃଷି ଆଇନ ଚାଷୀଙ୍କ ମଙ୍ଗଳ ପାଇଁ ହୋଇଛି। ଯଦି ବୁଝିବାକୁ ଚେଷ୍ଟା କରିବେନି


ପ୍ରଦୀପ୍ତ ନାଏକ

ତେବେ ତାଙ୍କୁ ବୁଝାଇବ କିଏ। ଅନ୍‌ଲାଇନରେ ଧାନ କିଣା ବ୍ୟବସ୍ଥା ହୋଇଛି। ଯାହାଙ୍କର ବାପା ମରିଯାଇଛନ୍ତି ସେମାନେ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ଏହାର ତୁରନ୍ତ ସମାଧାନ ହେବା ଦରକାର। ଏପ୍ରିଲ ୧୫ ତାରିଖ ଯାଏ ଧାନ ଉଠାଇବା ବ୍ୟବସ୍ଥା କରାଯାଉ। ବାଚସ୍ପତି ଏ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ଭାଜପା ସଦସ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ବିଷ୍ଣୁ ଚରଣ ସେଠୀ, ସୁବାସ ପାଣିଗ୍ରାହୀଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। ଚାଷୀଙ୍କ ଧାନ ଉଠାଇବା ଆମର ଦାବି...ଆମର ଦାବି...କହି ପାଟିତୁଣ୍ଡ କଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ଆଜି ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ଅଛି। ସେ ସମୟରେ ଏ ବିଷୟରେ ଭାଜପା ସଦସ୍ୟମାନେ ଆଲୋଚନା କରିପାରିବେ। ମନ୍ତ୍ରୀ ଏହାର ଜବାବ ଦେବେ। ତଥାପି ଭାଜପା ସଦସ୍ୟମାନେ ହଟ୍ଟଗୋଳରୁ ନିବୃତ୍ତ ନ ହୋଇ ହୋହଲ୍ଲା ଜାରି ରଖିଲେ। ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ଯୋଗାଣ ବିଭାଗ ଆଲୋଚନା ବେଳେ ନିଜର ପକ୍ଷ ରଖିବାକୁ କହିଲେ। ମାତ୍ର ସେମାନେ ଗୃହର ମଧ୍ୟଭାଗରେ ହୋହଲ୍ଲା ଜାରି ରଖିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କୁ କହିବାକୁ ଡାକିଲେ। କଳିଙ୍ଗ ଷ୍ଟାଡିୟମର ବିକାଶ ପାଇଁ ପଦକ୍ଷେପ ନେଇଥିବାରୁ ସୁରେଶ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ପ୍ରକୃତରେ ମହାତ୍ମା ଗାନ୍ଧୀ ଶ୍ରୀମନ୍ଦିର ଯାଇଛନ୍ତି କି ନାହିଁ ସରକାର ଏ ନେଇ ଅନୁସନ୍ଧାନ କରି ଗୃହକୁ ଜଣାନ୍ତୁ। ଫଳରେ ଗାନ୍ଧୀଙ୍କୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅବସାନ ହେବ। ବାଚସ୍ପତି ସରକାରଙ୍କୁ ଏ ନେଇ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ଗୃହ କାର୍ଯ୍ୟ ଆଧାରୁ ବନ୍ଦ ହୋଇଥିଲା। ବାଚସ୍ପତି ବିଧାନସଭାକୁ ୧୧ଟା ୪୮ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ପରିସ୍ଥିତିରେ ଉନ୍ନତି ଆସି ନ ଥିଲା। ଭାଜପା ସଭ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭାକୁ ବାଚସ୍ପତି ମଙ୍ଗଳବାର ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

# ଓର୍‌ସାକ ୧୯ ବିଭାଗ କାମ ହାତକୁ ନେଇଛି: ମନ୍ତ୍ରୀ

ଭୁବନେଶ୍ୱର,୨୭।୩(ବ୍ୟୁରୋ)


ଅଶୋକ ଚନ୍ଦ୍ର ପଣ୍ଡା

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓର୍‌ସାକ) ସରକାରଙ୍କ ୧୯ଟି ବିଭାଗର କାମ ହାତକୁ ନେଇଛି। ଓର୍‌ସାକ ମାଧ୍ୟମରେ ସରକାରଙ୍କ ଯେଉଁ ବିଭାଗ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଅନ୍ତି ସେହି ବିଭାଗଗୁଡ଼ିକର ଆବଶ୍ୟକତାକୁ ଆଖିଆଗରେ ରଖି ଉପଗ୍ରହ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ମାନଚିତ୍ର ପ୍ରସ୍ତୁତ କରାଯାଇଥାଏ। ଏହାଛଡ଼ା ବିଭିନ୍ନ ବିଭାଗର ଆବଶ୍ୟକତା ଅନୁଯାୟୀ ମୋବାଇଲ ଏବଂ ୱେବ୍ ଆପ୍ କାର୍ଯ୍ୟ ମଧ୍ୟ ଓର୍‌ସାକ ଜରିଆରେ କରାଯାଉଛି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ମୂଳ ପ୍ରଶ୍ନ ନଂ. ୬୩୨ର ଉତ୍ତରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ଅତିରିକ୍ତ ପ୍ରଶ୍ନରେ ପଚାରିଲେ ଯେ, ଆଇଆଇଟି ଛାତ୍ରୀଛାତ୍ରମାନେ ୫-ଟିର ଆଖିକାନ। ସେମାନେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଛନ୍ତି। ମେଧା ଦୃଷ୍ଟିରୁ ସେମାନଙ୍କୁ ସ୍ଥାୟୀ କରିବାକୁ ସରକାର ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଲେ, ରାଜସ୍ୱ ବିଭାଗର ଡିଜିପିଏସି କାର୍ଯ୍ୟ କରିବା ସହ ଏଡୁକାଟ୍ ଜରିଆରେ ପିଲାଙ୍କୁ ପାଠ ପଢ଼ାଇବା, ୱେବ୍ ପୋର୍ଟାଲ, ମୋବାଇଲ ଆପ୍ ଇତ୍ୟାଦି କାର୍ଯ୍ୟରେ ଓର୍‌ସାକ ନିୟୋଜିତ ଅଛି।

# ରାଜ୍ୟରେ ୮୨ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଚାଲୁଛି

## ଘରୋଇ ସଂସ୍ଥାରେ ନିଯୁକ୍ତି ପାଉଛନ୍ତି ତାଲିମପ୍ରାପ୍ତ: ମନ୍ତ୍ରୀ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଦକ୍ଷତାବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟରେ ୮୨ଟି ଦକ୍ଷତାବିକାଶ ତାଲିମ କେନ୍ଦ୍ର ସ୍ଥାପନ କରାଯାଇଛି। ସେଥିରୁ ୫୨ଟି ଏସ୍‌ଡିସି ଏବଂ ଏସ୍‌ଡିଇସି ସହ ଅନୁବନ୍ଧିତ ହୋଇଥିବା ତାଲିମପ୍ରଦାନକାରୀ ସଂସ୍ଥା ଦ୍ୱାରା ଯୁବତୀଯୁବକଙ୍କୁ ଦକ୍ଷତାଭିତ୍ତିକ ତାଲିମ ଦିଆଯାଉଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ଟ୍ରେଡ୍‌ରେ ତାଲିମ ଦିଆଯାଉଛି। ତାଲିମପ୍ରାପ୍ତ ଯୁବତୀଯୁବକମାନଙ୍କୁ ମୁଖ୍ୟତଃ ଘରୋଇ କମ୍ପାନୀଗୁଡ଼ିକରେ ନିଯୁକ୍ତି ପ୍ରଦାନ କରାଯାଉଛି। ଏହାଛଡ଼ା ଦକ୍ଷତାବିକାଶ ତାଲିମ ନେଇଥିବା ଯୁବତୀଯୁବକମାନେ ବିଭିନ୍ନ କ୍ଷେତ୍ରରେ ଆତ୍ମନିଯୁକ୍ତି ପାଇବା ସହିତ ନିଜସ୍ୱ ଉଦ୍ୟୋଗ ମଧ୍ୟ ସ୍ଥାପନ କରିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନ ନଂ. ୬୩୪ର ଉତ୍ତରରେ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ, ୮୨ଟି ଦକ୍ଷତା ତାଲିମ କେନ୍ଦ୍ରରୁ ଭଦ୍ରକରେ କେତୋଟି ହୋଇଛି। ବିଜେଡି ସଭ୍ୟ ନୃସିଂହ ସାହୁ ଦକ୍ଷତାବିକାଶ କେନ୍ଦ୍ରରେ କେତେପିଲା ତାଲିମ ନେଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ ନିଯୁକ୍ତି ପାଇଛନ୍ତି ବୋଲି ପଚାରିଥିଲେ। ସେହିପରି ଯେଉଁ ଉଦ୍ୟୋଗୀମାନେ ତାଲିମ ନେଇଛନ୍ତି,


ପ୍ରେମାନନ୍ଦ ନାୟକ

ସେମାନଙ୍କୁ ଉଦ୍ୟୋଗ ପାଇଁ ବ୍ୟାଙ୍କ ଋଣ ମିଳୁନାହିଁ। ସେଥିପାଇଁ ସରକାର କିଛି ନିର୍ଦ୍ଦିଷ୍ଟ ସ୍କିମ୍ କରିବେ କି ବୋଲି ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ପଚାରିଥିଲେ। ବିଜେଡି ସଭ୍ୟ ସଦାଶିବ ପଧାନୀ, ରମେଶ ଚନ୍ଦ୍ର ସାଏ, ସତ୍ୟନାରାୟଣ ପ୍ରଧାନ, ଭାଜପା ସଭ୍ୟ କୁସୁମ ଟେଟେ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଜ ନିଜ ଅଞ୍ଚଳରେ ଦକ୍ଷତା ତାଲିମ କେନ୍ଦ୍ର ବିଷୟରେ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, ତାଲିମ ନେଉଥିବା ପିଲାମାନଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ, ରାଜ୍ୟରେ ଓ ରାଜ୍ୟ ବାହାରେ ନିଯୁକ୍ତି ଦିଆଯାଉଛି। ଉଦ୍ୟୋଗୀମାନଙ୍କ ପାଇଁ ନାନୋ ୟୁନିକର୍ନ ନାମରେ ଏକ ସ୍କିମ୍ କରାଯାଇ ସହାୟତା ଦିଆଯାଉଛି।

# ଖୋଲିବ ୧୫୬୭ ନୂଆ ଅଙ୍ଗନୱାଡି କେନ୍ଦ୍ର

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅନୁଦାନ ବଢ଼ିଲା

- ଜାଗା ଚିହ୍ନଟ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ରାଜ୍ୟରେ ମୋଟ ୬୨,୧୭୧ ଅଙ୍ଗନୱାଡ଼ି ଓ ୧୦,୪୧୬ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଥିସହିତ ରାଜ୍ୟରେ ୭,୮୪୪ ନୂତନ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି ଖୋଲିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଆଦେଶାନୁସାରେ ପ୍ରସ୍ତାବର ପୁନଃ ତର୍ଜମା କରିବାକୁ ସେଗୁଡ଼ିକୁ ଜିଲାପାଳଙ୍କୁ ଫେରାଇ ଦିଆଯାଇଛି। ଜିଲାରୁ ସଂଶୋଧିତ ପ୍ରସ୍ତାବ ଆସିବା ପରେ ସେଗୁଡ଼ିକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନିମନ୍ତେ ପଠାଯିବ। ଏବେ ନୂତନ ଭାବେ ୧,୫୬୭ ଅଙ୍ଗନୱାଡ଼ି ଖୋଲିବାକୁ ଜିଲାଗୁଡ଼ିକୁ ମଞ୍ଜୁର କରାଯାଇଛି। ବିଜେଡି ସଭ୍ୟ ଅମର ଶତପଥୀଙ୍କ ମୂଳ ପ୍ରଶ୍ନ ନଂ.୬୩୧ର ଉତ୍ତରରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ଶନିବାର ପ୍ରଶ୍ନକାଳରେ ଏହା କହିଛନ୍ତି। ମୂଳ ପ୍ରଶ୍ନରେ ଅମର ରାଜ୍ୟରେ କେତୋଟି ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ର ଅଛି। ଆବଶ୍ୟକତା ଦୃଷ୍ଟିରୁ ଆଉ କେତୋଟି ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ସରକାରଙ୍କ ପ୍ରସ୍ତାବ ରହିଛି। ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ କ'ଣ ବ୍ୟବସ୍ଥା ରହିଛି ବୋଲି ପଚାରିଥିଲେ। ମନ୍ତ୍ରୀ ଏହାର ଉତ୍ତର ଦେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ୪୦୦ରୁ ୮୦୦ ଜନସଂଖ୍ୟା ମଧ୍ୟରେ ଅଙ୍ଗନୱାଡ଼ି ଓ ୧୫୫ ଜନସଂଖ୍ୟାରେ ମିନି ଅଙ୍ଗନୱାଡ଼ି ଖୋଲିବାର ବ୍ୟବସ୍ଥା ରହିଛି। ସେହିପରି


ଟୁକୁନୀ ସାହୁ

ପାହାଡିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୩୦୦ରୁ ୮୦୦ ଜନସଂଖ୍ୟା ମଧ୍ୟରେ ଅଙ୍ଗନୱାଡ଼ି ଖୋଲିବାର ନିୟମ ରହିଛି। କରୋନା ସମୟରେ ଅଙ୍ଗନୱାଡ଼ି କର୍ମୀମାନେ ବହୁତ ଭଲକାମ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ମୃତ୍ୟୁ ହେଲେ ତାଙ୍କର ସମ୍ପର୍କୀୟଙ୍କୁ ୫୦ଲକ୍ଷ ଟଙ୍କା ଦେବାକୁ ସରକାର ଘୋଷଣା କରିଥିଲେ। ସେହିପରି ଭାଜପା ସଭ୍ୟ ପ୍ରଦୀପ୍ତ ନାଏକ କଳାହାଣ୍ଡି ଜିଲାରେ ଅଙ୍ଗନୱାଡ଼ି କେନ୍ଦ୍ରଗଡ଼ିକରେ ଅନ୍ୟ ସଂସ୍ଥାର ନାମ ଲେଖାଯାଉଛି ବୋଲି ପଚାରିବାରୁ ଏହାର ଉତ୍ତରରେ ଜିଲାପାଳ ଚାହିଁଲେ ଡିଏମ୍‌ଏଫ୍ ପାଣ୍ଠିରୁ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିପାରିବେ ବୋଲି ମନ୍ତ୍ରୀ କହିଥିଲେ। ବିଜେଡି ସଭ୍ୟ ପ୍ରଦୀପ ଅମାତ ଅନେକ ଅଙ୍ଗନୱାଡ଼ି କେନ୍ଦ୍ର ବହୁଦିନରୁ ଅଧା ହୋଇ ପଡ଼ିଛି। ପୂର୍ବରୁ ଏହାକୁ ୫ ଲକ୍ଷ ଟଙ୍କାରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଏବେ ଦରଦାମ ବଢ଼ିଯାଇଥିବାରୁ ସେଥିପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଲେ, ପୂର୍ବରୁ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ୫ଲକ୍ଷ ଟଙ୍କା ଦିଆଯାଉଥିବାବେଳେ ଏବେ ତାହାକୁ ବଢ଼ାଇ ୭ ଲକ୍ଷ ଟଙ୍କା କରାଯାଇଛି। ୨ଲକ୍ଷ ଟଙ୍କା ରାଜ୍ୟ ସରକାର ଦେଉଛନ୍ତି। ବିଧାୟକ ଭାସ୍କର ମଢେଇ, ସୁରେଶ କୁମାର ରାଉତରାୟ, ବିଷ୍ଣୁବ୍ରତ ରାଉତରାୟ, ରଘୁନାଥ ଗମାଙ୍ଗ, ମହମ୍ମଦ ମୋକିମ, ରମେଶ ଚନ୍ଦ୍ର ସାଏ ପ୍ରମୁଖ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, କୋର୍ଟରେ ମାମଲା ଯୋଗୁ କର୍ମୀ, ସୁପରଭାଇଜର ନିଯୁକ୍ତିରେ ସମସ୍ୟା ଓ ପିଲାଙ୍କୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ସହରାଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜାଗା ସମସ୍ୟା ରହିଛି। ଜିଲାପାଳଙ୍କୁ ଜାଗା ଚିହ୍ନଟ କରି ପ୍ରସ୍ତାବ ଦେବାକୁ କୁହାଯାଇଛି। ବହୁ ପ୍ରଶ୍ନକର୍ତ୍ତା ଥିବାରୁ ପ୍ରତି ଜିଲାକୁ ଯାଇ ଏ ନେଇ ଏକ ସମୀକ୍ଷା କରି ପଦକ୍ଷେପ ନେବାକୁ ବାଚସ୍ପତି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ହାଇକୋର୍ଟଙ୍କ ରାୟ ପରେ ଓଟିଏମ୍ ଭାଗ୍ୟ ଫିଟିବ

ଭୁବନେଶ୍ୱର,୨୭।୩(ବ୍ୟୁରୋ)


ପଦ୍ମିନୀ ଦିଆନ

ଚୌଦ୍ୱାରରେ ବନ୍ଦ ହୋଇ ପଡ଼ିଥିବା ଓଟିଏମ୍ ଶିଳ୍ପ ଜାଗାରେ ବିକଳ୍ପ ବୟନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବର୍ତ୍ତମାନ ସରକାରଙ୍କ ପାଖରେ କୌଣସି ଯୋଜନା ନାହିଁ। ଓଟିଏମ୍‌ର ସମାପନ ପ୍ରକ୍ରିୟା ବର୍ତ୍ତମାନ ହାଇକୋର୍ଟର ବିଚାରାଧୀନ ରହିଛି। ଏହି ମିଲ୍‌କୁ କିଣିବାକୁ ଇଡ୍‌କୋ ତରଫରୁ ୬୭ କୋଟି ଟଙ୍କାର ବିଡ୍ ଦାଖଲ କରାଯାଇଛି। ଇଡ୍‌କୋ ପକ୍ଷରୁ ଉକ୍ତ ଜମିରେ ସମନ୍ୱିତ ଶିଳ୍ପ ପାର୍କ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। ଅନ୍ୟପଟେ ହାଇକୋର୍ଟ ପୁନର୍ବାର କରି ଓଟିଏମ୍ ସମ୍ପତ୍ତିକୁ ନିଲାମ କରିବାକୁ ୨୦୧୭ ମାର୍ଚ୍ଚ ୨ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସରକାର ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ଇଡ୍‌କୋ ସପକ୍ଷରେ ଓଟିଏମ୍‌କୁ ହସ୍ତାନ୍ତର କରିବାକୁ ୨୦୧୭ ଏପ୍ରିଲ ୫ ତାରିଖରେ ଏକ ମାମଲା ଦାଏର କରିଛନ୍ତି । ଏ ସମସ୍ତ ରାୟକୁ ବିଚାରକୁ ନେଇ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ ପରେ ପଦକ୍ଷେପ ଗ୍ରହଣ କରାଯିବ। ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ମୂଳ ପ୍ରଶ୍ନ ନଂ ୬୩୩ରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଶନିବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି।

# ୩୬୦୦କୋଟି ଠକିଛନ୍ତି ୧୧ ଖଣି ମାଲିକ

## ଖଣି ଦୁର୍ନୀତି ଅଭିଯୋଗ ଆଣିଲେ ନରସିଂହ

- ଏସ୍‌ଆଇଟି ତଦନ୍ତ କରାଇବାକୁ ଦାବି

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ରାଜ୍ୟରେ ଖଣିଦୁର୍ନୀତିବଢ଼ିଚାଲିଛି। ଫଳରେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏନେଇ ଗୃହରେ ବାରମ୍ବାର ଉତ୍ଥାପନ କଲେ ସୁଦ୍ଧା ଦୁର୍ନୀତିରେ ସମ୍ପୃକ୍ତ ଖଣି ମାଲିକ କିମ୍ବା ସରକାରୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ ଆଣିଛନ୍ତି। ଶନିବାର ଶୂନ୍ୟକାଳରେ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ନରସିଂହ କହିଥିଲେ ଯେ ନାରାୟଣପୋଷି, ନୂଆଗାଁ, ଉଚ୍ଚବାଲି, ବଳଦା, ରୋଇଡା, ନଦିଡିହି, ଜ୍ରିଡୁ ଏବଂ ଖାନ୍ଦବାନ୍ଦ ଲୁହାପଥର ଖଣିରେ ବ୍ୟାପକ ଦୁର୍ନୀତି ହୋଇଛି। ଖଣି ଲିଜ୍‌ଧାରୀମାନେ ସରକାରୀ ଅଧିକାରୀ ଏବଂ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ସହ ମିଶି ରାଜକୋଷକୁ ବହୁ କୋଟି ଟଙ୍କାର କ୍ଷତି ପହଞ୍ଚାଇଛନ୍ତି। ରନ୍ ଅଫ୍ ମାଇନ୍ସ(ଆରଓଏମ୍) ବିଷୟରେ ଖଣି ମାଲିକମାନେ ରିପୋର୍ଟିଂ କରୁ ନାହାନ୍ତି। ଯାହାଦ୍ୱାରା ସରକାରଙ୍କୁ ପ୍ରାୟ ୧୨୧୦.୩୧ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ଗତ ୩ ବର୍ଷରେ ଉକ୍ତ ଖଣି ଲିଜ୍‌ଧାରୀଙ୍କ ସମେତ ୧୧ଜଣ ଖଣି ମାଲିକ ରାଜ୍ୟ ସରକାରଙ୍କୁ ୩୬୦୦ କୋଟି ଟଙ୍କା ଠକିଛନ୍ତି। ଏ ନେଇ ତଦନ୍ତ ହେଉ ନାହିଁ କି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉ ନାହିଁ। ରାଜ୍ୟ ସରକାର ଏହି ମହାଦୁର୍ନୀତିର ତଦନ୍ତ ଏସ୍‌ଆଇଟି ଦ୍ୱାରା କରାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନରସିଂହ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ତେବେ ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ସହନଶୀଳ ନୀତି କେବଳ ଲୋକଦେଖାଣିଆରେ ପରିଣତ ହେବ ବୋଲି ନରସିଂହ କହିଛନ୍ତି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଅଭିଯୋଗ ଆଣିଲେ ସାଲୁଜା

## ଶ୍ୱେତପତ୍ର ଦେବା ବିଳମ୍ବ ଅଭିଯୋଗ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବିଧାନସଭାରେ ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନା ହେବାର ୨୪ ଘଣ୍ଟା ପୂର୍ବରୁ ବିଧାୟକଙ୍କୁ ଶ୍ୱେତପତ୍ର ଦେବାର ବ୍ୟବସ୍ଥା ରହିଛି। ମାତ୍ର ଆଲୋଚନା ହେବା ଦିନ ୧୦ଟା ୩୦ ମିନିଟ୍ ବେଳକୁ ବି ଦିଆଯାଇ ନ ଥିଲା। ଗୃହ ବିଭାଗ ଆଲୋଚନା ମାର୍ଚ୍ଚ ୨୨ ତାରିଖରେ ହେବାର ଥିଲା। ତାକୁ ୨୬ ତାରିଖକୁ ଘୁଞ୍ଚାଇ ଦିଆଗଲା। ଜଳସମ୍ପଦ ବିଭାଗର ଆଲୋଚନା ମାର୍ଚ୍ଚ ୨୬ରେ ହେବାକୁ ଥିବାବେଳେ ୨୨ ତାରିଖକୁ ଘୁଞ୍ଚାଇ ଦିଆଗଲା। ରାଜ୍ୟରେ ହତ୍ୟା, ବଳାତ୍କାର ବଢ଼ି ଚାଲିଛି। ଚୋରି, ଠକେଇ, ଲୁଣ୍ଠନ, ସାଇବର ଅପରାଧ ବଢ଼ିଛି। ଏପରିସ୍ଥଳେ ଗୃହ ବିଭାଗ ଆଲୋଚନା ନ କରିବାକୁ ଏଭଳି ଏକ ଚକ୍ରାନ୍ତ କରାଯାଇଥିଲା। ଶୂନ୍ୟକାଳରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଏଭଳି ଅଭିଯୋଗ ଆଣି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କ ପ୍ରସ୍ତାବକୁ ସ୍ୱାଧିକାର ଭଙ୍ଗ କମିଟିକୁ ପଠାଇବାକୁ ଦାବି କରିଛନ୍ତି । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମଧ୍ୟ ସାଲୁଜାଙ୍କୁ ସମର୍ଥନ କରି କହିଲେ ଯେ ଶ୍ୱେତପତ୍ର ଆଲୋଚନାର ୨୪ ଘଣ୍ଟା ପୂର୍ବରୁ ଦେବା କଥା। ଦିଆଗଲା ନାହିଁ। ରାଜ୍ୟରେ ଋଣ ୧ ଲକ୍ଷ ୨୫ ହଜାର କୋଟି ଛୁଇଁଲାଣି। ଅପରାଧ ବଢ଼ିଚାଲିଛି। ଏଭଳି ଅଭିଯୋଗ ଶୁଣିବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ୨୨ ତାରିଖରେ ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନା ହେବାର ଥିଲା। ସେହିଦିନ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏବଂ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥିବାରୁ ଆଲୋଚନାକୁ ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏଥିରେ କୌଣସି ଚକ୍ରାନ୍ତ ନାହିଁ ବୋଲି ସେ କହିଥିଲେ।

# ୨୦୧୯ ମାର୍ଚ୍ଚରୁ ଡିସେମ୍ବରରେ ୧୧୩୨ ମାମଲା

## ଲୋକାୟୁକ୍ତଙ୍କ ରିପୋର୍ଟ ଉପସ୍ଥାପିତ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ମାର୍ଚ୍ଚ ୨୦୧୯ରୁ ଡିସେମ୍ବର ୩୧ ମଧ୍ୟରେ ୧୧୩୨ଟି ନୂଆ ଅଭିଯୋଗ ଲୋକାୟୁକ୍ତଙ୍କ ଦ୍ୱାରା ଗ୍ରହଣ ହୋଇଛି। ଏଥିରୁ ୫୪୮କେସ୍ ଫଇସଲା ହୋଇଛି । ବାକି ୫୮୪ କେସ୍ ଧାର୍ଯ୍ୟ ସମୟ ଭିତରେ ଫଇସଲା କରିବାକୁ ଲକ୍ଷ୍ୟ ରହିଛି । ଲୋକାୟୁକ୍ତ ଆକ୍ଟର ଧାରା-୨୦ ଆଧାରରେ ୧୫ଟି ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ଲୋକାୟୁକ୍ତଙ୍କ ପ୍ରଥମ ବାର୍ଷିକ ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ନୂଆ ଆକ୍ଟ ଅନୁସାରେ ରାଜ୍ୟର ୩୦ ଜିଲାର ସାଧାରଣ ଲୋକଙ୍କ ଅଭିଯୋଗ ଆଧାରରେ କେସ୍ ଫଇସଲା ହେଉଛି। ରିପୋର୍ଟ ଅନୁସାରେ ପୂର୍ବରୁ ପଞ୍ଜୀକୃତ୧୪୧୮ଟି କେସ୍ ମଧ୍ୟରୁ ୧୨୨୩ ମାମଲାର ଆଶୁ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ପଠାଯାଇଛି। ୧୬୬ ଦୁର୍ନୀତି ସମ୍ପର୍କିତ ମାମଲା ଫଇସଲା ହୋଇଛି । ୨୦୧୩ରେ ଲୋକପାଳ ଓ ଲୋକାୟୁକ୍ତ ଆକ୍ଟ ସଂସଦର ଉଭୟ ଗୃହରେ ପାରିତ ହୋଇ ଆଇନର ପରିଣତ ହେଲା । ଉକ୍ତ ଆକ୍ଟର ଧାରା-୬୩ ଆଧାରରେ ଭାରତର ପ୍ରତ୍ୟେକ ରାଜ୍ୟ ଲୋକାୟୁକ୍ତ ପ୍ରତିଷ୍ଠା କରିବାକୁ କୁହାଗଲା । ସେହି କ୍ରମରେ ୨୦୧୪ରେ ଓଡ଼ିଶା ବିଧାନସଭାରେ ଓଡ଼ିଶା ଲୋକାୟୁକ୍ତ ଆକ୍ଟ ଗୃହୀତ ହେଲା । ଗୁଆହାଟୀ ହାଇକୋର୍ଟରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଅଜିତ ସିଂ ଓଡ଼ିଶା ଲୋକାୟୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମାର୍ଚ୍ଚ ୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟମାନେ ନିଜର କାର୍ଯ୍ୟକାଳ ସରିବା ପରେ ବାହାର ରାଜ୍ୟରେ ପୁନଃନିଯୁକ୍ତି ବା ଅବସ୍ଥାପିତ ହୋଇପାରିବେ ବୋଲି ନିଷ୍ପତ୍ତିନେଇଥିଲେ । ପୂର୍ବରୁ ତାହା ନ ଥିଲା । ପୁରୁଣା ନିୟମରେ ସେମାନଙ୍କୁ ଲୋକାୟୁକ୍ତ ଦାୟିତ୍ୱ ତୁଲାଇ ସାରିବା ପରେ ଅନ୍ୟ କୌଣସି ପ୍ରକାରର ନିଯୁକ୍ତି ଉପରେ କଟକଣା ଥିଲା ।

# ରାଜ୍ୟରେ ୧୪,୬୮୬ ଶିଶୁ ଅନାଥ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ରାଜ୍ୟରେ ୧୪,୬୮୬ ଶିଶୁ ଅନାଥ ଅଛନ୍ତି । ଏବେ ବି ସେମାନେ ପିତୃମାତୃହୀନ ହୋଇ ଜୀବନ ବିତାଉଛନ୍ତି । ୩୦ଟି ଜିଲାରେ ୩୧ଟି ଶିଶୁମଙ୍ଗଳ କମିଟି ଗଠନ କରାଯାଇଛି । ଏହି କମିଟିରେ ୨୦୮୩ ଜଣ ପିତୃମାତୃହୀନ ଶିଶୁ, ୪୭୦୨ ଜଣ ଅଯୋଗ୍ୟ ଅସମର୍ଥ ମାତାପିତାଙ୍କ ଶିଶୁ, ୭୩୩୯ ଜଣ ଶିଶୁ ଶ୍ରମିକ ଏବଂ ୫୬୨ଜଣ ମାଗିଯାଚି ଚଳୁଥିବା ଶିଶୁଙ୍କୁ ରଖାଯାଇଛି। ତେବେ ୮,୫୧୭ ଜଣଙ୍କୁ ଆନୁଷ୍ଠାନିକ ଭାବେ ଯତ୍ନ ପ୍ରଦାନ କରାଯାଉଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ବିଧାୟକ ନବଚରଣ ମାଝିଙ୍କ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ କହିଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ୨୦୧୬-୧୭ଠାରୁ ୨୦୨୦-୨୧ ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୧୬୫୧ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଏହା ପଛକୁ ରହିଛି ଯାଜପୁର। ଏହି ଜିଲାରୁ ୫ବର୍ଷ ମଧ୍ୟରେ ୬୭୩ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବାବେଳେ ମାଲକାନଗିରି ଜିଲାରେ ୪୯୫, ନୟାଗଡ଼ରେ ୩୬୫, ଭଦ୍ରକରେ ୩୮୯ ଏବଂ ଖୋର୍ଦ୍ଧାରେ ୨୫୦ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି । ସେହିଭଳି ୩୦ ଜିଲାରେ ମୋଟ୍ ୭,୩୩୯ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମାଗିଯାଚି ଚଳୁଥିବା ଶିଶୁମାନଙ୍କ ମଧ୍ୟରେ ସର୍ବାଧିକ କୋରାପୁଟ ଜିଲାରେ ଅଛନ୍ତି । ଏହି ଜିଲାରେ ୧୦୦ ଜଣ ଶିଶୁ ମାଗିଯାଚି ଚଳୁଥିବା କୁହାଯାଇଛି। ଖୋର୍ଦ୍ଧା ଜିଲାରେ ମଧ୍ୟ ୫୯ଜଣ ଶିଶୁ ଓ ବରଗଡ଼ ଜିଲାରେ ୭୭, ଭଦ୍ରକରେ ୭୮ ଶିଶୁ ମାଗିଯାଚି ଚଳୁଛନ୍ତି। ୩୦ ଜିଲାରେ ୫୬୨ ଜଣ ଶିଶୁ ମାଗିଯାଚି ଚଳୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ଏମାନଙ୍କ ଥଇଥାନ ପାଇଁ ଶିଶୁ ସୁରକ୍ଷା ସେବା ଯୋଜନା ଅଧୀନରେ ୨୦୧୧-୧୨ରୁ ୨୦୧୯-୨୦ ଆର୍ଥିକବର୍ଷ ମଧ୍ୟରେ ସମୁଦାୟ ୩୨୩ କୋଟି ୬୬ଲକ୍ଷ ୮୧ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ୨୦୧୬-୧୭ରୁ ୨୦୧୯-୨୦ ଆର୍ଥିକବର୍ଷ ମଧ୍ୟରେ ୮୦ଲକ୍ଷ ୨୫ହଜାର ୫ଶହ ଟଙ୍କା ବ୍ୟୟବରାଦ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୩୯ ପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନ ଅଛି । ଏଥିମଧ୍ୟରୁ ୧୮ଟି ଅନୁଷ୍ଠାନ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ୨୨୧ଟି ଅନୁଷ୍ଠାନ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ୫ ବର୍ଷରେ ୧୨୬୨ ଜଣ ଶିଶୁ ପୋଷ୍ୟ

ଭୁବନେଶ୍ୱର,୨୭।୩(ବ୍ୟୁରୋ)-ଗତ ୫ ବର୍ଷ ମଧ୍ୟରେ ରାଜ୍ୟରୁ ମୋଟ ୧୨୬୨ ଜଣ ଶିଶୁଙ୍କୁ ପୋଷ୍ୟ ଭାବରେ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧୧ ଜଣ ପୁଅ ଓ ୨୦୪ ଜଣ ଝିଅଙ୍କୁ ବିଦେଶୀ ଦମ୍ପତି ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ସେହିପରି ଅନ୍ୟ ରାଜ୍ୟର ଦମ୍ପତି ୨୫୮ ଜଣ ପୁଅ ଓ ୪୮୪ ଜଣ ଝିଅଙ୍କୁ ପୋଷ୍ୟଭାବେ ଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ଦମ୍ପତିମାନେ ୧୪୩ ଜଣ ପୁଅ ଓ ୬୨ ଜଣ ଝିଅଙ୍କୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସ୍ମୃତିଲିପିର ରଜତ ଜୟନ୍ତୀ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୩ଟା ୪୫।
- ସୁଧନ୍ୟା ପ୍ରକାଶନୀର ପୁସ୍ତକ ଲୋକାର୍ପଣ ଉତ୍ସବ, ରୋଟାରି ଭବନ, ସନ୍ଧ୍ୟା ୬ଟା ୩୦।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ 'ମେରା ଭାରତ ମହାନ' ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର ପକ୍ଷରୁ ନାଟକ ପରିବେଷଣ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ଭୂତପଦା ଦୋଳ ମେଳଣ, ଭୂତପଦା ପଡ଼ିଆ, କାକରୁଦ୍ରପୁର, ମଧ୍ୟାହ୍ନ ୧୨ଟା।

**କଟକ**
- ନୃତ୍ୟ ଜ୍ୟୋତି ପକ୍ଷରୁ ଦ୍ୱିତୀୟ ମୁଦ୍ରା ଫେଷ୍ଟିଭାଲ, ଟାଉନ ହଲ୍, ସନ୍ଧ୍ୟା ୬ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଉଦ୍‌ଘାଟନ ଉତ୍ସବ, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦ ।

**କଟକସଦର**
- ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ଆନୁକୂଲ୍ୟରେ ଆତ୍ମଜ୍ଞାନ ସାଧନ ଶିବିର ଉଦ୍‌ଯାପନ ଉତ୍ସବ, ଟ୍ୱିନିସିଟି ମଣ୍ଡପ, ତେଲେଙ୍ଗାପେଣ୍ଠ, ପୂର୍ବାହ୍ନ ୧୦ଟା।

**ବେଗୁନିଆ**
- ରଘୁନାଥ ଦେବଙ୍କ ପୀଠରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ଗୋବିନ୍ଦପୁର, ଭୋର ୫ଟା।
- ତ୍ରିନାଥ ଦେବଙ୍କ ପୀଠରେ ଭଜନ ମେଳା, କୋଲୁହାପାଟଣା, ଅପରାହ୍ନ ୪ଟା।

# ଭାରତରୁ ୟୁରୋପ ଭାୟା କୋଲକାତା

**ରାଜଧାନୀରେ ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ କାରବାର ପରେ ପ୍ରଥମ ଥର ସାପବିଷ ବେପାର ସାମ୍ନାକୁ ଆସିଛି। ଶନିବାର ଭୁବନେଶ୍ୱରର ଦୁଇଟି ସ୍ଥାନରେ ସାପବିଷ ବିକ୍ରି ପାଇଁ ଡିଲ୍ ବେଳେ ବନ ବିଭାଗ ପକ୍ଷରୁ ଏକସଙ୍ଗେ ଚଢ଼ାଉ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ସାପ ବିଷର ଢ଼େର ଚାହିଦା ରହିଥିବାରୁ କେତେକ ବ୍ୟକ୍ତି ଏହି କାରବାର ଆପଣାଇ ନେଉଛନ୍ତି। ଫଳରେ ଏବେ ସାପ ବଂଶ ପ୍ରତି ବିପଦ ସୃଷ୍ଟି ହୋଇଛି।**

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ଭାରତରେ ସାପବିଷ ବିଣାବିକା ନେଇ ନାନା କଟକଣା ରହିଛି। ତେଣୁ ଅସାଧୁ ବ୍ୟବସାୟୀମାନେ ଭାରତ ବାହାରକୁ ଏହାକୁ ଚୋରା ଚାଲାଣ କରୁଛନ୍ତି। ଅନ୍ୟପକ୍ଷେ ଭାରତୀୟ ବଜାରଠାରୁ ବାହାର ଦେଶରେ ଏହାର ମୂଲ୍ୟ ଢେର



ଅଧିକ। ଅସାଧୁ ବ୍ୟବସାୟୀମାନେ ସାପବିଷକୁ ଦେଶ ବାହାରକୁ ଚାଲାଣ କରି ମାଲାମାଲ ହେଉଛନ୍ତି। ଭାରତର କୋଲକାତା ସହର ସାପବିଷ ଚାଲାଣର ହବ୍ ପାଲଟିଛି। ଏଠାରୁ ବାଂଲାଦେଶକୁ ସାପବିଷ ଚାଲାଣ କରାଯାଉଛି। ବାଂଲାଦେଶରେ ପହଞ୍ଚିବା ପରେ ଏହାକୁ ଅଧିକ ମୂଲ୍ୟରେ ୟୁରୋପ, ଚାଇନା ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶକୁ ପଠାଯାଉଥିବା ଜଣାପଡ଼ିଛି।

### ଅନ୍ତର୍ଜାତୀୟ ବଜାରରେ ଦୁର୍ମୂଲ୍ୟ

ସାପବିଷରୁ ବିଭିନ୍ନ ମୂଲ୍ୟବାନ ଔଷଧ ପ୍ରସ୍ତୁତ ହୋଇଥାଏ। କ୍ୟାନସର ଭଳି ମାରାତ୍ମକ ରୋଗରେ ବ୍ୟବହାର ହେଉଥିବା ଔଷଧ ମଧ୍ୟ ଏଥିରୁ ପ୍ରସ୍ତୁତ ହେଉଛି। ତେଣୁ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ବହୁତ ଅଧିକ। ଅନ୍ତର୍ଜାତୀୟ ବଜାରରେ ୧ ଗ୍ରାମ୍ କୋବ୍ରା ସାପ ବିଷର ମୂଲ୍ୟ ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଥିବା ଜଣାପଡ଼ିଛି। ତେବେ ଭିନ୍ନ ଦେଶରେ ଏହାର ମୂଲ୍ୟ ଭିନ୍ନ ରହିଥାଏ।

### ସାପବିଷ ପାଲଟୁଛି ନିଶା

ଭାରତୀୟ ବଜାରରେ ମଧ୍ୟ ସାପବିଷକୁ ନିଶାଦ୍ରବ୍ୟ ଭାବେ ବ୍ୟବହାର କରାଯାଉଛି। କୋବ୍ରା ଭଳି ବିଷଧର ସାପର ବିଷକୁ ବ୍ରାଉନ୍‌ସୁଗାର ପରି ବ୍ୟବହାର କରାଯାଉଛି। ଯେଉଁଥିପାଇଁ ଏହାର କଳାବଜାର ହେଉଛି। ବାହାର ଦେଶ ଭଳି ଆମ ଦେଶରେ କେତେକ ବଡ ବଡ ପାର୍ଟିରେ ଏହାକୁ ବିକ୍ରି କରାଯାଉଛି। ସାପବିଷକୁ ପାଉଡରରେ ପରିଣତ କରାଯାଉଥିବା ବେଳେ ଟାବଲେଟ୍ ତିଆରି କରି ଖିଆଯାଉଛି। ସାପବିଷକୁ ସିରିଞ୍ଜି ମାଧ୍ୟମରେ ଦେହରେ ଇଞ୍ଜେକ୍ସନ ଦିଆଯାଇଥାଏ। ମୁଖ୍ୟତଃ ବଲିଉଡ କଳାକାର ଓ ଧନୀକ ଶ୍ରେଣୀର ଯୁବପୀଢ଼ି ଏବେ ଏହି ନିଶା କବଳରେ ପଡୁଛନ୍ତି।

## ସଂକ୍ଷେପରେ

### ବିଶ୍ୱଭୂଷଣ ହରିଚନ୍ଦନ ପାଇବେ କଳିଙ୍ଗରତ୍ନ ସମ୍ମାନ

**କଟକ ଅଫିସ, ୨୭।୩:** ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ସାହିତ୍ୟିକ ବିଶ୍ୱଭୂଷଣ ହରିଚନ୍ଦନ ପାଇବେ କଳିଙ୍ଗରତ୍ନ ସମ୍ମାନ। ଆସନ୍ତା ଏପ୍ରିଲ ୨ ତାରିଖରେ କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକ ସମାରୋହରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେଇ ବିଶ୍ୱଭୂଷଣଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିବେ। ଏ ନେଇ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ୧୯୩୪ ଅଗଷ୍ଟ ୩ ତାରିଖରେ ପୁରୀ ଜିଲା ବାଣପୁର ଥାନା ଅନ୍ତର୍ଗତ ଗୋଡିଝର ଗ୍ରାମରେ ବିଶ୍ୱଭୂଷଣ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ବିଧାନସଭାରେ ୫ ଥର ବିଧାୟକ ଓ ମନ୍ତ୍ରୀ ଥିଲେ। ଏଥିସହ ସେ ଜଣେ ସାହିତ୍ୟିକ। ତାଙ୍କର କୃତିଗୁଡିକ ମଧ୍ୟରେ ମାତୃଭାଷା, ଶେଷ ଝଲକ, ରାଣାପ୍ରତାପ, ଅଗ୍ନିଶିଖା, ମାନସୀ, ସଂଗ୍ରାମ ସରିନାହିଁ ଆଦି ଅନନ୍ୟ।

### ଏପ୍ରିଲ ୨୫ରେ ଷ୍ଟାର୍ ଫିଲ୍ମ ଆୱାର୍ଡ

**ଭୁବନେଶ୍ୱର, ୨୭।୩ (ବ୍ୟୁରୋ):** ଷ୍ଟାର୍ ଫିଲ୍ମ ଆୱାର୍ଡ (ଦ୍ୱିତୀୟ)ର ଟ୍ରଫି ଅନାବରଣ ଉତ୍ସବ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୨୫ତାରିଖରେ ଉତ୍କଳ ମଣ୍ଡପରେ ଏହି ଷ୍ଟାର ଫିଲ୍ମ ଆୱାର୍ଡ ଉତ୍ସବ ହେବ। ଏଥିରେ ଚଳଚ୍ଚିତ୍ର ଜଗତର ସମସ୍ତ ବିଭାଗକୁ ସାମିଲ କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଚେୟାରମ୍ୟାନ ତଥା ପ୍ରଯୋଜକ ରମେଶ ବାରିକ, ସଭାପତି ପ୍ରଯୋଜକ ଲୁଟୁ ମହାନ୍ତି, ଆବାହକ ଶ୍ରୀଧର ମାର୍ଥା, ସମ୍ପାଦକ ରବିନ୍ଦ୍ରନାଥ ପଣ୍ଡା, ଉପସଭାପତି ଲୋକନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଦେବାଂଶୀ, ଆରାଧାଙ୍କୁ 'ଲକ୍‌ଡାଉନ ଷ୍ଟାର୍ ଆୱାର୍ଡ'

**ଭୁବନେଶ୍ୱର, ୨୭।୩(ବ୍ୟୁରୋ):** ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ସୂଚନା ଭବନଠାରେ 'ଲକ୍‌ଡାଉନ ଷ୍ଟାର୍ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଆଶାଲତା ଦାଶ ଓ ମୁଖ୍ୟ ବକ୍ତା ଭାବେ ନିବେଦିତା ଲେଙ୍କା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଚେୟାରମ୍ୟାନ ଡ. ବିଶ୍ୱରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ଗୌତମ ଭଟ୍ଟାଚାର୍ଯ୍ୟ, ସବିତା ସାହୁ, ସୋନାଲ ଆଚାର୍ଯ୍ୟଙ୍କୁ 'ଶ୍ରେଷ୍ଠ ନୃତ୍ୟ ବିଚାରକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଲକ୍‌ଡାଉନ ସମୟରେ ଅନୁଷ୍ଠାନ ଦ୍ୱାରା ହୋଇଥିବା ସଙ୍ଗୀତ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଅଲରାଉଣ୍ଡ ସଫଳତା ପାଇଁ ଦେବାଂଶୀ ମହାନ୍ତି ଓ ଆରାଧା ପାତ୍ରଙ୍କୁ 'ଲକ୍‌ଡାଉନ ଷ୍ଟାର ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଅନୁଷ୍ଠାନ ଦ୍ୱାରା ଚଳିତ ବର୍ଷ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ପାଇଁ ସୌମ୍ୟ ପ୍ରିୟଦର୍ଶୀ ପ୍ରଧାନ, ଦେବାଂଶୀ ଓ ଆରାଧାଙ୍କୁ ଟ୍ରଷ୍ଟର ବ୍ରାଣ୍ଡ ଆମ୍ବାସାଡର ରୂପେ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଲୀନା ମିଶ୍ର, ସମ୍ପାଦିକା ଗୀତାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜିତ ଦାସଙ୍କୁ 'ଜୀବନବ୍ୟାପୀ ସାଧନା' ପୁରସ୍କାର



ଅଭିନେତା ଅଜିତ ଦାସଙ୍କ ସ୍ତ୍ରୀ ମାୟା ଦାସ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



ଅଭିନେତା ମିହିର ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

**ରୁଚି ଓଫା ଆୱାର୍ଡ**
- ସିଦ୍ଧାନ୍ତଙ୍କୁ 'ଓଲିଉଡ୍ ଆଇକନ୍ ସମ୍ମାନ'
- ପୁରସ୍କୃତ ହେଲେ ଓଲିଓଡ୍‌ର ୩୦ କଳାକାର

ଓଡ଼ିଶାର ଅଗ୍ରଣୀ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ହ୍ୱାଇଟ୍ କାନ୍‌ଭାସ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ୧୦ମ ରୁଚି ଓଫା ଆୱାର୍ଡ୍ସ ଉତ୍ସବ ଆୟୋଜିତ ହୋଇଯାଇଛି। ଏହାକୁ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ତଥା ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଭିନେତା ତଥା ନିର୍ଦ୍ଦେଶକ ସ୍ୱର୍ଗତ ଅଜିତ ଦାସଙ୍କୁ ୧୦ମ ରୁଚି ଓଫାର 'ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ଅବର୍ତ୍ତମାନରେ ତାଙ୍କ ସ୍ତ୍ରୀ ମାୟା ଦାସ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ତାଙ୍କୁ ୨୫ହଜାର ଟଙ୍କା, ଓଫାର ସ୍ୱତନ୍ତ୍ର ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ସିଦ୍ଧାନ୍ତ ମହାପାତ୍ରଙ୍କୁ 'ଓଲିଉଡ୍ ଆଇକନ୍ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଅଭିନେତା ଭାବେ ବାବୁସାନ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଅର୍ଚ୍ଚିତା, ଶ୍ରେଷ୍ଠ ଅଭିନେତା (ଜୁରି ଚଏସ୍)ଭାବେ ସବ୍ୟସାଚୀ ମିଶ୍ର, ଶ୍ରେଷ୍ଠ ଅଭିନେତ୍ରୀ (ଜୁରୀ ଚଏସ୍) ଭୂମିକା, ଶ୍ରେଷ୍ଠ ନବାଗତ ନାୟକ ଭାବେ ସମୀର ଶତପଥୀ, ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ଭାବେ ସାୟଲ ମୁଖାର୍ଜୀ, ଶ୍ରେଷ୍ଠ ଖଳନାୟକ ଭାବେ ମିହିର ଦାସ, ଶ୍ରେଷ୍ଠ ସହ ଅଭିନେତା ଭାବେ ମନୋଜ ମିଶ୍ର, ଶ୍ରେଷ୍ଠ ସହଅଭିନେତା (ଦର୍ଶକଙ୍କ ପସନ୍ଦ) ଭାବେ ଶ୍ରୀତମ ଦାସ, ଶ୍ରେଷ୍ଠ ସହ ଅଭିନେତ୍ରୀ (ଦର୍ଶକଙ୍କ ପସନ୍ଦ)ଭାବେ ଶିବାନୀ ସଙ୍ଗୀତା, ଶ୍ରେଷ୍ଠ ନିର୍ଦ୍ଦେଶକ ଅଶୋକ ପତି, ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତରଙ୍ଗ ପ୍ରଡକ୍ସନର 'ମିଷ୍ଟର ମଜନୁ', ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରେମ ଆନନ୍ଦ, ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ହ୍ୟୁମାନ ସାଗର, ଶ୍ରେଷ୍ଠ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଶ୍ରେଷ୍ଠ ଗୀତିକାର ଭାବେ ବାପୁ ଗୋସ୍ୱାମୀ, ଶ୍ରେଷ୍ଠ ସଂଳାପକାର ଭାବେ ଦେବୀଦତ୍ତ ମହାନ୍ତି, ଶ୍ରେଷ୍ଠ କ୍ୟାମେରାମ୍ୟାନ ଭାବେ ରବିନ୍ଦ୍ର ବେହେରା, ଶ୍ରେଷ୍ଠ ସମ୍ପାଦକ ଭାବେ ରାଜେଶ ଦାଶ, ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ ଭାବେ ଲୁବୁନ-ଟୁବୁନ, ଚଳଚ୍ଚିତ୍ର ଖବରଦାତା ଭାବେ ଗୌରୀଶଙ୍କର ପଣ୍ଡା, ଶ୍ରେଷ୍ଠ ପ୍ରଯୋଜକ ଭାବେ ନବୀନ ଭଣ୍ଡାରୀ, ଶ୍ରେଷ୍ଠ ଉତ୍ସାହୀ ପ୍ରଯୋଜକ ଭାବେ ଏନ. ଗଙ୍ଗାଧର ରେଡ୍ଡୀ, ଶ୍ରେଷ୍ଠ ଉଦୀୟମାନ ଅଭିନେତା ଭାବେ ଶୁଭାଶିଷ ନାଥ ଶର୍ମାଙ୍କୁ ପୁରସ୍କୃତ କରାଯାଇଛି।

ସଫିବୁଲ୍ ହକ୍‌ଙ୍କ ନିର୍ଦ୍ଦେଶନାରେ ମୋକ୍ଷର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସନ୍ତା ବର୍ଷଠାରୁ ଏହି ପୁରସ୍କାର ଓଡ଼ିଶା ଫିଲ୍ମ ଫେଷ୍ଟିଭାଲ ଓ ଆୱାର୍ଡ୍ସ ନାମରେ ନାମିତ କରାଯିବ ବୋଲି ଓଫାର ସଭାପତି ବାପୁ ଲେଙ୍କା ସୂଚନା ଦେଇଥିଲେ। ସେହିପରି ଓଫା ଆୱାର୍ଡ୍ସର ନୂତନ ଲୋଗୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ରୁଚି ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ରୁଚି ନିର୍ଦ୍ଦେଶକ ଅରବିନ୍ଦ ସାହୁ, ଏସ୍‌ଏନ୍‌ଏମ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ଓଫାର ଉପାଧ୍ୟକ୍ଷ ସ୍ମୃତିଶିକ୍ତ ସାମନ୍ତରାୟ, ଦଧିଚି ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ଏବଂ ସାଇ ୱାଲ୍ଡର ପରିଚାଳନା ନିର୍ଦ୍ଦେଶକ ପିୟୁଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ

ଭୁବନେଶ୍ୱର,୨୭।୩(ବ୍ୟୁରୋ):

**ଘର ଦଖଲକୁ ନେଇ ତୁମୁଳକାଣ୍ଡ ଘଟଣା**

ରାଜଧାନୀର ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୩/୨୧୧ ପ୍ଲଟରେ ଥିବା ଘର ଦଖଲକୁ ନେଇ ଭଡାଟିଆଙ୍କୁ ମାରପିଟ ଓ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାଜପା ନେତ୍ରୀ ଉପାସନା ମହାପାତ୍ର ଓ ତାଙ୍କ ସ୍ୱାମୀ ଶୁଭ୍ରାଂଶୁ ବିଶ୍ୱାଳ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଘଟଣାରେ ପୋଲିସ ୧୭ ଜଣଙ୍କୁ ଗିରଫ କରିଥିବାବେଳେ ନିର୍ଦ୍ଦିଷ୍ଟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସର ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା କହୁଥିଲେ ସୁଦ୍ଧା ଅଭିଯୁକ୍ତଙ୍କ କୌଣସି ଟେର ପାଇପାରୁନି।

ସୂଚନା ମୁତାବକ ପୂର୍ବତନ ବ୍ରହ୍ମଗିରି ବିଧାୟକ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ଓ ଜ୍ୱାଇଁ ଶୁଭ୍ରାଂଶୁ କିଛିଦିନ ତଳେ ନୟାପଲ୍ଲୀ ଏନ -୩/୨୧୧ ଘରକୁ କିଣିବା ପାଇଁ ବିଲ୍‌ଡର ସାଗରଙ୍କ ଜରିଆରେ ଘର ମାଲିକ ବିଜୟ ନାୟକଙ୍କୁ ଅଗ୍ରିମ ଆକାରରେ ଟଙ୍କା ଦେଇଥିଲେ। ଏନେଇ ଆବଶ୍ୟକ ସମସ୍ତ କାଗଜପତ୍ର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଉକ୍ତ ଘରେ ପ୍ରଣବ ରାୟ ନାମକ ବ୍ୟକ୍ତି ପୂର୍ବରୁ ପରିବାର ଲୋକଙ୍କ ସହ ଭଡ଼ାରେ ରହୁଥିଲେ। ଏଥିସହିତ ତଳ ମହଲାରେ ନିଜ ଅଫିସ ମଧ୍ୟ କରିଥିଲେ। ପ୍ରଣବ ଉକ୍ତ ଘରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଇଣ୍ଟେରିୟର ଡେକୋରେଟିଂ କରିଥିବାରୁ ଉକ୍ତ ଟଙ୍କା ଫେରସ୍ତ ପରେ ଘର ଛାଡ଼ିବାକୁ ଥିଲା। ଗତ ୧୬ତାରିଖ ଅପରାହ୍ନ ୪ଟା୨୦ମିନିଟରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଯୁବକ ପ୍ରଣବଙ୍କୁ ଗାଲିଗୁଲଜ କରିବା ସହ ଘରେ ପଶି ଭଙ୍ଗାରୁଜା କରିଥିଲେ। ଉପାସନା ଓ ତାଙ୍କ ସ୍ୱାମୀଙ୍କ ଇଙ୍ଗିତରେ ବିଲ୍‌ଡର ସାଗରଙ୍କ ସମେତ ଅନ୍ୟ ଯୁବକମାନେ ଏପରି ଆକ୍ରମଣ କରିଥିବା ପ୍ରଣବଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ।

## ନିମାପଡ଼ା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚିତ

ନିମାପଡ଼ା,୨୭।୩(ଡି.ଏନ୍.ଏ.)

ନିମାପଡ଼ା ବାର୍ ଅସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ନୂତନ ସଭାପତି ଭାବେ ଆଇନଜୀବୀ ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ପ୍ରଭାତ ନାୟକ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ, ସହସମ୍ପାଦକ ଭାବେ ରାଧାଶ୍ୟାମ ଜେନା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ମହେନ୍ଦ୍ର କୁମାର ସାହୁ ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ଛବିନ୍ଦ୍ର ମୁଖି ଏହି ନିର୍ବାଚନ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

୬ ମାସ ପୂର୍ବରୁ ଓଇଆର୍‌ସି ବିଦ୍ୟୁତ ଦର ୟୁନିଟ ପିଛା ୨୦ ପଇସା ବୃଦ୍ଧି କରିଥିବାବେଳେ ପୁଣି ଶନିବାର ୩୦ପଇସା ବୃଦ୍ଧି କରିଛି। ବାରମ୍ବାର ଶୁଳ୍କ ବୃଦ୍ଧିକୁ ସମାଜବାଦୀ ପାର୍ଟି ବିରୋଧ କରିଛି। ଏନେଇ ଶନିବାର ସନ୍ଧ୍ୟାରେ ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୋଟିଏ ଆର୍ଥିକ ବର୍ଷରେ ଓଡ଼ିଶାରେ ବିଦ୍ୟୁତ କମ୍ପାନୀଗୁଡ଼ିକର ଅପାରଗତା




ସମାଜବାଦୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଓ ଦୁର୍ନୀତି ଯୋଗୁ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ବିଦ୍ୟୁତ ନିୟାମକ ଆୟୋଗ ରାଜ୍ୟବାସୀଙ୍କ ଉପରେ ଯେପରି ଭାବେ ବିଦ୍ୟୁତ ଶୁଳ୍କ ବୃଦ୍ଧିର ବୋଝ ଲଦି ଦେଇଛନ୍ତି ତାହା ଅଗଣତାନ୍ତ୍ରିକ ଓ ଜନବିରୋଧି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ବିଭିନ୍ନ କମ୍ପାନୀ ଓ ଖାଉଟିଙ୍କ ଉପରେ ବାକି ପଡ଼ିଥିବା ୪୨୩୪ କୋଟି ଏବଂ ସରକାରୀ ଦପ୍ତର ଉପରେ ବାକିଥିବା ୨୪୨ କୋଟି ଟଙ୍କା ବିଦ୍ୟୁତ ଦେୟ ତୁରନ୍ତ ଆଦାୟ କରାଯିବାକୁ ସମାଜବାଦୀ ପାର୍ଟି ଦାବି କରିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପବିତ୍ର



@ ସୁଧାଂଶୁ



@ ସବ୍ୟାସୀ



@ ଦେବାଶିଷ



@ ଜଗବନ୍ଧୁ



@ ନୀଳାଚଳ



@ ସନ୍ଦୀପ

# ଯୁବତୀ ମୃତ୍ୟୁ ମାମଲା, ପରିବାରର ୬ ଗିରଫ

ପୁରୀ ଅଫିସ,୨୭।୩

- ପ୍ରେମ କରୁଥିବାରୁ ମିଳୁଥିଲା ନିର୍ଯାତନା
- ତଥ୍ୟ ନଷ୍ଟ କରିବା ସହ ମିଛ କହିଥିଲେ ପରିବାର ଲୋକେ

ଚନ୍ଦନପୁର ଥାନା ଅଧୀନ ତଳଜଙ୍ଗ ଅଞ୍ଚଳର ଯୁବତୀଙ୍କ ମୃତ୍ୟୁ ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଗେଡୁ ଜେନା, ଦୁର୍ଯ୍ୟୋଧନ ଜେନା, ଜଗବନ୍ଧୁ ଜେନା, ଶଙ୍କରେଶ୍ୱର ଜେନା, ଟୁନା ଜେନା, ବିକ୍ରମ ପ୍ରସାଦ ଜେନା। ଏମାନେ ସମସ୍ତେ ମୃତ ଯୁବତୀଙ୍କ ପରିବାର ସଦସ୍ୟ। ଏ ନେଇ ପୋଲିସ ଏକ ମାମଲା(ନଂ. ୧୦୦/୨୧) ରୁଜୁ କରିଛି। ପୋଲିସର କହିବା ଅନୁଯାୟୀ, ମୃତା ଭାରତୀ ଜେନାଙ୍କ ଆତ୍ମହତ୍ୟା ପଛରେ ପରିବାର ଲୋକଙ୍କର ପ୍ରୋତ୍ସାହନ ରହିଛି। ପ୍ରେମ ସମ୍ପର୍କ ଓ ଫୋନ୍‌ରେ କଥା ହେଉଥିବା ହେତୁ ଭାରତୀଙ୍କୁ ପରିବାର ଲୋକେ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଛନ୍ତି। ଏଣୁ ବାଧ୍ୟ ହୋଇ ଭାରତୀ ଜେନା ଆତ୍ମହତ୍ୟା କରିଛନ୍ତି। ସେହିଭଳି ଏହା ପରିବାର ଲୋକେ ଜାଣିବା ପରେ ମଧ୍ୟ ପୋଲିସକୁ ଏ ନେଇ ସୂଚନା ଦେଇ ନ ଥିଲେ। ସେହିଭଳି ଭାରତୀ ଆତ୍ମହତ୍ୟା କରିବା ପରେ ପରିବାର ଲୋକେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବା ସହ ଜାଣିଶୁଣି ତଥ୍ୟ ଲୁଚାଇଛନ୍ତି। ସୂଚନାଯୋଗ୍ୟ, ଭାରତୀଙ୍କ ମୃତ ଶରୀରକୁ ତାଙ୍କ ପରିବାର ଲୋକେ ଗତ ୨୦ ତାରିଖରେ କୁମୁଦ ପ୍ରଧାନଙ୍କ ଜମିରେ ପୋଡ଼ି ଦେଇଥିବା ନେଇ ଗତ ୨୫ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ କଙ୍କାଳ ଜବତ କରିଥିଲେ। ଏହାପରେ ପୋଲିସ ପରିବାର ସଦସ୍ୟଙ୍କୁ ଅଟକ ରଖି ପଚାରଉଚରା କରିଥିଲା। ପ୍ରଥମେ ପରିବାର ଲୋକେ ପୋଲିସକୁ ନ ଜଣାଇ ମୃତଦେହ ପୋଡ଼ିଥିବା କଥା ମାନିଥିବା ବେଳେ ଏପରିକି ଅନେକ ପ୍ରମାଣ ନଷ୍ଟ କରିଥିଲେ ବୋଲି ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି।

## ସୁଶୀଳ ସଭାପତି, ଶିବପ୍ରସାଦ ସମ୍ପାଦକ

ଜଟଣୀ,(ଡି.ଏନ୍.ଏ.): ଓଡ଼ିଶା ବାର୍ କାଉନ୍ସିଲର ଗାଇଡ୍‌ଲାଇନ୍ ମୁତାବକ ବିଭିନ୍ନ ପଦବୀ ନିମନ୍ତେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶନିବାର ସମସ୍ତ ପାର୍ଥୀଙ୍କ ଫଳ ପ୍ରକାଶ ପାଇଛି। ଜଟଣୀ ଲୟର୍ସ ଆସୋସିଏଶନର ସୁଶୀଳ ମହାନ୍ତି ସଭାପତି, କାହ୍ନୁଚରଣ ପ୍ରଧାନ ଉପସଭାପତି, ଶିବପ୍ରସାଦ ରଥ ସମ୍ପାଦକ, ପ୍ରଦୀପ ମହାନ୍ତି ଯୁଗ୍ମ ସମ୍ପାଦକ, ରବି ପଣ୍ଡା ସହସମ୍ପାଦକ ଏବଂ କୋଷାଧ୍ୟକ୍ଷଭାବେ ଅରୁଣ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଜଟଣୀ ବାର ଆସୋସିଏଶନର ଦେବବ୍ରତ ପାଢୀ ସଭାପତି, ଦିଲୀପ ସୁବୁଦ୍ଧି ଉପସଭାପତି, ସଞ୍ଜୟ ସୁବୁଦ୍ଧି ସମ୍ପାଦକ ଏବଂ ସହସମ୍ପାଦକ ଭାବେ ସୁଶାନ୍ତ ସୁବୁଦ୍ଧି ନିର୍ବାଚିତ ହୋଇଛନ୍ତି।



# ଗାନ୍ଧୀ ନାରାରେ ପ୍ରକମ୍ପିତ ପୁରୀ ସହର

ପୁରୀ ଅଫିସ,୨୭।୩:

ଗାନ୍ଧୀଙ୍କ ପୁରୀ ଆଗମନ ଶତବାର୍ଷିକ ଉପଲକ୍ଷେ ଶନିବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ପକ୍ଷରୁ ପୁରୀରେ ବ୍ୟାପକ ଆୟୋଜନ ହୋଇଛି। ସବୁ ରାଜନୈତିକ ଦଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ପୁରୀ ଜିଲାର ସମସ୍ତ ନେତୃମଣ୍ଡଳୀଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି। ପ୍ରଥମେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପୁରୀ ରେଳ ଷ୍ଟେଶନଠାରେ ଏକାଠି ହୋଇ ଗାନ୍ଧୀଙ୍କ ଫଟୋଚିତ୍ର ଉନ୍ମୋଚନ କରିଥିଲେ। ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହେଶ୍ୱର ମହାନ୍ତି ଓ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଫଟୋଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହାପରେ ଏକ ଶୋଭାଯାତ୍ରା ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚକୁ ବାହାରି ଥିଲା। ଶୋଭାଯାତ୍ରାରେ ଏନ୍‌ସିସି ଛାତ୍ରୀଛାତ୍ର, ଶଙ୍ଖୁଆ, ସଂକୀର୍ତ୍ତନ ଓ ଅନେକ ସାଂସ୍କୃତିକ ସଙ୍ଗଠନ ଯୋଗ ଦେଇଥିଲେ। ଗାନ୍ଧୀଙ୍କ ଫଟୋଚିତ୍ର ସମ୍ବଳିତ ଏକ ରଥ ସହ ବିଶାଳ ଶୋଭାଯାତ୍ରା ସହର ମଧ୍ୟରେ ଚାଲିବାର ଦେଖିବାକୁ ମିଳିଥିଲା। ଝାଞ୍ଜ-କୀର୍ତ୍ତନର ସ୍ୱର ଓ ମହାତ୍ମା ଗାନ୍ଧୀ କି ଜୟ ନାରାରେ ପୁରୀ ସହର ପ୍ରକମ୍ପିତ ହୋଇଉଠି ଥିଲା। ଶୋଭାଯାତ୍ରାରେ ଅନେକ ବରିଷ୍ଠ ଶିକ୍ଷାବିତ୍ ଓ ପର୍ଯ୍ୟଟକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ହଜାର ହଜାର ଗାନ୍ଧୀପ୍ରେମୀ ଷ୍ଟେଶନ ରୋଡ୍‌ରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚଠାରେ ପହଞ୍ଚିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚଠାରେ ଗାନ୍ଧୀ ବିଚାର ସମ୍ପର୍କିତ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ ଏମ୍‌ପି ମିଶ୍ର, ବିଧାୟକ ଷଡ଼ଙ୍ଗୀ, ଗାନ୍ଧୀବାଦୀ ପୂର୍ଣ୍ଣଚନ୍ଦ୍ର ଦାଶ ଓ ଉପେନ୍ଦ୍ର ପାଢୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଗାନ୍ଧୀଙ୍କ ଓଡ଼ିଶା ତଥା ପୁରୀ ଆଗମନ ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ବାଚସ୍ପତି ପାତ୍ର ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରି ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ମଧ୍ୟରେ ସୀମିତ ହେବା ଭଳି ବ୍ୟକ୍ତିତ୍ୱ ନ ଥିଲେ। ସେ ଏଭଳି ବ୍ୟକ୍ତିତ୍ୱ ଯାହାଙ୍କ ପ୍ରଭାବ ସଦାସର୍ବଦା ମାନବ ସମାଜ ଉପରେ ରହି ଆସିଛି। ହିଂସା ପରିତ୍ୟାଗର କଥା କହି, ଭାଇଚାରାର ପ୍ରେମ ସାରା ବିଶ୍ୱରେ ବାଣ୍ଟିବାରେ ଗାନ୍ଧୀ ସମର୍ଥ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଗାନ୍ଧୀ ଚେତନାର ପ୍ରଚାର ପ୍ରସାର ରାଜନୈତିକ ଦଳର ଏକ ପ୍ରମୁଖ କାର୍ଯ୍ୟ ହେବା ଦରକାର। ଗାନ୍ଧୀଙ୍କ ଆଦର୍ଶରେ ଏକ ସମର୍ପିତ ସମାଜ ଗଠନ ଦିଗରେ ସମସ୍ତଙ୍କ ମିଳିତ ପ୍ରୟାସ ରହିବା ଆବଶ୍ୟକ। ଏମ୍‌ପି ମିଶ୍ର ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଯୁବପିଢିମାନେ ନିଜ ଜୀବନରେ ପ୍ରତିଫଳିତ କରାଇବାର ଆବଶ୍ୟକ ରହିଛି ବୋଲି କହିଥିଲେ।



ଗାନ୍ଧୀ ଶତବାର୍ଷିକୀ ପାଳନ ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ।

**ପୁରୀ ଆଗମନର ଶତବାର୍ଷିକ ପୂର୍ତ୍ତି ପାଳନ..**

## ନେତାଙ୍କ ନାରାବାଜିକୁ ନେଇ ବିବାଦ:ହାତାହାତି ହେଲେ ୨ଗୋଷ୍ଠୀ

ଗାନ୍ଧୀଙ୍କ ପୁରୀ ଆଗମନର ଶତବାର୍ଷିକ ପୂରଣ ପାଇଁ ହୋଇଥିବା କାର୍ଯ୍ୟକ୍ରମରେ ଦୁଇ ବିଜେଡି ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ବିବାଦ ଏତେ ଗମ୍ଭୀର ଥିଲା ଯେ, ଏମ୍‌ପି ପିନାକୀ ମିଶ୍ର ଓ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ମଧ୍ୟ ହାତାହାତି ପରିସ୍ଥିତି ଉପୁଜିଛି। ପୁରୀ ବିଜେଡିର ଦୁଇ ଗୋଷ୍ଠୀ ଗାନ୍ଧୀଙ୍କ ଫଟୋଚିତ୍ର ଉନ୍ମୋଚନ ପାଇଁ ଷ୍ଟେଶନ ରୋଡ୍‌ରେ ପହଞ୍ଚିବା ପରେ ସେଠାରେ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ୍ ଦିଆଯାଇଥିଲା। ଏହାପରେ ଏକ ଗୋଷ୍ଠୀ ସ୍ଥାନୀୟ ନେତାଙ୍କ ନାମ ନେଇ ନାରାବାଜି କରିଥିଲେ। ମନ୍ତ୍ରୀ ଓ ଏମ୍‌ପିଙ୍କ ସମ୍ମୁଖରେ ଏହା ହେଉଥିବାରୁ ଅନ୍ୟ ଗୋଷ୍ଠୀ ମଧ୍ୟ ନାରାବାଜି କରିବାରେ ଦ୍ୱିଧା କରି ନ ଥିଲେ। ଏଭଳି ସ୍ଥିତି ଉପୁଜିଥିଲା ଯେ, ଗାନ୍ଧୀଙ୍କ ନାରାବାଜି ବଦଳରେ ଦୁଇ ବିଜେଡି ଗୋଷ୍ଠୀ ନିଜ ନିଜ ନେତାଙ୍କ ନାମରେ ସ୍ଲୋଗାନ୍ ଦେଇଥିଲେ। ପରେ ଏହି ପ୍ରତିଦ୍ୱନ୍ଦ୍ୱିତା ବଚସା ଓ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ନିଜେ ମନ୍ତ୍ରୀ ସମୀର ଦାସ ଗଣ୍ଡଗୋଳ ମଧ୍ୟରେ ପଶି ସମସ୍ୟା ତୁଟାଇବାରେ ଲାଗିଥିଲେ। ତେବେ କିଛି ସମୟ ପରେ ସବୁ ନେତାଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କୁ ପଚରାଯିବାରେ ଦଳ ମଧ୍ୟରେ କୌଣସି ବିବାଦ ନାହିଁ। ଗହଳିରେ ଆଗ ପଛ ହୋଇଯିବାରୁ ପରିସ୍ଥିତି ବିଶୃଙ୍ଖଳିତ ହୋଇଯାଇଥିଲା। କଥା ବାର୍ତ୍ତା କରି ବିବାଦ ତୁଟାଇ ଦିଆଯାଇଛି।


ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ।

## ଅଜିତ୍ ସଭାପତି, ସଞ୍ଜୟ ସମ୍ପାଦକ

ଖୋର୍ଦ୍ଧା ଅଫିସ,୨୭।୩

**ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ**

ଖୋର୍ଦ୍ଧା ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଜିତ୍ ପଟ୍ଟନାୟକ ସଭାପତି, ସଞ୍ଜୟ ପଟ୍ଟନାୟକ ସମ୍ପାଦକ, ଲୋତକ ବିନ୍ଦୁ ପଟ୍ଟନାୟକ ଉପସଭାପତି ଏବଂ କୋଷାଧ୍ୟକ୍ଷ ଭାବେ ବିକ୍ରମ କେଶରୀ ଛୁଆଲସିଂହ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବିଜୟ ଚନ୍ଦ୍ର ମହାନ୍ତି ଜଣାଇଛନ୍ତି। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଦାନ, ଅପରାହ୍ନ ୪ଟାରେ ଭୋଟ ଗଣତି ଆରମ୍ଭ ହୋଇ ସାଢେ ୮ଟାରେ ଶେଷ ହୋଇଥିଲା। ରାତି ୯ଟାରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ସଭାପତି ପଦବୀ ଲାଗି ଅଜିତ୍ ୧୫୫ ଖଣ୍ଡ ଭୋଟ ପାଇଥିବା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ ସାମନ୍ତସିଂହାର ୮୨, ପ୍ରଫୁଲ୍ଲ ଦାଶ ୨୯ ଓ ବିଜୟ ଛୋଟରାୟ ୨୨ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକପଦବୀରେ ସଞ୍ଜୟ ୧୭୬ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ବେହେରା ୯୧, ପ୍ରଦୀପ କୁମାର ଦଲାଇ ୨୦ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପଦବୀ ଲାଗି ଲୋତକ ୧୯୩ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରଭାତ ବେହେରା ୯୧ଟି ଭୋଟ ପାଇଥିଲେ। କୋଷାଧ୍ୟକ୍ଷ ପଦବୀ ଲାଗି ବିକ୍ରମ କେଶରୀ ଛୁଆଲସିଂ ୧୭୯ଖଣ୍ଡ ଭୋଟ ପାଇଥିବା ବେଳେ ଦେବେନ୍ଦ୍ର ଦାଶ ୧୦୯ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସଂଘର ନୂତନ ସଦସ୍ୟଙ୍କୁ ପୂର୍ବତନ ଓକିଲ ସଂଘ ସଭାପତି ଶିଶିର ପରିଡା, ସମ୍ପାଦକ ହର୍ଷ ପଟ୍ଟନାୟକ, ମନ୍ମଥ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ୨୫ ଫେରିପାଇଲେ ଲୁଟ୍ ମୋବାଇଲ ଫୋନ

ଭୁବନେଶ୍ୱର,୨୭।୩(ବ୍ୟୁରୋ): ଲୁଟ୍, ଛିନ୍‌ତାଇ ଭଳି ଅପରାଧକୁ ରୋକିବା ପାଇଁ କମିଶନରେଟ୍ ପୋଲିସର ଶହୀଦନଗର ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଛି। ବିଭିନ୍ନ ଅଭିଯୋଗର ତଦନ୍ତ କରି ଗତ ୧୫ ଦିନ ମଧ୍ୟରେ ୮ଜଣ ଲୁଟେରାଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୪୫ ମୋବାଇଲ୍ ଫୋନ୍ ଓ ତିନୋଟି ବାଇକ ଜବତ କରିଛି ପୋଲିସ। ଲୁଟର ଶିକାର ହୋଇଥିବା ୨୫ଜଣଙ୍କୁ ସେମାନଙ୍କ ମୋବାଇଲ ଫେରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ରସୁଲଗଡ଼ ଅଞ୍ଚଳର ମୁନୁ ଓରଫ ଶଶିକାନ୍ତ ପ୍ରଧାନ, ଭୋଇନଗରର ବର୍ଣ୍ଣି ଓରଫ ଅବିନାଶ ନାୟକ, କଳ୍ପନା ଅଞ୍ଚଳର ବୁଲୁ ନାୟକ, ଭୀମପୁରର ଲିଟୁ ଓରଫ ଅସୀମ କୁମାର ସାହୁ, ପଥରବନ୍ଧ ବସ୍ତିର ନିରଞ୍ଜନ ଶବର, ଶାନ୍ତିପଲ୍ଲୀର ରମେଶ ସେଠୀ ଓ ଶିବ ଗୋଇପାଇ ଏବଂ କେଦାରପଲ୍ଲୀର ବୁଲା ଓରଫ ପ୍ରକାଶ ନାୟକ। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ହାତୀକୁ ଦେଖି ବାଇକ୍‌ରୁ ପଡ଼ି ୨ ଆହତ

ନିରାକାରପୁର,୨୭।୩(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ବଘେଇପୁଟ ରାସ୍ତାରେ ହଠାତ୍ ହାତୀକୁ ଦେଖି ବାଇକ୍‌ରୁ ଖସିପଡ଼ିବାରୁ ଦୁଇ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରାମେଶ୍ୱର ପଞ୍ଚାୟତ ଖମାରିସାହିର ଭବାନୀ ପ୍ରସାଦ ପଟ୍ଟନାୟକ ଓ ସରପାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନେଶ୍ୱର ବେହେରା। ଏମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଘରକୁ ଫେରିଯାଇଥିବା ଜଣାପଡ଼ିଛି। ଭବାନୀ ଓ ଧନେଶ୍ୱର ଏକ ବାଇକ୍‌ରେ ୧୬ନଂ. ଜାତୀୟ ରାଜପଥରେ ସରପାରୀ ଯାଉଥିବା ବେଳେ ବଘେଇପୁଟ ରାସ୍ତାରେ ଏକ ହାତୀ ହଠାତ୍ ସେମାନଙ୍କ ଆଗକୁ ଆସିଯିବାରୁ ଗାଡ଼ିରୁ ଖସି ଆହତ ହୋଇଥିଲେ। ଜୀବନ ବଞ୍ଚାଇବାକୁ ସେମାନେ ଗାଡ଼ି ଛାଡ଼ି ଦୌଡ଼ିଥିଲେ। ଗାଡ଼ିଟି ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ହାତୀମାନେ ଉପଦ୍ରବ କରିବା ସହ ଲୋକଙ୍କ ଘର ଭାଙ୍ଗୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି।

### ଚେନ୍, ଲକେଟ ଚୋରି କରି ଜଣେ ଗିରଫ

ଭୁବନେଶ୍ୱର, ୨୭।୩(ବ୍ୟୁରୋ): ସୁନାଚେନ ଓ ଲକେଟ ଚୋରି ଅଭିଯୋଗରେ ନନ୍ଦନକାନନ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାରଙ୍ଗ ଥାନା ଅଧୀନ ମଧୁପୁର ଗ୍ରାମର ସୌଭାଗ୍ୟ ପ୍ରଧାନ ଓରଫ୍ ଟୁଲୁ। ତାଙ୍କଠାରୁ ପୋଲିସ ଏକ ସ୍କୁଟି ଜବତ କରିଛି। ଟୁଲୁଙ୍କ ନାମରେ ପୂର୍ବରୁ ନନ୍ଦନକାନନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ନନ୍ଦନକାନନ ଥାନା ଅଞ୍ଚଳର ବାସିନ୍ଦା ସରୋଜିନୀ ମହାପାତ୍ର ନିଜ ଘର ଲାଇବ୍ରେରିରେ କାମ କରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଘର ଭିତରକୁ ପଶି ସରୋଜିନୀ ପିନ୍ଧିଥିବା ସୁନାଚେନ ଓ ଲକେଟକୁ ଜୋର ଜବରଦସ୍ତି ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏ ନେଇ ନନ୍ଦନକାନନ ଥାନାରେ ସରୋଜିନୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ କେସ୍ (ନଂ-୩୮/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଦୋକାନୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୩(ବ୍ୟୁରୋ): ପାଣିବୋତଲକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବଡଗଡ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡଗଡ ବ୍ରିଟ କଲୋନୀ ଅଞ୍ଚଳର ଦୀପୁ ଦାସ ଓରଫ ବାବୁ। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବଡଗଡ ବ୍ରିଟ କଲୋନୀ ଅଞ୍ଚଳର ହେମନ୍ତ କୁମାର ବେହେରା ଗତ ୨୨ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ବାହାରୁଥିଲେ। ଅଭିଯୁକ୍ତ ବାବୁ ତାଙ୍କୁ ପାଣି ବୋତଲ ମାଗିବାରୁ ସେ ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ଭିତରେ ବଚସା ହେବା ପରେ ହେମନ୍ତ ଚାଲିଯାଇଥିଲେ। ରାସ୍ତାରେ ହେମନ୍ତଙ୍କୁ ବାବୁ ଅଟକାଇବା ସହ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଫେରାର ହୋଇଯାଇଥିଲା। ହେମନ୍ତ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୯୮/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## ଘରୋଇ ଶିକ୍ଷା ବ୍ୟବସ୍ଥା ସଂକ୍ରାନ୍ତ କନ୍‌ଭେନଶନ



ସୂଚନା ଭବନରେ ଆୟୋଜିତ କନ୍‌ଭେନଶନ୍‌ରେ ଯୋଗଦେଇଥିବା ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ୍‌ର କର୍ମକର୍ତ୍ତା।

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ୍ (ଅପୋସା)ପକ୍ଷରୁ ଶନିବାର ସୂଚନା ଭବନରେ ଘରୋଇ ଶିକ୍ଷା ବ୍ୟବସ୍ଥା ସମ୍ବଳିତ ଏକ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ୍ ଅନୁଷ୍ଠିତ ହୋଇଯାଇଛି। ଅପୋସାର ସଭାପତି ସତ୍ୟନାରାୟଣ ମିଶ୍ର ଏଥିରେ ଯୋଗଦେଇ ଘରୋଇ ବିଦ୍ୟାଳୟ ତଥା ଘରୋଇ ଶିକ୍ଷା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା କହି ଏହାର ଦୃଢ ନିନ୍ଦା କରିଥିଲେ। ଫେଡେରେଶନ୍ ଅଫ୍ ପ୍ରାଇଭେଟ୍ ସ୍କୁଲ୍‌ସ ଓଡ଼ିଶା (ଫେପ୍‌ସୋ)ର ନେତୃବୃନ୍ଦ ଅପୋସାର ସମସ୍ତ କାର୍ଯ୍ୟକ୍ରମରେ ଫେପ୍‌ସୋର ସହଯୋଗ ରହିବ ବୋଲି କହିଥିଲେ। ଏଥିସହ ପୂର୍ବରୁ ପ୍ରଚଳିତ ଏପ୍ରିଲ ୧ରୁ ଶିକ୍ଷାବର୍ଷ ଆରମ୍ଭ ନିୟମ ଅପରିବର୍ତ୍ତିତ ରହିବା, ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ଉଚ୍ଚଶିକ୍ଷାରେ ୧୫% ସଂରକ୍ଷଣ ନିଷ୍ପତ୍ତିକୁ ବାତିଲ କରିବା, ସ୍ଥାୟୀ ଏନ୍‌ଓସି ପ୍ରଦାନ ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। କନ୍‌ଭେନାନରେ ଅପୋସାର ସାଧାରଣ ସମ୍ପାଦକ ଅବନ୍ତୀ କୁମାର ସୁତାର, ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା ଅଜିତ୍ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୭.୦୩.୨୦୨୧

| ୪, ୮୨, ୬୮୪ ଟଙ୍କା | |
|---|---|
| ସୁନା | ୪.୩୫୦ ଗ୍ରାମ୍ |
| ରୁପା | ୧୪୯.୩୫୦ ଗ୍ରାମ୍ |

## ଅଭିଯୁକ୍ତଙ୍କୁ ଖୋଜୁଛି ୩ ଟିମ୍

**ମହିଳାଙ୍କୁ ବଳାତ୍କାର ଅଭିଯୋଗ ଘଟଣା**

■ସାକ୍ଷୀ ହେବାକୁ ପଡ଼ୋଶୀ ଅରାଜି

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ଘରେ ପଶି ଜୋରଜବରଦସ୍ତି ମହିଳାଙ୍କୁ ବଳାତ୍କାର ଅଭିଯୋଗ ଘଟଣାରେ ଅଭିଯୁକ୍ତ ପୋଲିସକୁ ଚକମାଦେଇ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଶନିବାର ପୋଲିସର ୩ଟି ଟିମ୍ ରାଜଧାନୀ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିବା ସହ ସାକ୍ଷୀ ଯୋଗାଡରେ ଲାଗିଛି। କିନ୍ତୁ ପୋଲିସ ପୀଡିତାଙ୍କ ପଡୋଶୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ଜଣ ମହିଳାଙ୍କୁ ଡକାଇ ଆଲୋଚନା କରିଥିଲେ ମଧ୍ୟ କେହି ସାକ୍ଷୀ ହେବାକୁ ରାଜି ହେଉ ନ ଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଥାନା ହଳଦୀପଡ଼ିଆ ବସ୍ତିର ଜଣେ ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଘରେ ପଶି ଗୁରୁବାର ରାତିରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡିତା ମହିଳା ସ୍ୱାମୀଙ୍କ ସହ ହଳଦୀପଡିଆ ବସ୍ତିରେ ରହୁଥିଲେ। ଗୁରୁବାର ରାତି ସାଢେ ୧୧ଟାବେଳେ ସେ ଘରେ ଏକୁଟିଆ ଥିବାବେଳେ ସ୍ଥାନୀୟ ଯୁବକ ଛୋଟୁ ପ୍ରସାଦ ତାଙ୍କ ଘର ପଛପଟେ ପ୍ରବେଶ କରିଥିଲେ। ପରେ ମହିଳାଙ୍କୁ ବଳାତ୍କାର କରିଥିଲେ। ବିରୋଧ କରିବାରୁ ଛୋଟୁ ନିଜକୁ ସ୍ଥାନୀୟ ଅଞ୍ଚଳର ଦାଦା ବୋଲି କହିଥିଲା। କିଛି ସମୟ ପରେ ଘରେ ମହିଳାଙ୍କ ସ୍ୱାମୀ ପହଞ୍ଚିଥିଲେ। ସେ ବଳାତ୍କାର କରିଥିବା ଛୋଟୁଙ୍କୁ ଧରି ମାଡ଼ ମାରିଥିଲେ। କିନ୍ତୁ ଅଭିଯୁକ୍ତ ଚପଲ ଛାଡ଼ି ଆଗପଟ କବାଟଦେଇ ବାହାରକୁ ଡିଆଁ ମାରିଥିଲେ। ପରେ ମହିଳାଜଣକ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ମାଇନା କରାଇବା ସହ ମାମଲା ରୁଜୁ କରିଛି।

**ରଙ୍ଗହୀନ ରଙ୍ଗର ପର୍ବ**

## କୋଭିଡ୍ କଟକଣାରେ ଦୋଳ ପୂର୍ଣ୍ଣିମା

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ହିନ୍ଦୁଙ୍କ ବଡ଼ ପର୍ବଗୁଡ଼ିକ ମଧ୍ୟରେ ଦୋଳ ଓ ହୋଲି ଅନ୍ୟତମ। ତେବେ ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରୁ ଏହି ପର୍ବ ପାଳନ ଫିକା ପଡ଼ିଛି। ଦୋଳ ପର୍ବ ଓ ରଙ୍ଗ ପର୍ବ ହୋଲିରେ ବାହାରେ ରଙ୍ଗଖେଳ ଉପରେ ରୋକ୍ ଲାଗିଛି। ଏଣୁ ଏ ବର୍ଷ ରଙ୍ଗର ପର୍ବ ରଙ୍ଗହୀନ ହେବା ନେଇ ସାଧାରଣରେ ନିରାଶ ଭାବ ଦେଖିବାକୁ ମିଳିଛି। କେବଳ ଗାଁ ଗହଳିରେ ନୁହେଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଦୋଳ ପୂର୍ଣ୍ଣମୀ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ବିଭିନ୍ନ ମନ୍ଦିରରୁ ହରିହର, ଶିବପାର୍ବତୀ, ରାଧାକୃଷ୍ଣ ବିମାନରେ ବାହାରି ଦ୍ୱାର ଦ୍ୱାର ବୁଲି ଭୋଗ ଖାଇବା ସହ ଦୋଳ ମେଳଣ ପଡ଼ିଆରେ ପୂଜା ପାଇଥା'ନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଳା ଆଦିର ଆୟୋଜନ କରାଯାଇଥାଏ। ଗତ ବର୍ଷ କୋଭିଡ୍ କଟକଣା କାରଣରୁ ଏହି ପର୍ବ କେବଳ ପରମ୍ପରା ରକ୍ଷା ପୂର୍ବକ ପାଳନ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ଅନୁରୂପ ପରିସ୍ଥିତି ଉପୁଜିଛି। ତେବେ ରାଜଧାନୀର ବିଭିନ୍ନ ଗ୍ରାମ ଓ ସାହିରେ କରୋନା କଟକଣା ପୂର୍ବକ ଦୋଳ ପର୍ବ ପାଳନ କରାଯାଉଛି। କେଉଁଠି ଦିନେ ତ କେଉଁଠି ଦୁଇ ଦିନ ଅତି ନିରାଡ଼ମ୍ବରରେ ଏହି ପର୍ବ ପାଳନ ହେଉଛି। ପୁରୁଣା ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ଯେପରିକି ଜାଗମରା, ଖଣ୍ଡଗିରି ବାରି, ଘାଟିକିଆ, ଆଇଗିଣିଆ, ବରମୁଣ୍ଡା, ନୟାପଲ୍ଲୀ ବେହେରା ସାହି ସହ ଅନ୍ୟାନ୍ୟ ସ୍ଥାନରେ ଠାକୁର ବିମାନରେ ବସି ଦୋଳ ପୂର୍ଣ୍ଣିମାର ଦିନକ ଆଗରୁ ଭୋଗ ଖାଇବା ଆରମ୍ଭ କରିଥିବାବେଳେ କେତକ ଅଞ୍ଚଳରେ ଦୋଳପୂର୍ଣ୍ଣିମା ଦିନ ଶ୍ରଦ୍ଧାଳୁଙ୍କ ଦ୍ୱାରରୁ ଭୋଗ ଗ୍ରହଣ କରିବେ।

### ନୟାପଲ୍ଲୀ ଦୋଳ ମହୋତ୍ସବ ମଧ୍ୟରାତ୍ରି ପରେ ଭୋଗ ଖାଇବାକୁ ବାହାରନ୍ତି ରାଧାକୃଷ୍ଣ

ନୟାପଲ୍ଲୀ ବେହେରା ସାହିରେ ଦୋଳ ପର୍ବ ପ୍ରତିବର୍ଷ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଏ। ରାଧାମୋହନ ଉନ୍ନୟନ କମିଟି ତଥା ବେହେରା ସାହି ଗ୍ରାମ କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ଦୋଳ ପୂର୍ଣ୍ଣିମା ଅବସରରେ ଠାକୁର ଭୋଗ ଖାଇବା, ଭାଗବତ ସପ୍ତାହ, ଦୋଳ ମହୋତ୍ସବ ସହ ଫଗୁ ଖେଳର ଆୟୋଜନ କରାଯାଇଥାଏ। ଗୋପାଳମାନେ ବାଲୁଙ୍କେଶ୍ୱର ପୋଖରୀରୁ ବାହୁଙ୍ଗୀରେ ପାଣି ଆଣି ଗୋମାତାର ସ୍ନାନ କରାଇବାର ପରମ୍ପରା ରହିଛି। ତେବେ ଗୋମାତା ସ୍ନାନ ବିଧି ସମ୍ପନ୍ନ ହେବା ପରେ ମଧ୍ୟରାତ୍ରୀ ୧୨ଟା ପରେ ପଟୁଆର ନେଇ ବିମାନରେ ରାଧାକୃଷ୍ଣ ଯାତ୍ରା କରିଥାନ୍ତି। ୧୦୦ ପରିବାରଙ୍କ ଦ୍ୱାରଦେଶକୁ ଯାଇ ପ୍ରଭୁ ଭୋଗ ଗ୍ରହଣ କରିଥା'ନ୍ତି। ତେବେ ଚଳିତ ବର୍ଷ କୋଭିଡ୍ କଟକଣା କାରଣରୁ କେବଳ ବିଧି ରକ୍ଷା ପୂର୍ବକ ସମସ୍ତ ପରମ୍ପରା କରାଯାଉଥିବା ନୟାପଲ୍ଲୀ ବେହେରା ସାହି ଗ୍ରାମ କମିଟିର ସଭାପତି ନବ କିଶୋର ବେହେରା ସୂଚନା ଦେଇଛନ୍ତି।

### ଏ ବର୍ଷ ବଜାରରେ ନାହିଁ ଅବିର ଷ୍ଟଲ

ପ୍ରତିବର୍ଷ ରାଜଧାନୀରେ ବିଭିନ୍ନ ସ୍ଥାନରେ ଦୁଇରୁ ତିନିଦିନ ଧରି ଦୋଳ ମେଳଣ ଓ ଫଗୁ ଖେଳ ଆୟୋଜିତ ହୋଇଥାଏ। ତେବେ କୋଭିଡ୍ କଟକଣା କାରଣରୁ ଗତବର୍ଷ ହୋଲି ଖେଳ ଫିକା ପଡିଥିବାବେଳେ ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥା ହୋଇଛି। ଫଳରେ ସିଜିନ୍ ସେଣ୍ଟର କରି ଅବିର ଓ ପିଚକାରୀ ବିକି ବେଶ୍ ଦୁଇ ପଇସା ରୋଜଗାର କରିବା ପାଇଁ ଆଶା ବାନ୍ଧିଥିବା ବ୍ୟବସାୟୀଙ୍କୁ ନିରାଶ ହେବାକୁ ପଡ଼ିଛି। ରାଜଧାନୀରେ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଅବିର ଷ୍ଟଲ୍ ଖୋଲା ଯାଉଥିବାବେଳେ ଚଳିତ ବର୍ଷ ରାଜଧାନୀରେ ସେପରି ଦୃଶ୍ୟ ଦେଖିବାକୁ ମିଳିନାହିଁ। କାଁ ଭାଁ କେଉଁଠି ରଙ୍ଗ ଅବିର ବିକ୍ରି ହେଉଥିବାବେଳେ ଦୁଇ ବର୍ଷ ହେବ ସିଜିନ ବେପାରୀଙ୍କ ଭାତହାଣ୍ଡିରେ ଚଡ଼କ ପଡ଼ିଥିବା ଅନେକ ବ୍ୟବସାୟୀ କହିଛନ୍ତି। ୨୦୨୦ ମାର୍ଚ୍ଚ ମାସରୁ ଅଧିକାଂଶ ପର୍ବ ପାଳନ ଉପରେ କଟକଣା ଲାଗିଛି।


ହୋଲି ପାଇଁ ବିଗ୍‌ବଜାର ଛକରେ ଜଣେ ମହିଳା ରଙ୍ଗ ବିକ୍ରି କରୁଛନ୍ତି।

### କଷି ଆମ୍ବ ଗୋଟିକୁ ୨୫ଟଙ୍କା

ଦୋଳ ପୂର୍ଣ୍ଣିମାରେ ଚଣା, ଶାକର ସହ ଆମ୍ବ କଷି ପୂଜା କରିବାର ସ୍ୱତନ୍ତ୍ର ବିଧାନ କାହିଁ କେବେଠାରୁ ରହିଛି। ବିମାନରେ ବସି ଦୋଳବେଦିରେ ଦିଅଁ ପହଞ୍ଚିବା ପର୍ଯ୍ୟନ୍ତ ଦ୍ୱାର ଦ୍ୱାର ବୁଲି ଭୋଗ ସହ କଷି ଆମ୍ବ ଗ୍ରହଣ କରନ୍ତି। ଏପରିକି କଷି ଆମ୍ବରେ ଦିଅଁଙ୍କ ବିମାନ ସଜାଯାଇଥାଏ। ତେବେ ଏହାକୁ ଦୃଷ୍ଟିରେ ରଖି ଚଣା ଶାକର ସହ କଷି ଆମ୍ବ ବ୍ୟବସାୟୀମାନେ ଭଲ ବେପାର କରିଥିଲେ। ଶନିବାର ପୂର୍ବାହ୍ନରେ କଷିଆମ୍ବ ଗୋଟିକୁ ୫ରୁ ୭ ଟଙ୍କାରେ ବିକ୍ରି ହୋଇଥିବାବେଳେ ଅପରାହ୍ନରେ ତାହାର ଦାମ୍ ବଢି ୨୫ଟଙ୍କା ଛୁଇଁଥିଲା। ତେବେ ଦିନକ ପାଇଁ ଭଗବାନଙ୍କୁ କଷି ଆମ୍ବଟିଏ ସମର୍ପଣ କରିବା ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁ ଆମ୍ବ କିଣିବାକୁ ବାଧ୍ୟ ହୋଇଥିଲେ।

### ମଧ୍ୟାହ୍ନରେ ଦୋଳବେଦିକୁ ଯାତ୍ରା କରିବେ ପ୍ରଭୁ ଲିଙ୍ଗରାଜ

କଟକଣା ମଧ୍ୟରେ ଶ୍ରୀ ଲିଙ୍ଗରାଜଙ୍କ ବିଧିରକ୍ଷା ପୂର୍ବକ ଚଳିତ ବର୍ଷ ମଧ୍ୟ ମହାପ୍ରଭୁ ଲିଙ୍ଗରାଜ ଦୋଳବେଦୀକୁ ଯାତ୍ରା କରିବେ। ରବିବାର ପୂର୍ବାହ୍ନରେ ଦୈନିକ ନିତୀକାନ୍ତି ସମାପନ ପରେ ମଧ୍ୟାହ୍ନରେ ମହାପ୍ରଭୁ ମନ୍ଦିର ଉତ୍ତରଦ୍ୱାରରେ ଥିବା ଦୋଳମଣ୍ଡପକୁ ଯାତ୍ରା କରିବେ। ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ଦୋଳବେଦିରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଦୋଳ ବେଦୀରେ ପରମ୍ପରା ମୁତାବକ ଚଣା, ଶାକର ସହ ଫଳ ଭୋଗ ଲାଗି କରାଯିବ। ତେବେ କରୋନା କଟକଣା ମଧ୍ୟରେ ଯଥା ସମ୍ଭବ କମ୍ ଲୋକଙ୍କ ମଧ୍ୟରେ ଏହି ପର୍ବ ପାଳନ କରାଯିବ। ଦର୍ଶନ ସମୟରେ ପରସ୍ପର ମଧ୍ୟରେ ସାମାଜିକ ଦୂରତା ଅନୁନ୍ୟ ୬ ଫୁଟ୍ ରହିବ। ସେହିପରି ମାସ୍କ ପରିଧାନ ତଥା ସାନିଟାଇଜେନସକୁ ବାଧ୍ୟତାମୂଳକ କରାଯାଇଛି।

### ରାଜଧାନୀରେ କ'ଣ ରହିଛି କଟକଣା

ଦୋଳପର୍ବ ଓ ହୋଲି ଖେଳକୁ ନେଇ ଉଭୟ ସ୍ୱତନ୍ତ୍ର ରିଲିଫ୍ କମିଶନ ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କଟକଣା ଜାରି କରାଯାଇଛି। ଗାଇଡ଼ଲାଇନ ଖିଲାପ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ପରମ୍ପରାକୁ ବଜାୟ ରଖିବାକୁ ଅନୁମତି ମିଳିଛି। ତେଣୁ ଦୋଳମେଳଣ ସମୟରେ ବିମାନ ନେବା ପାଇଁ ଅତିବେଶୀରେ ୬ଜଣଙ୍କୁ ଅନୁମତି ମିଳିବା ସହ ମେଳଣ ଯାତ୍ରା ସମୟରେ କୌଣସି ଆତସବାଜି ବାଜି କିମ୍ବା ଶୋଭାଯାତ୍ରା ନ କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ବିମାନ ନେବା ସମୟରେ ବ୍ୟକ୍ତିମାନେ ମାସ୍କ ପରିଧାନ କରିବା ଅନିବାର୍ଯ୍ୟ। ମେଳଣ ପଡିଆରେ ସର୍ବାଧିକ ୫୦ରୁ ୬୦ ଜଣ ବ୍ୟକ୍ତି ଏକାକାଳୀନ ଉପସ୍ଥିତ ରହିପାରିବେ। ଉପସ୍ଥିତ ସମସ୍ତ ବ୍ୟକ୍ତି ମାସ୍କ ପରିଧାନ କରିବା ସହ ପରସ୍ପର ମଧ୍ୟରେ ଅତିକମ୍‌ରେ ୬ଫୁଟର ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶକ ରହିଛି। ତେବେ ଦୋଳପର୍ବ ଅବସରରେ କୌଣସି ଯାତ୍ରା, ଅର୍କେଷ୍ଟ୍ରା, ମେଲୋଡ଼ି କିମ୍ବା ମୀନା ବଜାର ପାଇଁ ଅନୁମତି ମିଳି ନାହିଁ। ସେହିପରି ଦୋଳପର୍ବ ପାଇଁ ବିଏମସି ପକ୍ଷରୁ ଲିଖିତ ଅନୁମତି ପାଇବାପରେ ପର୍ବ ପାଳନ କରାଯାଇପାରିବ। ଏଥିସହ ଦୋଳପୂର୍ଣ୍ଣିମା ଦିନ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଇଛି।

**୧୬ ମୋବାଇଲ, ୧୯,୧୦୦ ଟଙ୍କା ଜବତ: ଜଣେ ଗିରଫ**

**କଟକ ଅଫିସ:** ମୋବାଇଲ ଚୋରି ଅଭିଯୋଗରେ ଲାଲବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ପୀର୍ ବଜାର ଅଞ୍ଚଳର ହେମନ୍ତ ପରିଡ଼ା। ତାଙ୍କ ନିକଟରୁ ୧୬ଟି ମୋବାଇଲ ଓ ୧୯,୧୦୦ ଟଙ୍କା ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ପ୍ରଶାନ୍ତ କୁମାର ବଳ ତାଙ୍କ ପୁଅଙ୍କୁ ନେଇ ଶିଶୁ ଭବନକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ତାଙ୍କ ଫୋନକୁ ଗତ ୨୨ ତାରିଖରେ ଚାର୍ଜ ବସାଇଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ହେମନ୍ତଙ୍କୁ ଜଗତ୍‌ପୁର ପୀର ବଜାର ଅଞ୍ଚଳରୁ ଗିରଫ କରିଥିଲା।

## ସଂକ୍ଷେପରେ

### ଆଠଗଡ଼ରୁ ୨ ପଜିଟିଭ ଚିହ୍ନଟ

**ଆଠଗଡ଼,୨୭।୩(ସ୍ୱ.ପ୍ର.):** ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ହୋଇଥିବା କୋଭିଡ୍ ଆଣ୍ଟିଜେନ ଟେଷ୍ଟରୁ ଶନିବାର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଅନ୍ୟ ଜଣେ ହେଲେ ମହିଳା। ଉଭୟଙ୍କ ଘର କେନ୍ଦ୍ରାପଡା ଜିଲାରେ ବୋଲି ଜଣାପଡ଼ିଛି। ଏନେଇ ଉଭୟଙ୍କୁ ସେହି ଜିଲାକୁ ପଠାଇ ଦିଆଯାଇଛି ବୋଲି ଆଠଗଡ଼ ଡ଼ାକ୍ତରଖାନା ସୂତ୍ରରୁ ପ୍ରକାଶ। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭, ଆଠଗଡ଼ ଡ଼ାକ୍ତରଖାନାରେ ୫୮ ଏବଂ ବ୍ରାହ୍ମଣବସ୍ତ କୋଭିଡ୍ କ୍ୟାମ୍ପରେ ୬୧ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଠଗଡ଼ରୁ ୨୮ ଏବଂ ବ୍ରାହ୍ମଣବସ୍ତର ସମସ୍ତ ୬୧ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଆର୍‌ଟିପିସିଆର ଟେଷ୍ଟ ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନା ପଠାଯାଇଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖୁଣ୍ଟୁଣୀ,୨୭।୩(ଡି.ଏନ.ଏ.):** ଆଠଗଡ଼ ବ୍ଲକ କୁସପଙ୍ଗୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ଅଷ୍ଟାଦଶ ବାର୍ଷିକ ପ୍ରତିଷ୍ଠା, ମା' ଲକ୍ଷ୍ମୀ ଓ ବିମଳା ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ମହାନଦୀରୁ କଳସ ଶୋଭାଯାତ୍ରାରେ ଆସିବା ପରେ ଘଟ ସ୍ଥାପନ ହୋଇଥିଲା। ଏଥିରେ ସରପଞ୍ଚ ଶୁକଦେବ ବେହେରା, ଜିଲାପରିଷଦ ସଭ୍ୟ କେଶବ ଦଳେଇ, ଗ୍ରାମ ସଭାପତି ମାଗୁଣି ଚରଣ ରାଉତ, ପ୍ରତାପସେନ ରାଉତ, ସମ୍ପାଦକ ସୁବାସ ସାମଲ, ନୃସିଂହ ରାଉତ, ପବିତ୍ର ରାଉତ, ସୁଦର୍ଶନ ରାଉତ ଓ ନବଘନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶା

**କଟକ ଅଫିସ,୨୭।୩:** କଟକ ମର୍କତନଗରଠାରେ ସାମାଜିକ ଅନୁଷ୍ଠାନ ସମୀଚୀନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶା। ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ଏହାର ଗୌରବ ରକ୍ଷା ଦିଗରେ ଉଦ୍ୟମ ହେବା ଉଚିତ୍। ଏଥିରେ ଡ. ପରିଣୀତା ଦାସ, ଡ. ପବିତ୍ର ମହାନ୍ତି, ସନ୍ଧ୍ୟା ଗୋସ୍ୱାମୀ, ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିବାବେଳେ ସୋନାଲୀ ମହାରଣା ଧନ୍ୟବାଦ ଦେଇଥିଲେ।

### 'ମନୁଷ୍ୟର ମୁଖ୍ୟ ଲକ୍ଷ୍ୟ ଆନନ୍ଦପ୍ରାପ୍ତି'

**କଟକ ସଦର,୨୭।୩(ଡି.ଏନ.ଏ.):** ସଂସାରରେ ଥିବା ପ୍ରତ୍ୟେକ ମନୁଷ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଆନନ୍ଦପ୍ରାପ୍ତି। ଆନନ୍ଦ କେବଳ ନିଜ ଭିତରେ ରହିଛି ବୋଲି କଟକ ସଦର ଥାନା ଅଧୀନ ତେଲେଙ୍ଗାପେଣ୍ଠସ୍ଥିତ ଆତ୍ମଜ୍ଞାନ ସାଧନା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚେନ୍ନାଇସ୍ଥିତ ଶୁଦ୍ଧାନନ୍ଦ ଆଶ୍ରମର ଅଧକ୍ଷ ସ୍ୱାମୀ ଶୁଦ୍ଧାନନ୍ଦ ଜୀ କହିଛନ୍ତି। ଆଧାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀଜୀ ପୁଣି କହିଥିଲେ, ମନ୍ଦିରକୁ ଯାଇ ସମ୍ମୁଖରେ ଥିବା ମୂର୍ତ୍ତିକୁ ଆଖି ଖୋଲି ଦେଖିବା ପରିବର୍ତ୍ତେ ଆମେ ବନ୍ଦ କରିଦେଉ କାହିଁକି, ଏହାର ଅର୍ଥ ହେଉଛି ଈଶ୍ୱର ବାହାରେ ନାହାନ୍ତି ବରଂ ଆମ ଭିତରେ ରହିଛନ୍ତି। ଶ୍ରୀ ସନ୍ନ୍ୟାସୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବଣିକ ସଂଘର ବୈଠକ: ବଣ୍ଟାଯିବ ୫୦୦୦ ମାସ୍କ

**କଟକ ଅଫିସ,୨୭।୩:** ମାଲଗୋଦାମସ୍ଥିତ କଟକ ବଣିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କରୋନା ଗାଇଡ୍‌ଲାଇନ ନେଇ ଶନିନାର ଏକ ବୈଠକରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମଙ୍ଗଳବାରଠାରୁ ମାଲଗୋଦାମରେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର, ମାଲଗୋଦାମର ବିଭିନ୍ନ ସ୍ଥାନରେ ପୋଷ୍ଟର, ହୋର୍ଡିଂ ଲଗାଯାଇ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ୫୦୦୦ ମାସ୍କ କିଣାଯାଇ ପ୍ରଶାସନ ଏବଂ ଜନସାଧାରଣଙ୍କୁ ବଣ୍ଟାଯିବ ବୋଲି ସଂଘ ସମ୍ପାଦକ ପ୍ରଶାନ୍ତ ପାତ୍ର କହିଛନ୍ତି।



କଟକ ଶିଶୁଭବନ ରିଂବନ୍ଧ ରାସ୍ତାରେ ଜମି ରହିଥିବା ବର୍ଷାଜଳ।




ବାଦାମବାଡି ବସ୍‌ଷ୍ଟାଣ୍ଡ ଜଳାର୍ଣ୍ଣବ।

# କଟକରେ କାଳବୈଶାଖୀ

**କଟକ ଅଫିସ/ତିଗିରିଆ, ୨୭।୩(ଡି.ଏନ୍.ଏ.)**

- ଘରର ଟିଣ, ଆଜବେଷ୍ଟସ ଉଡ଼ିଗଲା
- ଅସରାଏ ବର୍ଷାରେ ରାସ୍ତାରେ ପାଣି
- ତାତିରୁ ସାମାନ୍ୟ ଆଶ୍ୱସ୍ତି

ଦୀର୍ଘଦିନ ଧରି ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଶନିବାର ଅପରାହ୍ଣରେ କଟକ ସହରରେ ଚଳିତ ବର୍ଷର ପ୍ରଥମ କାଳବୈଶାଖୀ ଅନୁଭୂତ ହୋଇଥିଲା। ସନ୍ଧ୍ୟା ସାଢେ ୫ଟାରେ ହଠାତ୍ ଝଡତୋଫାନ, ଘଡଘଡି ସହ ବର୍ଷା ହୋଇଥିଲା। ତେବେ କାଳବୈଶାଖୀ ପ୍ରଭାବରେ ରାସ୍ତାରେ ଯାଉଥିବା ପଥଚାରୀମାନେ କିଛି ସମୟ ପାଇଁ ଅଟକି ଯାଇଥିଲେ। ଅସରାଏ ବର୍ଷାରେ ଶିଶୁଭବନ ରିଙ୍ଗ୍‌ରୋଡରେ ପାଣି ଜମିଯାଇଥିଲା। ସେହିପରି ପ୍ରବଳ ବେଗରେ ପବନ ବହିବାରୁ ସତିଚଉଁରା ମୁଖ୍ୟରାସ୍ତାରେ ବିଭିନ୍ନ ହୋର୍ଡିଂ ଉଡିଆସି ପଡିଥିଲା। ଜଗତ୍‌ପୁର ଆଇବି ରୋଡ଼ର ବିଜୁ କଲୋନୀ ବସ୍ତିରେ ୧୫ରୁ ଊର୍ଦ୍ଧ୍ୱ ଘରର ଟିଣ, ଆଜ୍‌ବେଷ୍ଟସ ଉଡ଼ିଯାଇଥିବା ଦେଖିବାକୁ ମିଳିଥିଲା। କଟକ ଏସ୍‌ସିବି ମେଡିକାଲଠାରେ ବସ୍ତି ଉଚ୍ଛେଦ ପରେ ସେଠାରେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇଥିଲା। ପବନ ଯୋଗୁ କିଛି ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ବର୍ଷାରେ ଘରର ଜିନିଷପତ୍ର ନଷ୍ଟ ହୋଇଯାଇଥିବାବେଳେ ବସ୍ତିବାସିନ୍ଦାମାନେ ପିଲାଛୁଆ ଧରି ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବା ଜଣାପଡିଛି। ମଧ୍ୟାହ୍ନରେ ଗୁଳୁଗୁଳି ଅନୁଭୂତ ହୋଇଥିବାବେଳେ ଅପରାହ୍ଣରେ ଗରମ ପବନ ପରିବେଶକୁ ଅଧିକ ଉତ୍ତପ୍ତ କରିଥିଲା। କିନ୍ତୁ କାଳବୈଶାଖୀ ପ୍ରଭାବରେ ତାତିରେ ସିଝୁଥିବା ସହରବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

ସେହିପରି ତିଗିରିଆରେ ଶନିବାର ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବର୍ଷା ଯୋଗୁ ତିଗିରିଆର ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବା ବେଳେ କେତେଜଣଙ୍କ ଛଣଛପର ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନାମିଳିଛି। ଏହି ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ପଙ୍କାଳ ଗ୍ରାମର ଲୈଲା ବେଗମ୍‌ଙ୍କ ବାସଗୃହର ଆଜବେଷ୍ଟସ୍ ଉଡ଼ିଯାଇଛି।



କାଳବୈଶାଖୀ ପ୍ରଭାବରେ ସତିଚଉରା ମୁଖ୍ୟରାସ୍ତାରେ ହୋର୍ଡିଂ ପଡିଛି।

## ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଘେରାଉ

**କଟକ ସଦର, ୨୭।୩(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ଯଶପଡା ଓ ଅରିଲୋ ପାନୀୟଜଳ ପ୍ରକଳ୍ପର ବକେୟା ବିଲ୍ ଆଦାୟ ପାଇଁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଏହାର ପ୍ରତିବାଦରେ ଶନିବାର ୭ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିଳାସ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁସଂଖ୍ୟକ ଲୋକ ପ୍ରତିନିଧି କିଶୋରନଗରସ୍ଥିତ ଟାଟା ପାୱାର ସେକ୍ସନ ଅଫିସ ଘେରାଉ କରିଥିଲେ। ୨୦୧୫ ମସିହା ପୂର୍ବର ବକେୟା ବିଲ୍ ସରକାର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏବେ ପଞ୍ଚାୟତ ଉପରେ ଆର୍ଥିକ ବୋଝ ପକାଇ ଖରାଦିନେ ବିଦ୍ୟୁତ୍ ଲାଇନ କାଟିବାକୁ ସମସ୍ତେ ବିରୋଧ କରିଥିଲେ। ଟାଟା ପାୱାରର କନିଷ୍ଠ ପରିଚାଳକ ଦେବେନ କୁମାର ପଣ୍ଡା ଆନ୍ଦୋଳନକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**କଣ୍ଟାପଡା, ୨୭।୩(ଡି.ଏନ.ଏ.)**

କୋରକୋରା ପଞ୍ଚାୟତ ଅଧୀନ ଶବଳଗାଁରେ ହିତାଧିକାରୀଙ୍କ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଗୋବିନ୍ଦପୁର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଅଭିମନ୍ୟୁ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଫନୀ ପରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ମିଟର ନଷ୍ଟ ହୋଇ ଯାଇଥିବାରୁ ତାହା ଅଚଳ ହୋଇପଡିଥିଲା। ଚଳିତବର୍ଷ ବିଦ୍ୟୁତ୍ ବିଭାଗ ପକ୍ଷରୁ ବକେୟା ବିଲ୍ ଆଦାୟ ପାଇଁ ଚଡ଼ାଉ କରାଯିବା ସହ ସମ୍ପୃକ୍ତ ହିତାଧିକାରୀଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ତେବେ ବିଭାଗ ପକ୍ଷରୁ ଦିଆଯାଇଥିବା ବିଲ୍ ଭୁଲ୍ ଥିବା ପ୍ରତିବାଦ କରି ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣା ଦେଇଥିଲେ। ଅପରାହ୍ଣରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଛବିଳ ବେହେରା ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପୌର କାର୍ଯ୍ୟାଳୟରୁ ବିଦ୍ୟୁତ୍ ବିଚ୍ଛିନ୍ନ

**ଚୌଦ୍ୱାର,୨୭।୩(ଡି.ଏନ୍.ଏ.)**

ବିଦ୍ୟୁତ୍ ବିଲ୍ ପଇଠ ହୋଇ ନ ଥିବାରୁ ଓପିଟିସିଏଲ୍ ତରଫରୁ ସ୍ଥାନୀୟ ପୌର କାର୍ଯ୍ୟାଳୟର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଏଥିସହ ପୌର କଲ୍ୟାଣ ମଣ୍ଡପ, ଟାଉନ୍‌ହଲ୍, ଷ୍ଟାଫ କ୍ୱାର୍ଟରରୁ ମଧ୍ୟ ବିଦ୍ୟୁତ୍‌କାଟ୍ ହୋଇଛି। ପୌର କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ୍ ଦେୟ ବାବଦକୁ ଲକ୍ଷାଧିକ ଟଙ୍କା ପଇଠ କରାଯାଇନାହିଁ। ଏ ନେଇ ବିଦ୍ୟୁତ୍ ଯୋଗାଣ କମ୍ପାନୀ ତରଫରୁ ବାରମ୍ବାର ସୂଚନା ଦିଆଯାଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଏଥିଯୋଗୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା କହିଛନ୍ତି, ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ପୌର କାର୍ଯ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀ ସହିତ ଯୋଗାଯୋଗ କରାଯାଉଛି। ଏ ସମ୍ପର୍କରେ ଓପିଟିସିଏଲ ଅଧିକାରୀଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ସହରର ପ୍ରତିଷ୍ଠା ଅଞ୍ଚଳବାସୀଙ୍କ ଉପରେ ନିର୍ଭର କରେ




ପାଠଚକ୍ର କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୨୭।୩**

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ମାସିକ ପାଠଚକ୍ର ସହରାଞ୍ଚଳ ଯୋଜନା ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ବାସ୍ତବରେ ନଗର ଗଠନ ବା ସହର ପ୍ରତିଷ୍ଠା ନିର୍ଭର କରେ ସହରବାସୀଙ୍କ ସହଯୋଗ ଉପରେ। ସହରର ଜନସଂଖ୍ୟାକୁ ଦେଖି ମୌଳିକ ଆବଶ୍ୟକତା ପୂରଣ ସହ ଆଇନଶୃଙ୍ଖଳାର ସୁରକ୍ଷା ଅନୁରୂପ ଭାବେ ଲୋଡ଼ା। ଏଥିରେ ପ୍ରଫେସର ରାଜ କନୱାର ନାୟକ, ପୂର୍ବତନ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ସହରର ଭିତ୍ତିଭୂମି ଓ ନଗରବାସୀଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମେ ମାସ ସୁଦ୍ଧା ୧୫ କୋଟି ଟଙ୍କା ବ୍ୟୟରେ ସହରରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଷଡ଼ଙ୍ଗୀ କହିଥିଲେ। ଏଥିରେ ପ୍ରଫେସର ସନ୍ତୋଷ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଫାଟକରେ ତାଲା ପକାଇ ଟାୟାର ଜାଳିଲେ ଛାତ୍ରୀଛାତ୍ର

### ମହାବିଦ୍ୟାଳୟର ରି ଆଡ ମିଶନ ଫି କମାଇବାକୁ ଦାବି

**ସାଲେପୁର,୨୭।୩(ଡି.ଏନ୍.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ରି ଆଡ୍‌ମିଶନ୍ ଫି କମାଇବାକୁ ଶନିବାର ଛାତ୍ରୀଛାତ୍ର ଦାବି କରିଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ରି ଆଡିମିଶନ ଫି ୨୧୩୦ ଟଙ୍କା ରଖାଯାଇଥିବା ବେଳେ ଏହାକୁ ଅଧା କରିବାକୁ ସେମାନେ ଦାବି ଜଣାଇଛନ୍ତି। କରୋନ ସଂକ୍ରମଣ ଓ ଲକ୍‌ଡାଉନ୍ ଯୋଗୁ ପରିବାରର ଆୟ କମି ଥିବାରୁ ଏହି ଫି କମ୍ କରିବାକୁ ଛାତ୍ରୀଛାତ୍ରମାନେ କହିଛନ୍ତି। ଏନେଇ ସେମାନେ ମହାବିଦ୍ୟାଳୟର ସମ୍ମୁଖ ଫାଟକରେ ତାଲା ପକାଇବା ସହ ଟାୟାର ଜାଳିଥିଲେ। ପରେ ମହାବିଦ୍ୟାଳୟ ଅଧକ୍ଷ ଡ. ଉମେଶ ଚନ୍ଦ୍ର ପତି ସେଠାରେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ 'ଫି' କୁ ୧୮୦୦ ଟଙ୍କା ରଖାଯିବ ବୋଲି କହିଥିଲେ। ଏହାପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ନିବୃତ୍ତ ହୋଇଥିଲେ।





ସିଡିଏ ସତୀନଗରସ୍ଥିତ ଆର ଆର ସେଣ୍ଟର ଅଫ ଆର୍ଟ ପକ୍ଷରୁ ଶନିବାର ସତୀନଗରଠାରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ଦୁଇ ମହିଳା ବୁଲି ଦେଖୁଛନ୍ତି।

## ଏସ୍‌ଭି ନିର୍‌ତାର କର୍ମଚାରୀଙ୍କୁ ମିଳୁନି କୋଭିଡ୍ ଟିକା

**କଣ୍ଟାପଡା, ୨୭।୩(ଡି.ଏନ.ଏ.)**

ସ୍ୱାସ୍ଥ୍ୟ ବିଭାଗରେ କାମ କରୁଥିବା କର୍ମଚାରୀଙ୍କୁ କୋଭିଡ୍ ଟିକା ପ୍ରଦାନ ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଦେଶରେ ଏବେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଛି। ଲକ୍‌ଡାଉନ ସମୟରେ ଏସ୍‌ଭି ନିର୍‌ତାରରେ ସାମାଜିକ ଦୂରତା ରକ୍ଷା କରି ସ୍ୱାସ୍ଥ୍ୟସେବା ଜାରି ରହିଥିବାବେଳେ ଏବେ ଉକ୍ତ ଅନୁଷ୍ଠାନରେ ଅପରେଶନ ସମେତ ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି ଭଳି ଚିକିତ୍ସା ଚାଲୁରହିଛି। ଏହି ଅନୁଷ୍ଠାନରେ ୪୦୦ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ପ୍ରତିଦିନ ରାଜ୍ୟ ତଥା ରାଜ୍ୟବାହାରୁ ଶତାଧିକ ଦିବ୍ୟାଙ୍ଗ ଏଠାକୁ ଚିକିତ୍ସାପାଇଁ ଆସିଥାନ୍ତି। ଦିବ୍ୟାଙ୍ଗମାନଙ୍କୁ ଫିଜିଓଥେରାପି ଓ ଅକ୍ୟୁପେସନାଲ ଥେରାପି ବିଭାଗରେ ହାତଦ୍ୱାରା ଚିକିତ୍ସା କରାଯାଉଥିବାରୁ ସଂକ୍ରମଣ ହେବା ଭୟ ରହିଛି ବୋଲି ବିଭାଗୀୟ କର୍ମଚାରୀମାନେ କହିଛନ୍ତି। କୋଭିଡ୍ ଟିକା ପ୍ରଦାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏପର୍ଯ୍ୟନ୍ତ ଟିକା ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅନୁଷ୍ଠାନର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କହିଛନ୍ତି।

## ଓକିଲ ସଂଘ ନିର୍ବାଚନ: ନୂତନ କର୍ମକର୍ତ୍ତା ଚୟନ

**ବଡ଼ମ୍ବା/ଆଠଗଡ଼/ବାଙ୍କୀ, ୨୭।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଓକିଲ ସଂଘ ଲାଇବ୍ରେରି ହଲ୍‌ରେ ଆୟୋଜିତ ନିର୍ବାଚନରେ ସନ୍ତୋଷ କୁମାର ବେହେରା ସଭାପତି, ପ୍ରମୋଦ କୁମାର ପୁହାଣ ସମ୍ପାଦକ ଓ ପ୍ରଭାତ ରଞ୍ଜନ ବଳିୟାରସିଂହ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଠଗଡ଼ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ବାର୍ ଆସୋଶିଏସନ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଗରୁ ସଂଘର ସଭାପତି ଭାବେ ସତ୍ୟେନ ପଣ୍ଡା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ଶନିବାର ଅନୁଷ୍ଠିତ ନିର୍ବାଚନରେ ଜ୍ଞାନ ପ୍ରକାଶ ଧଳସାମନ୍ତ ଉପସଭାପତି ବନବିହାରୀ ସାହୁ ସମ୍ପାଦକ, ସରୋଜ କୁମାର ପଟ୍ଟନାୟକ ସହ-ସମ୍ପାଦକ, ସୁଜିତ କୁମାର ପଟ୍ଟନାୟକ କୋଷାଧକ୍ଷ ଏବଂ ସଂଯୋଗ ସାମନ୍ତ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବାଙ୍କୀ ଓକିଲ ସଂଘ ନିର୍ବାଚନରେ ଗୌରୀଶଙ୍କର ନନ୍ଦ ସଭାପତି, ବିଶ୍ୱରଞ୍ଜନ ପଣ୍ଡା ସମ୍ପାଦକ, ସନ୍ତୋଷ କୁମାର ରଣା ଉପସଭାପତି, ଶୁଭାଶିଷ ମହାପାତ୍ର ସହ-ସମ୍ପାଦକ, ସରୋଜ କୁମାର ମତଗଜ ସିଂ କୋଷାଧକ୍ଷ ଓ ପ୍ରଦୀପ କୁମାର ମହାପାତ୍ର ଗ୍ରନ୍ଥାଗାରିକ ଭାବେ ନିର୍ବାଚିତ ହୋଇଛନ୍ତି।

## ବିଶ୍ୱ ନାଟ୍ୟ ଦିବସ ପାଳିତ

**କଟକ ଅଫିସ, ୨୭।୩:** ମର୍କତନଗର ସେକ୍ଟର-୧୧ସ୍ଥିତ ଆଶ୍ରା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଶନିବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ପ୍ରତିକ ରଙ୍ଗମଞ୍ଚ ଶୀର୍ଷକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟକାର ସଞ୍ଜୀତ୍ ପଟ୍ଟନାୟକ ଅଧକ୍ଷତା କରିଥିଲେ। କବି କୃଷ୍ଣଚନ୍ଦ୍ର ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆଶ୍ରାର ମହାସଚିବ ଅଜୟ କୁମାର ଖୁଣ୍ଟିଆଙ୍କ ସମେତ ନାଟ୍ୟଶିଳ୍ପୀ ବୀରବର ସାମନ୍ତସିଂହାର, ଧାନସିଂହ ନାଗର ପ୍ରମୁଖ ଉପସ୍ଥିତ ଥିଲେ। ପରେ ନାଟ୍ୟକାର ପଟ୍ଟନାୟକଙ୍କ ଷଠୀଘର ମଞ୍ଚସ୍ଥ ହୋଇଥିଲା।




କଟକ କଳାବିକାଶ କେନ୍ଦ୍ରରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# କଟକଣା ଯୋଗୁ ବ୍ୟବସାୟ ମାନ୍ଦା

**କଟକ ଅଫିସ, ୨୭।୩**

### ଦୋକାନରେ ବିକ୍ରି ହେଉଛି ରଙ୍ଗ, ପିଚକାରି, ମୁଖା

କଟକରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ହୋଲି ପାଳନ ଉପରେ କଟକଣା ଜାରି କରାଯାଇଛି। ଏକାସଙ୍ଗରେ ବହୁସଂଖ୍ୟକ ଲୋକଙ୍କୁ ହୋଲି ଖେଳିବାକୁ ବାରଣ କରାଯାଇଛି। ଲୋକମାନେ ବାହାରକୁ ନ ଆସି ଘରେ ରହି ହୋଲି ଖେଳିବେ। ଏଥିପାଇଁ ହୋଲିର ୧୫ ଦିନ ପୂର୍ବରୁ କଟକ ଦୋଳମୁଣ୍ଡାଇ, ଚୌଧୁରୀବଜାର, ବାଙ୍କାବଜାର, ବାଲୁବଜାର, କଲେଜ ଛକ ଆଦି ସ୍ଥାନରେ ରଙ୍ଗଦୋକାନ ଖୋଲିଛି। ସେଠାରେ ହର୍ବଲ ଅବିର, ସେଣ୍ଟେଡ ଅବିର, ପାଉଡର ଅବିର ସହ ବିଭିନ୍ନ ପ୍ରକାର ରଙ୍ଗ ରହିଛି। ଏହାର ମୂଲ୍ୟ କିଲୋ ପିଛା ୮ରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ପିଲାଙ୍କ ପାଇଁ ଡୋରେମନ, ମୋଟୁ ପତ୍‌ଲୁ, ବେନେଟନ, ଛୋଟାଭୀମ, ବରବି, ବନ୍ଧୁକ ଭଳି ଅନେକ ପ୍ରକାରର ପିଚକାରି ଅଛି, ଯାହାର ମୂଲ୍ୟ ୨୦ରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାସହ ରଙ୍ଗବେରଙ୍ଗର ଚୁଟି, ବଡ ଚଷମା, ବିଭିନ୍ନ ପ୍ରକାରର ମୁଖା ରହିଛି। ଏହାର ମୂଲ୍ୟ ୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବ୍ୟବସାୟୀମାନେ ରାୟପୁର, ନୂଆଦିଲ୍ଲୀ, ବମ୍ବେ ଓ କୋଲକାତାରୁ ରଙ୍ଗ ଆଣି ବିକ୍ରି କରିଥାନ୍ତି। ମାତ୍ର ଚାଇନାରୁ ରଙ୍ଗ ଆସୁଥିବା ଭୟରେ ରଙ୍ଗ କିଣିବାକୁ ଲୋକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ କରୋନା ଯୋଗୁ ପ୍ରତିବର୍ଷ ଭଳି ଚଳିତବର୍ଷ ରଙ୍ଗଦୋକାନରେ ସେତେଟା ଭିଡ ନ ଥିବାରୁ ବ୍ୟବସାୟ ମାନ୍ଦା ହୋଇଛି। ଏ ସମ୍ପର୍କରେ ବ୍ୟବସାୟୀ ପ୍ରଦୀପ କୁମାର ନନ୍ଦୀ କହିଛନ୍ତି, ପ୍ରାୟ ୪୦ ବର୍ଷ ହେବ ଦୋକାନ କରିଛି। କିନ୍ତୁ ଏଭଳି ପରିସ୍ଥିତି କେବେ ଦେଖିନାହିଁ। ହୋଲିକୁ ଆଉ ମାତ୍ର ଗୋଟିଏ ଦିନ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ପ୍ରତିଶତ ବ୍ୟବସାୟ ହୋଇନାହିଁ।



ଚୌଧୁରୀବଜାରସ୍ଥିତ ଏକ ଦୋକାନରେ ବିକ୍ରି ହେଉଥିବା ପିଚକାରି।

# ଆଜି ନିର୍ଣ୍ଣାୟକ ଦିନକିଆ

ପୁଣେ,୨୭।୩(ପି.ଟି.)

ଇଂଲଣ୍ଡ ବିପକ୍ଷ ଦିନକିଆ ସିରିଜ ଜିତିବା ନେଇ ଏବେ ଘରୋଇ ଭାରତ ଆଗରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବରସ୍ଥିତିରେ ରହିଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଗ୍ରାଉଣ୍ଡରେ ରବିବାର ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍ ଖେଳାଯିବ। ଟେଷ୍ଟ ଓ ଟି୨୦ ସିରିଜ ବିଜୟ ପରେ ଦିନିକିଆ ଶୃଙ୍ଖଳା ଜିତିଲେ ଭାରତ ବିରଳ ହ୍ୟାଟ୍ରିକ ଅର୍ଜନ କରିବ। ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ଜିତି ଭାରତକୁ କଡ଼ା ଜବାବ ଦେଇଛି। ବଡ଼ ସ୍କୋର ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଗରେ ଭାରତୀୟ ବୋଲର ମାମୁଲି ସାବ୍ୟସ୍ତ ହୋଇଥିଲେ ଓ ଦିଶାହୀନ ପ୍ରଦର୍ଶନ କରିଥିଲେ। ଭାରତୀୟ ବୋଲରଙ୍କ ପାଖରେ କୌଣସି ଉତ୍ତର ନ ଥିଲା।

ଦ୍ୱିତୀୟ ମ୍ୟାଚ୍‌ର ବ୍ୟାଟିଂ ଉଇକେଟରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ୨୦ଟି ଛକା ମାରିଥିଲେ ଓ ୩୩୭ ରନର ଟାର୍ଗେଟକୁ ଅତି ସହଜରେ ପୂରଣ କରିଥିଲେ। ଦୁଇ ସ୍ପିନର କୁଲଦୀପ ଯାଦବ ଓ କ୍ରୂନାଲ ପାଣ୍ଡ୍ୟା ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଅଧିନାୟକ କୋହଲି ଅବଶ୍ୟ ଏହି ମ୍ୟାଚ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତି ଅନୁଭବ କରିଥିବେ। ଜନି ବେୟାରଷ୍ଟୋ ଓ ବେନ୍ ଷ୍ଟୋକ୍ସ ଭାରତୀୟ ବାମହାତୀ ରିଷ୍ଟ ଓ ଅର୍ଥୋଡକ୍ସ ସ୍ପିନରଙ୍କୁ ନିର୍ମମ ପ୍ରହାର କରିଥିଲେ।

ବୋଲିଂରେ ରିଷ୍ଟ ସ୍ପିନର କୁଲଦୀପ ୮ଟି ଛକା ଦେଇ ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଥିଲେ। ଯେକୌଣସି ଭାରତୀୟ ବୋଲରଙ୍କ ପାଇଁ ଏହା ଏକ ରେକର୍ଡ। ପ୍ରଥମ ମ୍ୟାଚ୍‌ରେ କୁଲଦୀପ ୬୪ ଓ ଦ୍ୱିତୀୟରେ ୮୪ ରନ ବ୍ୟୟ କରିଥିଲେ। ସେହିପରି ମାତ୍ର ୬ ଓଭର ବୋଲିଂ କରି କ୍ରୂନାଲ ପାଣ୍ଡ୍ୟା ୭୨ ରନ ବ୍ୟୟ କରିଥିଲେ। ଓଭର ପିଛା ସେ ୧୨ ରନ ବ୍ୟୟ କରିଥିଲେ। ଅନ୍ତିମ ମ୍ୟାଚ୍‌ରେ ଏହି ଦୁଇ ଖେଳାଳିଙ୍କ ବଦଳରେ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ୱାଶିଂଟନ ସୁନ୍ଦରଙ୍କୁ ଖେଳାଯାଇପାରେ। ସୁନ୍ଦର ଭଲ ବୋଲିଂ କରିବା ସହ ବ୍ୟାଟିଂରେ ମଧ୍ୟ ଦମ୍ ଦେଖାଇବାରେ କ୍ଷମତା ରଖନ୍ତି। ଚହଲ ଏବେ ଶ୍ରେଷ୍ଠ ଫର୍ମରେ ନ ଥିଲେ ମଧ୍ୟ ବର୍ତ୍ତମାନର ସ୍ଥିତିରେ ତାଙ୍କୁ ଅଣଦେଖା କରିହେବନାହିଁ। କ୍ରୂନାଲ ଭଲ ବ୍ୟାଟିଂ କରିବାର ଦକ୍ଷତା ରଖୁଥିଲେ ମଧ୍ୟ ବାମହାତୀ ସ୍ପିନର ହୋଇଥିବାରୁ ଦଳରେ ସ୍ଥାନ ନ ପାଇପାରନ୍ତି।

ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୩୩୭ ରନ ଆଦୌ ଖରପ ନ ଥିଲା ବୋଲି କୁହାଯାଇପାରେ। ଭାରତ ଏବେ ଇନିଂସ ତିଆରି କରିବାରେ ତା'ର ରଣନୀତିରେ ପରିବର୍ତ୍ତନ କରିବ। ଶେଷ ୧୫ ଓଭରରେ ଭାରତ ସବୁବେଳେ ଦ୍ରୁତଗତିରେ ରନ ସଂଗ୍ରହ କରିଥାଏ ଓ ଏହା ମହେନ୍ଦ୍ର ସିଂ ଧୋନୀ ନେତୃତ୍ୱ ନେବାଠାରୁ ଦେଖାଯାଇଛି।

ଗତ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ଚାମ୍ପିୟନ ଭଳି ଖେଳିଥିଲା। ବ୍ୟାଟିଂ ଉଇକେଟରେ ଇଂଲଣ୍ଡର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଶଂସନୀୟ ଥିଲା। ଅବଶ୍ୟ ଏହି ଟ୍ରାକ୍‌ରେ ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ପାୱାର-ହିଟିଂ କ୍ଷମତା ବଳରେ ବିସ୍ଫୋରକ ବ୍ୟାଟିଂ କରିବାକୁ ସକ୍ଷମ ହୋଇଥିଲେ। କ୍ରମାଗତ ଦୁଇଟି ଇନିଂସରେ କୋହଲି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଦୀର୍ଘଦିନ ଧରି ଶତକ ହାସଲ କରି ନ ଥିବାରୁ ସେ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିବାର ଆବଶ୍ୟକତା ରହିଛି। ତେବେ ରେକର୍ଡ କିମ୍ବା ମାଇଲଖୁଣ୍ଟ ଅତିକ୍ରମ କରିବା ମୋର ଲକ୍ଷ୍ୟ ନୁହେଁ ବୋଲି କୋହଲି ସ୍ପଷ୍ଟ କରିଛନ୍ତି। ଶତକ ହାସଲ କରିବାକୁ କେବେ ବି କ୍ୟାରିୟରରେ ପ୍ରୟାସ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶେଷଥର ପାଇଁ କୋହଲି ଦିନିକିଆରେ ୨୦୧୯ ଅଗଷ୍ଟରେ ଶତକ ଅର୍ଜନ କରିଥିଲେ। ବ୍ୟକ୍ତିଗତ ଭାବେ ଶତକ ହାସଲ କରିବା ଅପେକ୍ଷା ଦଳ ଜିତିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି କୋହଲି କହିଛନ୍ତି।

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫିନିଶର ଭୂମିକାରେ ତାଙ୍କର ପ୍ରଦର୍ଶନ ଜାରିରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ଏ ନେଇ କେତୋଟି ପ୍ରଶ୍ନ ରହିଛି। ଗତ ଟି୨୦ ସିରିଜରେ ସେ କେତେ ଓଭର ବୋଲିଂ କରୁଥିବାର ଦେଖାଯାଇଥିଲା। ସେହିପରି ଦିନିକିଆରେ ସେ ବୋଲିଂ କରିବାର ଆବଶ୍ୟକତା ରହିଛି। ଦ୍ରୁତ ବୋଲିଂରେ ଶାର୍ଦ୍ଦୁଳ ଠାକୁରଙ୍କୁ ବିଶ୍ରାମ ଦିଆଗଲେ ଭୁବନେଶ୍ୱର କୁମାର, ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ ଦାୟିତ୍ୱରେ ରହିବେ। ସେହିପରି ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ତେବେ କ୍ରିଷ୍ଣାଙ୍କୁ ନିଶ୍ଚିତ ଭାବେ ଅଗ୍ରାଧିକାର ଦିଆଯିବ।

ଅପରପକ୍ଷରେ ଦେଖିବାକୁ ଗଲେ ବିଜୟ ହାସଲ ପରେ ଇଂଲଣ୍ଡ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ବେନ୍ ଷ୍ଟୋକ୍ସ ଫର୍ମକୁ ଫେରିବା ଦଳ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ପୂର୍ବରୁ ଷ୍ଟୋକ୍ସ ସଂଘର୍ଷ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ରବିବାର ମ୍ୟାଚ ଆୟୋଜନ ହେବାକୁ ଥିବାରୁ ଏହା ରୋମାଞ୍ଚକ ହେବ। ମ୍ୟାଚ ସହ ସିରିଜ ଜିତି ଭାରତ ଦେଶବାସୀଙ୍କୁ ହୋଲି ପାଇଁ ବିଜୟ ଭେଟି ତଥା ଉପହାର ପ୍ରଦାନ କରିବ ବୋଲି ଆଶା କରାଯାଉଛି।


ବିରାଟ କୋହଲି



ଜୋଶ୍ ବଟ୍‌ଲର

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ଲୋକେଶ ରାହୁଲ (ଉଇକେଟକିପର), ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, କ୍ରୂନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଟି. ନଟରାଜନ, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଦଳ:** ଜୋଶ ବଟଲର (ଅଧିନାୟକ), ମୋଇନି ଅଲି, ଜନି ବେୟାରଷ୍ଟୋ, ସାମ ବିଲିଙ୍ଗ୍ସ, ସାମ କୁରାନ, ଟମ୍ କୁରାନ, ଲିଆମ ଲିଭିଙ୍ଗଷ୍ଟୋନ, ମ୍ୟାଟ୍ ପାର୍କିନସନ, ଆଦିଲ ରସିଦ, ଜାସନ ରୟ, ବେନ ଷ୍ଟୋକ୍ସ, ରିସି ଟୋପ୍ଲେ, ମାର୍କ ଉଡ, ଡାୱିଡ ମଲାନ। କଭର ଖେଳାଳି: ଜ୍ୟାକ ବଲ, କ୍ରିସ୍ ଜୋର୍ଡାନ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧.୩୦**
**ସ୍ଥାନ: ଏମ୍‌ସିଏ ଷ୍ଟାଡିୟମ, ପୁଣେ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଫାଇନାଲରେ କ୍ରିଷ୍ଣା-ବିଷ୍ଣୁ, ସାଇନା ଆଉଟ୍


ସାଇନା ନେହ୍ୱାଲ

**ଓରଲେନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

ପ୍ୟାରିସ୍,୨୭।୩(ପି.ଟି.)

ଏଠାରେ ଚାଲିଥିବା ଓରଲେନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନରୁ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତେବେ ଭାରତୀୟ ଯୋଡି କ୍ରିଷ୍ଣା ପ୍ରସାଦ ଗାରାଗା ଓ ବିଷ୍ଣୁବର୍ଦ୍ଧନ ଗୌଡ ପାଞ୍ଜାଲା ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତର ଟାଇଟଲ ଆଶା ଉଜ୍ଜୀବିତ ରହିଛି।

ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ସେମିରେ ଡେନମାର୍କର ଲାଇନ୍ କ୍ରିଷ୍ଟୋଫେର୍ସେନଙ୍କଠାରୁ ୧୭- ୨୧, ୧୭ -୨୧ରେ ମାତ୍ର ୨୮ ମିନିଟ୍‌ରେ ପରାସ୍ତ ହୋଇଥିଲେ। ଅନ୍ୟପଟେ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ସେମିରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଭାରତୀୟ ମହିଳା ଯୋଡି ୧୮- ୧୨, ୯- ୨୧ରେ ଟପ୍ ସିଡ୍ ଥାଇଲାଣ୍ଡ ଯୋଡି ଜଙ୍ଗକୋଲଫାନ କିଟିଥାରାକୁଲ ଓ ରାୱିଣ୍ଡା ପ୍ରଜୋଙ୍ଗଜାଇଙ୍କଠାରୁ ପରାସ୍ତ ହୋଇଛନ୍ତି।

ତେବେ କ୍ରିଷ୍ଣା ଓ ବିଷ୍ଣୁ ୨୧-୧୭, ୨୧-୧୭ରେ ପୁରୁଷ ଡବଲ୍ସ ସେମିଫାଇନାଲରେ ଇଂଲଣ୍ଡ ଯୋଡି କାଲମ ହେମିଂ ଓ ଷ୍ଟିଭେନ ଷ୍ଟାଲୁଡଙ୍କୁ ମାତ୍ର ୩୫ ମିନିଟ୍‌ରେ ପରାସ୍ତ କରି ପ୍ରଥମଥର ପାଇଁ ଫାଇନାଲକୁ ଉଠିଛନ୍ତି ଓ ଭାରତର ଟାଇଟଲ ଆଶା ଉଜ୍ଜୀବିତ ରଖିଛନ୍ତି। ପ୍ରଥମଥର ପାଇଁ ଏହି ଯୋଡି ଏକାଠି ହୋଇ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏବେ ଫାଇନାଲରେ ଏହି ଯୋଡି ଇଣ୍ଡୋନେସିଆର ସବର କରିୟାମାନ ଗୁଟାମା ଓ ମୋ ରେଜା ପହଲେଭି ଇସ୍‌ଫାନି କିମ୍ବା ଚତୁର୍ଥ ସିଡ୍ ଇଂଲଣ୍ଡ ଯୋଡି ବେନ ଲେନ୍ ଓ ସିନ ଭେଣ୍ଡିଙ୍କୁ ରବିବାର ଫାଇନାଲରେ ଭେଟିବେ। ୨୧ ବର୍ଷୀୟ କ୍ରିଷ୍ଣା ଭାରତର ଏକନମ୍ବର ଡବଲ୍ସ ଖେଳାଳି ରହିଛନ୍ତି। ଜୁନିୟରସ୍ତରରେ ସେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀଙ୍କ ସହ ଡବଲ୍ସ ଖେଳୁଥିଲେ।



ରୁଷିଆର ସୋଚିଠାରେ ଶନିବାର ରୁଷିଆ ଓ ସ୍ଲୋଭେନିଆ ମଧ୍ୟରେ ବିଶ୍ୱକପ୍ ୨୦୨୨ ଗ୍ରୁପ୍ ଏଚ୍ ମ୍ୟାଚ ପୂର୍ବରୁ ଷ୍ଟାଣ୍ଡରେ ଦୁଇ ରୁଷୀୟ ସମର୍ଥକ।

# ବିଜୟବୀର, ତେଜସ୍ୱିନୀଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୭।୩ (ପି.ଟି.)

ଚଳିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନଙ୍କ ପ୍ରାଧାନ୍ୟ ଅବ୍ୟାହତ ରହିଛି। ବିଜୟବୀର ସିଧୁ ଓ ତେଜସ୍ୱିନୀ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ଡକ୍ଟର କାର୍ନି ସିଂ ଶୁଟିଂ ରେଞ୍ଜରେ ଭାରତୀୟ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସିଧୁ ଓ ତେଜସ୍ୱିନୀ ୯-୧ରେ ଗୁରପ୍ରୀତ ସିଂ ଓ ଅଶୋକ ଅଭିନ୍ଦ୍ୟ ପାଟିଲଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ତେବେ ଭାରତୀୟ ଯୋଡ଼ି କାଇନାନ୍ ଚେନାଇ ଓ ଶ୍ରେୟାସୀ ସିଂ ଟ୍ରାପ୍ ମିକ୍ସଡ ଟିମ୍ ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରି ପୋଡିୟମ ଫିନିଶ କରିପାରି ନାହାନ୍ତି। ଘରୋଇ ଟିମ୍ ତୁର୍କୀର ସାଫାୟେ ସାରିତୁର୍କ ୟାଭୁଜ୍ ଇଲ୍‌ନାମଙ୍କଠାରୁ ୩୫-୩୮ରେ ପରାସ୍ତ ହୋଇଛନ୍ତି।

# ୱାର୍ଲ୍ଡ ୟୁଥ୍ ବକ୍ସିଂ ପାଇଁ ୨୦ ଜଣିଆ ଦଳ

ନୂଆଦିଲ୍ଲୀ, ୨୭।୩ (ପି.ଟି.)

ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା) ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନଶିପରେ ଭାରତର ଏକ ୨୦ ଜଣିଆ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏପ୍ରିଲ ୧୦ରୁ ୨୪ ପୋଲାଣ୍ଡର କିଲ୍‌ସିଠାରେ ଏହି ଚାମ୍ପିୟନଶିପ୍ ହେବ ବୋଲି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ପ୍ରକାଶ କରିଛି। ମହିଳା ଦଳରେ ୨୦୧୯ ଏସିଆନ ୟୁଥ୍ ଚାମ୍ପିୟନ ନାଓରେମ୍ ବେବିରୋଜିସାନା ଚାନୁ (୫୧କେଜି), ବିନ୍‌କା (୬୦କେଜି), ସାନାମାଚା ଚାନୁ (୭୫କେଜି), ଅଲଫିୟା ପଠାନ (+୮୧କେଜି) ଏବଂ ୩ ଥର ଖେଲୋ ଇଣ୍ଡିଆ ସ୍ୱର୍ଣ୍ଣ ବିଜୟିନୀ ଅରୁନ୍ଧତି ଚୌଧାରୀ (୬୯କେଜି)। ଗତ ମାସରେ ମଣ୍ଟେନେଗ୍ରୋରେ ଅନୁଷ୍ଠିତ ଆଡ୍ରିଆଟିକ୍ ପର୍ଲ ଟୁର୍ନାମେଣ୍ଟରେ ଅଧିକ ସ୍ୱର୍ଣ୍ଣ ସହ ଟେବଲର ଶୀର୍ଷରେ ରହିଥିବା ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିବା ଗୀତିକା (୪୮କେଜି), ଆର୍ଶି ଖାନାମ (୫୪କେଜି), ପୁନମ (୫୭କେଜି), ନିଶା (୬୪କେଜି) ଓ ଖୁସି (୮୧କେଜି) ପ୍ରମୁଖ ଏହି ଦଳରେ ସାମିଲ ହୋଇଛନ୍ତି। ପୁରୁଷ ଦଳର ନେତୃତ୍ୱ ନେବେ ଏସିଆନ ୟୁଥ୍ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅଙ୍କିତ ନରୱାଲ (୬୪କେଜି)। ଏସିଆନ ଜୁନିୟର ଚାମ୍ପିୟନ ଚୋଙ୍ଗଥାମ୍ ବିଶ୍ୱାମିତ୍ର (୪୯କେଜି) ପ୍ରମୁଖ ମଧ୍ୟ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। ୟୁଥ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଦଳରେ ସାମିଲ କରାଯାଇଥିବା ଅନ୍ୟ ବକ୍ସରମାନେ ହେଲେ ବିକାଶ (୫୨କେଜି), ସଚିନ (୬୫କେଜି), ଆକାଶ ଗୋର୍ଖା (୬୦କେଜି), ସୁମିତ (୬୯କେଜି) ଭିନିତ୍ (୮୧କେଜି) ବିଶାଲ ଗୁପ୍ତା ଓ ଜୁଗ୍‌ନୁ (+୯୧କେଜି)। ଭାରତୀୟ ଦଳ ନିଜକୁ ପ୍ରସ୍ତୁତ କରିବା ଲାଗି ୧୦ ଦିନ ଆଗୁଆ ମାର୍ଚ୍ଚ ୩୧ରେ ପୋଲାଣ୍ଡ ଅଭିମୁଖେ ଯାତ୍ରା କରିବ।

# ମୁମ୍ବାଇ ଇଣ୍ଡିଆନ୍ସର ନୂଆ ଜର୍ସି




ମୁମ୍ବାଇ, ୨୭।୩ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୧ ସିଜନ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଶନିବାର ଏହାର ନୂଆ ଜର୍ସି ଉନ୍ମୋଚନ କରିଛି। ଏଥିରେ ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ବ୍ରହ୍ମାଣ୍ଡର ୫ ମୌଳିକ ଉପାଦାନର ମହତ୍ତ୍ୱକୁ ସୂଚିତ କରୁଛି। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏପ୍ରିଲ ୯ରେ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳି ଆଇପିଏଲ୍‌ରେ ଏହାର ଅଭିଯାନ ଆରମ୍ଭ କରିବ।

# ଆକ୍ରମଣାତ୍ମକ ନୀତି

**ଭିଭିଏସ୍ ଲକ୍ଷ୍ମଣ**

ସୀମିତ ଓଭର କ୍ରିକେଟରେ ଇଂଲଣ୍ଡ ଆଟାକିଂ ଷ୍ଟାଇଲ ଖେଳ ବଜାୟ ରଖିବ। ଦଳର ଅଧିନାୟକ ଇଅନ ମୋର୍ଗାନଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଆଟାକିଂ ଖେଳ ଯୋଗୁ ଇଂଲଣ୍ଡ ବିଶ୍ୱକପ୍ ଟାଇଟଲ ଜିତିବା ସହ ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ ହୋଇପାରିଛି। ପ୍ରଥମ ଦିନିକିଆରେ ପରାଜୟ ପରେ ଇଞ୍ଜୁରି ଯୋଗୁ ଦ୍ୱିତୀୟ ଦିନିକିଆରେ ଅଧିନାୟକଙ୍କ ଅନୁପସ୍ଥିତିରେ ମଧ୍ୟ ଇଂଲଣ୍ଡ ଗତ ମ୍ୟାଚରେ ଆକ୍ରମଣାତ୍ମକ ନୀତି ଆପଣାଇଥିଲା। ଭାରତୀୟ ବୋଲରମାନେ ଅଙ୍କୁଶ ଲଗାଇବାରେ ବିଫଳ ହେବାରୁ ଭ୍ରମଣକାରୀ ଦଳ ୬ଉଇକେଟରେ ବିଜୟ ଲାଭ କରିପାରିଥିଲା। ରିଷଭ ପନ୍ତ ଓ କେ.ଏଲ୍. ରାହୁଲଙ୍କ ବଳିଷ୍ଠ ବ୍ୟାଟିଂ ଯୋଗୁ ଭାରତ ୩୩୬ ସ୍କୋର କରିବା ପରେ ସିରିଜ ଜିତିନେବ ବୋଲି ମନେ କରିଥିଲା। ମାତ୍ର ଇଂଲଣ୍ଡ ଦଳର ଦ୍ରୁତ ବ୍ୟାଟିଂ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ତେବେ ବଡ଼ କଥା ହେଲା ରାହୁଲ ତାଙ୍କ ଫର୍ମ ଫେରି ପାଇଛନ୍ତି। ସେ ଓ ବିରାଟ କୋହଲି ପାର୍ଟନରଶିପ୍‌ରେ ୮୭ ବଲ୍‌ରୁ ୧୨୧ରନ ଯୋଗ କରିଥିଲେ। ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଧୂଆଁଧାର ବ୍ୟାଟିଂ କରିଥିଲେ। ପ୍ରଥମ ଦିନିକିଆରେ ପ୍ରଥମ ୧୩ ଓଭରରେ ଓଭର ପିଛା ୧୦ ରନ ଲେଖାଏ ସଂଗ୍ରହ କରିଥିବା ଇଂଲଣ୍ଡ କିନ୍ତୁ ଗତ ମ୍ୟାଚରେ ସତର୍କତାର ସହ ଖେଳିଥିଲେ ମଧ୍ୟ ଜାସନ ରୟ ଓ ଜନି ବେୟାରଷ୍ଟୋ ସେମାନଙ୍କ ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲେ। କ୍ରମାଗତ ଦ୍ୱିତୀୟ ଥର ଦୁଇ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ହୋଇଥିଲା। ରୟଙ୍କ ରନ ଆଉଟ ପରେ ଭାରତର ସମ୍ଭାବନା ବୃଦ୍ଧି ପାଇଥିଲା। ବେୟାରଷ୍ଟୋଙ୍କ ବ୍ୟାଟିଂ କିଛି ସମୟ ପର୍ଯ୍ୟନ୍ତ ଧିମେଇ ଯାଇଥିଲା। କିନ୍ତୁ ବେନ୍ ଷ୍ଟୋକ୍ସ ଆକ୍ରମଣାତ୍ମକ ଖେଳିବାରୁ ବେୟାରଷ୍ଟୋ ଆଉ ସ୍ଥିର ରହିପାରି ନ ଥିଲେ। ଭାରତ ରଣନୀତିରେ ସାମାନ୍ୟ ପରିବର୍ତ୍ତନ କରିଥିଲେ ହୁଏତ ଫଳାଫଳରେ ଫରକ ଆସିପାରିଥାନ୍ତା। ବିଶେଷ କରି ଏକ ଫ୍ଲାଟପିଚ୍‌ରେ କ୍ରୂନାଲ ପାଣ୍ଡ୍ୟାଙ୍କୁ ଜଣେ ନିୟମିତ ବୋଲର ଭଳି ୧୦ ଓଭର ବୋଲିଂ ଦେବା ଉଚିତ ନ ଥିଲା। ଅନ୍ୟପକ୍ଷରେ ମ୍ୟାଚରେ ବରଂ ହାର୍ଦ୍ଦିକଙ୍କୁ ୩ ରୁ ୪ ଓଭର ବୋଲିଂ ଦେଇଥିଲେ ଫଳପ୍ରଦ ହୋଇପାରିଥାନ୍ତା ବୋଲି ମୁଁ ଭାବୁଛି। କ୍ରୂନାଲ ଓ କୁଲଦୀପ ଯାଦବଙ୍କ ବୋଲିଂରେ ଯେତେବେଳେ ଛକା ପରେ ଛକା ହେଲା ସେତେବେଳେ ବିରାଟ ଦୁଇ ସ୍ପିନର ପରିବର୍ତ୍ତେ ପେସ୍-ସ୍ପିନ ଯୋଡ଼ିକୁ ଆକ୍ରମଣରେ ଲଗାଇବାର ଥିଲା। ମୋଟ ଉପରେ କହିବାକୁ ଗଲେ ଷ୍ଟୋକ୍ସ, ବେୟାରଷ୍ଟୋ ଓ ଜୋସ୍ ବଟଲର ଯେତେବେଳେ ଜଣକ ପରେ ଜଣେ ଆଉଟ ହେଲେ ସେତେବେଳ ଭାରତ ପାଇଁ ସମ୍ଭାବନା ଥିଲା। ବୋଲିଂ କମ୍ବିନେଶନରେ ତ୍ରୁଟି ଯୋଗୁ ଆଶା ତୁଟିଯାଇଥିଲା। **(ଗେମ୍‌ପ୍ଲାନ)**

SEAGRAM'S
ROYAL STAG
PACKAGED DRINKING WATER

# ସୁମିତଙ୍କୁ ୫ ଉଇକେଟ: ସେମିରେ ଗ୍ରୀନ୍ସ ଏକାଡେମୀ

ଭୁବନେଶ୍ୱର,୨୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡିଆରେ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ପ୍ରାଚୀ ଭୂଷଣ ସ୍ମାରକୀ ୧୯ ବର୍ଷରୁ କମ ଟୁଇନ୍ ସିଟି କ୍ରିକେଟ ଟୁର୍ନାମେଣ୍ଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରୀନ୍ସ ୯୬ ରନରେ ବିଶ୍ୱ ଭାରତୀ କ୍ରିକେଟ କ୍ଲବକୁ ପରାସ୍ତ କରି ଏହି ସଫଳତା ପାଇଛି।

ଟସ୍ ଜିତି ଗ୍ରୀନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମୃତ୍ୟୁଞ୍ଜୟ ମହାପାତ୍ର ୪୧, ଦେବବ୍ରତ ପ୍ରଧାନ ୩୧, ଭବ୍ୟଜ୍ୟୋତି ବିଶୋଇ ୨୫ ରନ ସଂଗ୍ରହ କରିଥିଲେ। ବିଶ୍ୱଭାରତୀ ତରଫରୁ ବୋଲିଂରେ ସାର୍ଥକ ଜି. ପଣ୍ଡା ୪ ଓ ମହମ୍ମଦ ଜିଶାନ ୩ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ବ୍ୟାଟିଂ ଆରମ୍ଭ କରି ବିଶ୍ୱଭାରତୀ ୨୩.୪ ଓଭରରେ ୭୯ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ଦଳ ତରଫରୁ ସମ୍ବିତ ସାହୁ ୨୮ ଓ କୁରନ କୁମାର ୧୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗ୍ରୀନ୍ସ ତରଫରୁ ସୁମିତ ମିଶ୍ରା ୪ ରନ ଦେଇ ସର୍ବାଧିକ ୫ ଓ ସୂର୍ଯ୍ୟକାନ୍ତ ଭୂତିଆ ୨ ଉଇକେଟ ଅକ୍ତିଆର କରିଥିଲେ। ସୁମିତ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଞ୍ଜିତ ମହାରଣା ଓ ଅଜୟ କୁମାର ନାୟକ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ରିଣ୍ଟୁ ମିତ୍ର ଓ ପୂର୍ବତନ ରଣଜୀ ଖେଳାଳି ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମ୍ୟାଚ୍ ରେଫରି ପି. ଜୟଚନ୍ଦ୍ର ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ବିଶ୍ୱ ଭାରତୀ କ୍ରିକେଟ କ୍ଲବର ଖେଳାଳିମାନେ।

**ସଂକ୍ଷେପରେ**

## ନାବାଳିକା ସମେତ ୧୧ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡ଼ା ଅଫିସ/ ଗୁଣପର,୨୭।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ସହରରୁ ଶନିବାର ୧୧ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନେ ଗୁଣପୁର ସହରସ୍ଥିତ ବିକ୍ରମପୁର ଛକ, ନୂଆ ବସ୍‌ଷ୍ଟାଣ୍ଡ ଏବଂ ମୁଖ୍ୟରାସ୍ତାରେ ଥିବା ଦୋକାନ, ହୋଟେଲ, ଗ୍ୟାରେଜ ସମେତ କେତେକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ବିଭିନ୍ନ ସ୍ଥାନରେ ଶିଶୁମାନଙ୍କୁ କାମରେ ଲଗାଯାଇଥିବା ସୂଚନା ପାଇ ମିଳିତ ଚଢ଼ାଉ କରାଯାଇଥିଲା। ଉଦ୍ଧାର ଶିଶୁମାନେ ଗୁଣପୁର ଏବଂ ଗୁଡାରି ବ୍ଲକ୍ ଅଞ୍ଚଳର। ଏମାନଙ୍କ ମଧ୍ୟରେ ଜଣେ ନାବାଳିକା ରହିଥିବା ଜଣାପଡ଼ିଛି। ନାବାଳକମାନଙ୍କୁ ରାୟଗଡ଼ାସ୍ଥିତ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇ କାଉନ୍‌ସେଲିଂ କରାଯିବ। ସେହିପରି ନାବାଳିକାଙ୍କୁ ସ୍ନେହା ଆଶ୍ରୟସ୍ଥଳୀରେ କାଉନ୍‌ସେଲିଂ ପରେ ଘରକୁ ପଠାଯିବ ବୋଲି ସୂଚନା ମିଳିଛି। ଚଢ଼ାଉରେ ସହକାରୀ ଶ୍ରମ ଅଧିକାରୀ ସ୍ୱାତିଲଗ୍ନା ପାତ୍ର, ପୋଲିସ ଏସ୍‌ଆଇ ସୁଶାନ୍ତ କୁମାର ବେହେରା, ଚାଇଲ୍ଡଲାଇନ୍‌ର ଦୁର୍ଗାପ୍ରସାଦ ସେନାପତି, ବିଜୟକେତନ ସାହୁ, ଟଙ୍କଧର ପାତ୍ର ସାମିଲ ଥିଲେ।

# ରହସ୍ୟ ହୋଇଗଲା ଝରାଫୁଲଙ୍କ ମୃତ୍ୟୁ

**ରସୁଲପୁର,୨୭।୩ (ଡି.ଏନ୍.ଏ.)**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ଝରାଫୁଲ ନାୟକ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁକୁ ୨ ମାସ ବିତିଯାଇଛି। ହେଲେ ଝରାଫୁଲଙ୍କ ମୃତ୍ୟୁ କିପରି ଘଟିଲା ତାହା ସ୍ପଷ୍ଟ ହୋଇପାରିଲା ନାହିଁ। ଏହି ଘଟଣା ଉପରେ ରାଜ୍ୟବାସୀଙ୍କ ନଜର ଥିବାବେଳେ ରହସ୍ୟର ପର୍ଦ୍ଦାଫାଶ ହୋଇପାରୁନାହିଁ। ଫଳରେ ଲୋକେ ନାନା ସନ୍ଦେହ ପ୍ରକାଶ କରିବା ସହ ପୋଲିସର ଭୂମିକା ଉପରେ ପ୍ରଶ୍ନ ଉଠାଉଛନ୍ତି।

ସୂଚନାଥାଉ କି, ଝରାଫୁଲଙ୍କ ମୃତଦେହ ଗତ ଜାନୁୟାରୀ ୨୭ରେ ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର ଦିଆଲଖଣ୍ଡି ରାସ୍ତା ପାର୍ଶ୍ୱରୁ ପୋଲିସ ଉଦ୍ଧାର କରିଥିଲା। ୨ଜଣ ଯୁବକ ସ୍କୁଟିରେ ଝରାଫୁଲଙ୍କ ମୃତଦେହ ଆଣି ପିଙ୍ଗିଥିଲେ। ମୃତଦେହ ମିଳିଥିବା ସ୍ଥାନ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ତାହା ଜଣାପଡ଼ିଥିଲା। ତଦନ୍ତ ପରେ ପୂର୍ବ ରାତିରେ ଭୁବନେଶ୍ୱରର ଏକ ହୋଟେଲରେ ଝରାଫୁଲଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ସେଠାରୁ ତାଙ୍କ ପୁରୁଷ ବନ୍ଧୁ ରାକେଶ ସ୍ୱାଇଁ ଓ ତାଙ୍କ ସହଯୋଗୀ ମୃତଦେହକୁ ଆଣି ଦିଆଲଖଣ୍ଡି ରାସ୍ତାପାର୍ଶ୍ୱରେ ପିଙ୍ଗିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ରାକେଶଙ୍କୁ ଗିରଫ କରିଥିବାବେଳେ ତାଙ୍କ ସହଯୋଗୀ ତଥା ତାଙ୍କ ସମ୍ପର୍କୀୟ ଭାଇ ଶକ୍ତି ଶେଖର ଫେରାର ରହିଛନ୍ତି। ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ।

ଘଟଣା ସମ୍ପର୍କରେ ଝରାଫୁଲଙ୍କ ବାପା ରାମାକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲିସକୁ କଥା ଦେଇଥିବା ଯୋଗୁ ତଦନ୍ତ ଅଧିକାରୀ ତଥା ଏସ୍‌ଡିପିଓ ଚିନ୍ମୟ ନାୟକଙ୍କ ସହ କରିଥିବା ଆଲୋଚନାକୁ ପ୍ରଘଟ କରିପାରିବେ ନାହିଁ। ମାତ୍ର ପୋଲିସ ତାଙ୍କୁ ଦେଇଥିବା ପ୍ରତିଶ୍ରୁତି କଣ୍ଟ ପୂରିଗଲାଣି। ସେହି ମୁତାବକ ସେ ଗତ ୨୨ ତାରିଖରେ ତଦନ୍ତ ଅଧିକାରୀ ଏସ୍‌ଡିପିଓ ନାୟକଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ମୁଖ୍ୟ ଅଭିଯୁକ୍ତ ରାକେଶଙ୍କ ସମ୍ପର୍କୀୟ ଭାଇ ଶକ୍ତି ଶେଖରଙ୍କୁ କେବେ ଗିରଫ କରିବେ ବୋଲି ପଚାରିଥିଲେ। ତଦନ୍ତ ଅଧିକାରୀ ରାକେଶଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଥିଲେ। ହେଲେ ପୋଲିସର କାର୍ଯ୍ୟକଳାପରୁ ତାହା ଜଣାପଡୁନାହିଁ। ପୋଲିସ କାହିଁକି ସହଯୋଗୀ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଆଣି ଥାନାରେ ବସାଉନାହିଁ, ତାଙ୍କୁ ଧରାଇବା ଦିଗରେ ପୋଲିସ ସହାୟତା ରାଶି ଘୋଷଣା କରୁନାହିଁ କାହିଁକି ବୋଲି ରମାକାନ୍ତ ପ୍ରଶ୍ନ କରିଛନ୍ତି। ଝରାଫୁଲଙ୍କ ମୃତ୍ୟୁ ରହସ୍ୟକୁ ନେଇ ଓଡ଼ିଶାବାସୀଙ୍କ ମନରେ ଥିବା ସନ୍ଦେହ ଓ ନାନା ପ୍ରଶ୍ନକୁ ତୁରନ୍ତ ଦୂର କରନ୍ତୁ ବୋଲି ସେ ଦାବି କରିଛନ୍ତି।

ମୃତଦେହ ପଡିଥିବା ସ୍ଥାନର ପ୍ରତ୍ୟକ୍ଷଦର୍ଶୀ ସଞ୍ଜୟ କୁମାର ଭୋଇ ମଧ୍ୟ ତଦନ୍ତ ଉପରେ ସନ୍ଦେହ ପ୍ରକଟ କରିଛନ୍ତି। ଘଟଣା ପଛର ସତ୍ୟ ଶୀଘ୍ର ଉନ୍ମୋଚନ ହେଉ ବୋଲି ସେ ଦାବି କରିଛନ୍ତି। ରାଜେନ୍ଦ୍ରପୁର ସରପଞ୍ଚ ସୁଶାନ୍ତ କୁମାର ବେହେରା କହିଛନ୍ତି ଯେ, ଯେପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଧରା ନ ଯାଇଛି ଏବଂ ଝରାଫୁଲଙ୍କ ମୋବାଇଲ ଫୋନକୁ ଠାବ କରା ନ ଯାଇଛି, ସେ ପର୍ଯ୍ୟନ୍ତ ପୋଲିସ ଉପରକୁ ଅଙ୍ଗୁଳି ଉଠିବା ସ୍ୱାଭାବିକ। ପୋଲିସ ତୁରନ୍ତ ଏ ନେଇ ସୂଚନା ଜନସାଧାରଣଙ୍କ ସମ୍ମୁଖରେ ରଖିବା ଉଚିତ ବୋଲି ସରପଞ୍ଚ ବେହେରା କହିଛନ୍ତି।

ତଦନ୍ତ ଅଧିକାରୀ ଏସ୍‌ଡିପିଓ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ସରିଲାଣି। ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଧରିବୁ। ତାଙ୍କୁ ଧରିବା ପରେ ପଚରାଉଚୁରା କରିବା ସମୟରେ ଘଟଣାରେ ଆଉ କାହାର ସମ୍ପୃକ୍ତ ରହିଛି କି ନାହିଁ ଜଣାପଡ଼ିବ। ଏହାଛଡ଼ା ମୃତା ଛାତ୍ରୀଙ୍କ ମୋବାଇଲ୍ ଫୋନକୁ ମୁଖ୍ୟ ଅଭିଯୁକ୍ତ ନଷ୍ଟ କରିଦେଇଛି ବୋଲି ଅନୁମାନ କରାଯାଉଛି। ସହଯୋଗୀ ଧରାପଡ଼ିଲା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ନାୟକ କହିଛନ୍ତି। ତେବେ ତଦନ୍ତ ସରିଥିବାରୁ ଝରାଫୁଲଙ୍କ ମୃତ୍ୟୁ କିଭଳି ଘଟିଥିଲା ବୋଲି ପଚରାଯିବାରୁ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

**୨ ମାସ ବିତିଲା**

- ଧରାପଡ଼ିନାହାନ୍ତି ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ
- ପୋଲିସ ଭୂମିକାକୁ ନେଇ ପ୍ରଶ୍ନବାଚୀ
- ତଦନ୍ତ ସରିଛି: ତଦନ୍ତ ଅଧିକାରୀ



ଝରାଫୁଲ ନାୟକ

**ପ୍ରଥମ ପୃଷ୍ଠାରୁ...**

## ସେନା ଗୁଳିରେ ...

ଆନ୍ଦୋଳନକୁ ଦମନ କରିବା ଲାଗି ସାମରିକ ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ସୁରକ୍ଷା ବଳ ଗୁଳିମାଡ଼ରେ ଗୋଟିଏ ଦିନରେ ୯୩ ଜଣଙ୍କ ମୃତ୍ୟୁ ଘଟିବା ସର୍ବାଧିକ। ଏହା ପୂର୍ବରୁ ମାର୍ଚ୍ଚ ୧୪ରେ ସୈନ୍ୟଙ୍କ ଗୁଳିରେ ୭୪ରୁ ୯୦ ଜଣ ନିହତ ହୋଇଥିଲେ। ଶନିବାର ମ୍ୟାନ୍‌ମାର ପାଇଁ ଥିଲା ସବୁଠୁ ରକ୍ତରଞ୍ଜିତ ଦିନ। ଆନ୍ଦୋଳନକାରୀଙ୍କୁ ଗୁଳି କରାଯାଇପାରେ ବୋଲି ସାମରିକ ଶାସକଙ୍କ ଚେତାବନୀ ସତ୍ତ୍ୱେ ଏହାକୁ ଭ୍ରୂକ୍ଷେପ ନ କରି ୟାଙ୍ଗୁନ୍, ମାଣ୍ଡାଲେ ଓ ଅନ୍ୟାନ୍ୟ ସହରରେ ହଜାର ହଜାର ବିକ୍ଷୋଭକାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇଥିଲା। ସର୍ବବୃହତ ସହର ୟାଙ୍ଗୁନ୍‌ରେ ୨୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମାଣ୍ଡାଲେରେ ୨୯ ଜଣ ପ୍ରାଣ ହରାଇଛନ୍ତି। ଶନିବାରର ମୃତକଙ୍କୁ ମିଶାଇ ସୁରକ୍ଷା ବାହିନୀ ଗୁଳିମାଡ଼ରେ ବର୍ତ୍ତମାନ ସୁଦ୍ଧା ୪୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଅନେକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶନିବାର ହିଂସା ସତ୍ତ୍ୱେ ସୈନ୍ୟବାହିନୀ ଲୋକଙ୍କ ସୁରକ୍ଷା କରିବା ସହ ଗଣତନ୍ତ୍ର ପାଇଁ ପ୍ରୟାସ କରିବ ବୋଲି ସାମରିକ ସରକାର ମୁଖ୍ୟ ବରିଷ୍ଠ ଜେନେରାଲ ମିନ୍ ଅଙ୍ଗ୍ ଲାଇଙ୍ଗ୍ ଦୋହରାଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ସାରା ଦେଶ ସହ ସୈନ୍ୟବାହିନୀ ଏକାଠି କାର୍ଯ୍ୟ କରିବାକୁ ଚାହେଁ ବୋଲି ସେ କହିଛନ୍ତି।

## ଘୂର୍ଣ୍ଣିଝଡ଼ ତାଣ୍ଡବ...

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଣ୍ଡଳିରେ ସର୍ବାଧିକ ୨୪ ମିଲିମିଟର ବର୍ଷା ହୋଇଥିବାବେଳେ କଟକ ୨୦, ଆଠଗଡ଼ ୨୩.୫, ତିଗିରିଆ ୭, ବାଙ୍କୀ ୦.୨, ଭୁବନେଶ୍ୱର ୩, ରାଜୀବ ଭବନ ୯.୫, କିଟ୍ ୟୁନିଭର୍ସିଟି ନିକଟରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପଥଚାରୀ ପ୍ରଶାନ୍ତ ନାୟକଙ୍କ କହିବା କଥା ଭୁବନେଶ୍ୱରରେ ରହିବା ଦିନରୁ ଏଭଳି ଧୂଳିଝଡ଼ ସେ କେବେ ଦେଖି ନ ଥିଲେ। ରାସ୍ତାରେ ଚାଲିକରି ଯିବା ଅସମ୍ଭବ ହେଉଥିଲା। ଲାଗୁଥିଲା ସତେଯେମିତି ଘୂର୍ଣ୍ଣିଝଡ଼ ଉଡ଼ାଇ ନେବ। ଝଡ଼ ପରେ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ଶୀତଳ ହୋଇଯାଇଥିଲା। ନ ଥିଲା ତାତିର ପ୍ରକୋପ। ମନୁଷ୍ୟଠାରୁ ଆରମ୍ଭ କରି ଜୀବଜନ୍ତୁ ସମସ୍ତଙ୍କୁ ଆଶ୍ୱସ୍ତି ମିଳିଥିଲା। ଦିନତମାମ ଗରମ ହାୱା ପରେ ଘୂର୍ଣ୍ଣିଝଡ଼ ସନ୍ଧ୍ୟାରେ ଶୀତଳତା ଆଣିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ପବନର ବେଗ ଘଣ୍ଟା ପ୍ରତି ୫୦ କିଲୋମିଟର ଥିଲା। ଆସନ୍ତା ୩ ଦିନ ଯାଏ ଏଭଳି ଘୂର୍ଣ୍ଣିଝଡ଼ ଉତ୍ତର ଓଡ଼ିଶା ଉପକୂଳ ବିଶେଷକରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାରେ ଦେଖାଦେବ ବୋଲି ସତର୍କ କରାଯାଇଛି।

## ୧୦ କୋଟିର ସାପବିଷ ...





ଗିରଫ ଅଭିଯୁକ୍ତମାନେ।

ହୁଲୁରୁସିଙ୍ଗାର ଶ୍ୟାମଳେନ୍ଦୁ ନାୟକ(୩୦)। ଜବତ ହୋଇଥିବା ସାପବିଷର ମୂଲ୍ୟ ୧୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ଆକଳନ କରିଛି। ଗିରଫ ୬ଜଣଙ୍କୁ ଭୁବନେଶ୍ୱର ବନାଞ୍ଚଳ କାର୍ଯ୍ୟାଳୟରେ ରଖି ପଚରାଉଚରା କରାଯାଉଛି। ଅଭିଯୁକ୍ତମାନଙ୍କୁ ସିଟି ଡିଏଫ୍‌ଓ ଅଶୋକ ମିଶ୍ର ଜେରା କରୁଛନ୍ତି। ସମସ୍ତ ଅଭିଯୁକ୍ତଙ୍କର କୋଭିଡ୍ ଟେଷ୍ଟ ପରେ ରବିବାର କୋର୍ଟଚାଲାଣ କରାଯିବ। ସୁରଜଙ୍କ ବାପା ଏହି ର୍‍ୟାକେଟ୍‌ର ମୁଖ୍ୟ ଏବଂ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ଦିନ ଧରି ରାଜଧାନୀରେ କେତେଜଣ ବ୍ୟକ୍ତି ୧ ଲିଟର ୬ଶହ ମିଲିଗ୍ରାମ ସାପବିଷ ଧରି ବିକିବା ପାଇଁ ଚେଷ୍ଟା କରୁଥିବା ସ୍ନେକ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଖବର ମିଳିଥିଲା। ଶୁଭେନ୍ଦୁ ଶନିବାର ସକାଳେ ନଗର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ରଙ୍କୁ ଏ ନେଇ ଜଣାଇଥିଲେ। ସିଟି ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ଏବଂ ମଞ୍ଚେଶ୍ୱର ରେଞ୍ଜ ଅଫିସ୍‌ର ୪ଟି ଗାଡ଼ି ସହ ୨୦ ଜଣ କର୍ମଚାରୀ ଜାଲ ବିଛାଇ ଜଗି ରହିଥିଲେ। ଯୋଜନା ମୁତାବକ, ଭୁବନେଶ୍ୱର ବନାଞ୍ଚଳର ଜଣେ ଫରେଷ୍ଟର ସମ୍ପୃକ୍ତ ସାପବିଷ ବେପାରୀମାନଙ୍କ ନିକଟକୁ ଗ୍ରାହକ ସାଜି ଯାଇଥିଲେ। ସମସ୍ତ ଅଭିଯୁକ୍ତ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟପ୍‌ରେ ଏକାଠି ହୋଇ ଅପେକ୍ଷା କରିଥିଲେ। ବିଷ ଠିକ୍ କିମ୍ବା ଭୁଲ୍ ଜାଣିବା ପାଇଁ ଶୁଭେନ୍ଦୁ ନିଜ ଶରୀରରୁ ୨ ମିଲି ଲିଟର ରକ୍ତ ଟେଷ୍ଟଟ୍ୟୁବରେ ଦେବା ପରେ ସେଥିରେ ଗୋଟେ ଟୋପା ବିଷ ମିଶାଯାଇଥିଲା। ୨୦ ମିନିଟ୍ ପରେ ସେହି ରକ୍ତ ଆଉ ଜମାଟ ବାନ୍ଧି ନ ଥିଲା। ବିଷ ଠିକ୍ ଅଛି ବୋଲି ଜାଣିବା ପରେ ଏସିଏଫ୍ ପ୍ରଶାନ୍ତ ପଣ୍ଡା ଚଢ଼ାଉ ପାଇଁ ସବୁଜ ସଙ୍କେତ ଦେଇଥିଲେ। ଏକାସମୟରେ ମାଷ୍ଟର କ୍ୟାଣ୍ଟିନ୍ ଏବଂ ଏୟାରପୋର୍ଟ ଛକରେ ନଗର ବନଖଣ୍ଡର ୨ଟି ଟିମ୍ ଚଢ଼ାଉ କରିଥିଲେ। ଏୟାରପୋର୍ଟ ଛକରୁ ଦୁଇ ବୋତଲ ବିଷ ସହିତ ୩ଜଣ ଏବଂ ମାଷ୍ଟର୍ କ୍ୟାଣ୍ଟିନ୍ ଛକରୁ ଜଣେ ମହିଳାଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଧରିଥିଲେ। ଅଭିଯୁକ୍ତମାନେ କେଉଁଠୁ ବିଷ ଆଣିଥିଲେ, କାହାକୁ ଦେଇଥାନ୍ତେ, ଆଗରୁ କେତେଥର ଏଭଳି କାମ କରିଛନ୍ତି ସେସବୁ ସମ୍ପର୍କରେ ତଦନ୍ତ ଚାଲିଛି। ଆହୁରି କେତେଜଣ ବ୍ୟକ୍ତି ଏହି ର୍‍ୟାକେଟରେ ସାମିଲ ଥିବା ନେଇ ବନ ବିଭାଗ ପ୍ରାଥମିକ ପର୍ଯ୍ୟାୟରେ ଜାଣିବାକୁ ପାଇଛି। ଆବଶ୍ୟକ ପଡ଼ିଲେ ଅଧିକ ଜେରା ଲାଗି ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟଙ୍କୁ ନିବେଦନ କରାଯିବ ବୋଲି ସିଟି ଡିଏଫ୍‌ଓ ମିଶ୍ର କହିଛନ୍ତି। ସେହିପରି ଶୁଭେନ୍ଦୁ କହିଛନ୍ତି, ଜଣେ ମହିଳା ସାପବିଷ କାରବାରରେ ଗିରଫ ହେବା ବୋଧହୁଏ ଦେଶରେ ପ୍ରଥମ ଘଟଣା। କିନ୍ତୁ ଆଇନ ଆଖିରେ ସମସ୍ତେ ସମାନ। ତେବେ ଓଡ଼ିଶାରେ କାହାରିକୁ ସାପବିଷ ବାହାର କରିବା ପାଇଁ ଲାଇସେନ୍ସ ଦିଆଯାଇନାହିଁ। ତେଣୁ ଯିଏ ବି ଏଭଳି ବିଷ କାରବାର କରିବ ସେ ନିଶ୍ଚୟ ଗିରଫ ହେବ।

# ପାତରଅନ୍ତର ଅଭିଯୋଗ ଭିତ୍ତିହୀନ: କେନ୍ଦ୍ର

- ରାଜ୍ୟ ସରକାର ବିଭ୍ରାନ୍ତ କରୁଛନ୍ତି: ଧର୍ମେନ୍ଦ୍ର
- ଚିଠି ପ୍ରତ୍ୟାହାର କରାଯାଉ: ଭାଜପା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

କୋଭିଡ୍ ଟିକା ଯୋଗାଣକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଟିକା ଯୋଗାଣରେ ରାଜ୍ୟ ରାଜ୍ୟ ଭିତରେ ପାତରଅନ୍ତର କରା ନ ଯାଉ। ରାଜ୍ୟକୁ ଯଥେଷ୍ଟ ପରିମାଣର ଟିକା ଦିଆଯାଉ। ଫଳରେ ରାଜ୍ୟ ସରକାର ଆଗୁଆ ୧୫ ଦିନ ପାଇଁ ଯୋଜନା କରିବେ ବୋଲି ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଥିଲେ। ତେବେ ଏହି ପାତର ଅନ୍ତର ଅଭିଯୋଗକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି। ଶନିବାର ପ୍ରଦୀପ୍ତଙ୍କ ଚିଠିର ଜବାବ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ। ସେ କହିଛନ୍ତି, ରାଜ୍ୟ ଭିତରେ ପାତରଅନ୍ତର ଅଭିଯୋଗ ଗ୍ରହଣୀୟ ନୁହେଁ। ମାର୍ଚ୍ଚ ୨୭ ସୁଦ୍ଧା ଓଡ଼ିଶାକୁ ୩୪,୪୬,୭୬୦ ଡୋଜ୍ ଟିକା ଦିଆଯାଇଛି। ଏଯାଏ ୨୨,୯୭,୪୩୧ ଡୋଜ୍ ଟିକା ଦିଆସରିଛି। ଏହାର ଅର୍ଥ ରାଜ୍ୟ ପାଖରେ ଏବେ ୧୧,୪୯,୩୨୯ ଡୋଜ୍ ରହିଛି। ତେଣୁ ତଥ୍ୟକୁ ଅନୁଧ୍ୟାନ କଲେ ପାତରଅନ୍ତର ଅଭିଯୋଗ ଭିତ୍ତିହୀନ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରତିଦିନ ସମସ୍ତ ରାଜ୍ୟରେ ଟିକାର ସ୍ଥିତି ନେଇ ସମୀକ୍ଷା କରାଯାଉଛି। ଗତ ୩ଦିନରେ ରାଜ୍ୟରେ ୨,୦୭,୨୨୯ ଡୋଜ୍ ଟିକା ଦିଆଯାଇଛି। ରାଜ୍ୟରେ ଦୈନିକ ହାରାହାରି ୬୯,୦୭୬ ଲୋକ ଟିକା ନେଉଛନ୍ତି। ଏଥିସହ ଆସନ୍ତା ୨୮ତାରିଖ ଭିତରେ ଆଉ ୫,୪୮,୨୫୦ ଲକ୍ଷ ଡୋଜ୍ ଟିକା ପହଞ୍ଚିବ। ରାଜ୍ୟକୁ ଟିକା ଯୋଗାଣ କେବେ ମଧ୍ୟ ବ୍ୟାହତ ହେବ ନାହିଁ ଏବଂ ସ୍ଥିତିର ସମୀକ୍ଷା କରି ସମସ୍ତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାର ଏହି ଚିଠି ଜରିଆରେ ଆଶ୍ୱାସନା ଦେଇଛନ୍ତି। ସେପଟେ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ରାଜ୍ୟ ସରକାର ବିଭ୍ରାନ୍ତ କରୁଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାକୁ ଟିକା ପ୍ରସଙ୍ଗରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ସହ କଥା ହୋଇଛି। ଏଯାଏ ଓଡ଼ିଶାକୁ ୩୪.୪୬ଲକ୍ଷ ଡୋଜ୍ ଟିକା ଦିଆଯାଇଛି। ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଟିକା ମହଜୁଦ ଅଛି ବୋଲି ପ୍ରଧାନ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ୧୧ଲକ୍ଷ ଟିକା ମହଜୁଦ ଥାଇ ସ୍ୱାସ୍ଥ୍ୟ ସଚିବ କିପରି ଏଭଳି ଚିଠି ଲେଖିଲେ। ଚିଠି ଦେଖିଲେ ଲାଗୁଛି କୌଣସି ଦଳର ସାଧାରଣ ସମ୍ପାଦକ ଲେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଗୋଚରରେ ସେ ଏମିତି ଚିଠି ଲେଖିଥିବା ଲାଗୁଛି। ଚିଠି ପାଇଁ ସେ ତୁରନ୍ତ କ୍ଷମା ମାଗିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ଗୋଲକ ଦାବି କରିଛନ୍ତି।





# ଜଙ୍ଗଲରେ ନିଆଁ, ରାସ୍ତା ଉପରେ ହାତୀପଲ

**ଟ୍ରେନ୍‌କୁ ସୂଚନା ଦେଲେ ମହିଳା କର୍ମଚାରୀ**

**ସମ୍ବଲପୁର, ୨୭।୩ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଲାଗି ରହିଛି। ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ହାତୀ ପଲ ୫୫ନଂ. ଜାତୀୟ ରାଜପଥର ମୁଣ୍ଡେର ଗ୍ରାମ ନିକଟ ରାସ୍ତାରେ ୧୫ ମିନିଟ ଧରି ଛିଡା ହୋଇରହିଥିଲେ। ଏହି ପଲରେ ୩ଟି ଦନ୍ତା, ୮ଟି ମାଈ ହାତୀ ଓ ନବଜାତ ସହିତ ୬ଟି ଛୁଆ ଥିବା ଜଣାପଡିଛି। ବନ କର୍ମଚାରୀ ହାତୀ ଘଉଡାଇବାକୁ ଯାଇ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିଗୁଡିକୁ ଅଟକାଇଥିଲେ। ହାତୀ ପଲ ମୁଣ୍ଡେର ଗ୍ରାମ ନିକଟରେ ଥିବା ଟ୍ରେନ୍ ଲାଇନ ନିକଟତର ହେଉଥିବା ଦେଖି କାର୍ଯ୍ୟରତ ମହିଳା ଫରେଷ୍ଟ ଗାର୍ଡ କ୍ରିଷ୍ଣା ଖୁଣ୍ଟିଆ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଅଧିକାରୀମାନେ ମାନେଶ୍ୱର ଓ ଯୁଯୁମୁରା ଷ୍ଟେଶନ ମାଷ୍ଟରଙ୍କ ସମେତ କଣ୍ଟ୍ରୋଲ ରୁମ୍‌କୁ ଖବର ଦେଇଥିଲେ। ସେ ସମୟରେ ଏକ ମାଲ ଗାଡି ଆସୁଥିବାରୁ ତାହାକୁ ଅଟକାଇବା ପାଇଁ ଗାର୍ଡ କ୍ରିଷ୍ଣା ଲାଇଟ୍ ମାରିବା ସହ କପଡ଼ା ଦେଖାଇ ଡ୍ରାଇଭରଙ୍କୁ ସୂଚନା ଦେଇଥିଲେ। ଡ୍ରାଇଭର ଗତି କମାଇବାରୁ ଉକ୍ତ ସ୍ଥାନରେ ମାଲଗାଡିଟି ଧୀରେ ଧୀରେ ପାର ହୋଇଥିଲା। ହାତୀ ପଲ ଏବେ ଜାତୀୟ ରାଜପଥ ଓ ରେଳପଥ ମଝିରେ ଥିବା ଜଙ୍ଗଲରେ ରହିଛନ୍ତି। ବନ କର୍ମଚାରୀ, ଅଧିକାରୀ ଓ ଟ୍ରାକର୍ ଟିମ୍ ହାତୀ ପଲଙ୍କ ଗତବିଧି ନିରୀକ୍ଷଣ କରିବା ସହ ଘଉଡାଇବାକୁ ଚେଷ୍ଟା କରୁଛନ୍ତି। ସୂଚନାଯୋଗ୍ୟ ଯେ, ମୁଣ୍ଡେର ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୩ଦିନ ହେବ ନିଆଁ ଲାଗିଛି। ଚତୁଃପାର୍ଶ୍ୱରେ ନିଆଁ ଲାଗିବାରୁ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ଗୁରୁବାର ଝାଙ୍କରପାଲି ଗ୍ରାମ ନିକଟରେ ହାତୀପଲ ରହିଥିବା ଦେଖିବାକୁ ମିଳିଥିଲା।

**ଟ୍ରକ୍ ପଛରେ ପିଟିହେଲା କାର୍**

# ଜଣେ ମୃତ, ୫ ଗୁରୁତର

**ରେଙ୍ଗାଲି, ୨୭।୩ (ଡି.ଏନ.ଏ.)**

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରେଙ୍ଗାଲି ଥାନା ରାମପଡା ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ପଛରେ କାର୍ ପିଟି ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୫ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ମଞ୍ଜୁ ଅଗ୍ରୱାଲ (୬୮)। ସୂଚନା ଅନୁଯାୟୀ, ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ସୌରଭ ଅଗ୍ରୱାଲ (୩୪), ସ୍ତ୍ରୀ ନେହା ଅଗ୍ରୱାଲ (୩୦), ପୁଅ ନୀରବ, ଝିଅ କ୍ରିତିକା, ମାଆ ମଞ୍ଜୁ, ନେହାଙ୍କ ସାଙ୍ଗ ପୂଜା ଶର୍ମା (୩୦) ଏକ କାର୍ (ଓଡ଼ି୧୪ୟୁ-୬୮୬୦) ଯୋଗେ କୌଣସି କାମରେ ସୁନ୍ଦରଗଡ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ବେଳେ ରାତି ପ୍ରାୟ ସାଢ଼େ ୩ଟା ସମୟରେ କାର୍‌ଟି ରାମପଡା ଛକ ନିକଟରେ ଆଗରେ ଯାଉଥିବା ୧୬ ଚକିଆ ଟ୍ରକ୍ (ସିଜି୧୫ଡିଏଫ- ୯୮୭୧) ପଛପଟୁ ଧକ୍କା ଦେଇଥିଲା। ଏତେ ଜୋରରେ ଧକ୍କା ହୋଇଥିଲା ଯେ ଟ୍ରକଟି ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ କାର୍‌କୁ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ମଞ୍ଜୁଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରେଙ୍ଗାଲି ପୋଲିସ ଓ ସମ୍ବଲପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନା ପଠାଇଥିଲେ। ନେହାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡିକୁ ପୋଲିସ ଜବତ କରି ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ହୋଲି ପୂର୍ବରୁ ବିହାରର ପାଟନା ଜଙ୍କସନ୍‌ରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ।



ଅଭିନେତ୍ରୀ ଜରିନ ଖାନ ବଲିଉଡ ସାଙ୍ଗକୁ ପଞ୍ଜାବ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ ଦ୍ୱାରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସୋସିଆଲ ମିଡିଆରେ ମଧ ସେ ଖୁବ ସକ୍ରିୟ। ତାଙ୍କ ଫଟୋ ଏବଂ ଭିଡିଓ ଅନେକ ସମୟରେ ସୋସିଆଲ ମିଡିଆରେ ଧୂମ ମଚାଇଥାଏ। ନିକଟରେ ଜରିନ ଟ୍ରେନ ଲାଇନ ଉପରେ ବଶି ଫଟୋଶୁଟ କରିଛନ୍ତି। କଳା ରଙ୍ଗର ସୁଟ୍‌ରେ ଉଠାଇଥିବା ଫଟୋକୁ ସେ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହାକୁ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଲାଇକ କରିବା ସହ କମେଣ୍ଟ ମଧ ଦେଇଛନ୍ତି।

# ପାଟି ବୋହୁଛି ଶରୀରର ଭାର



**ନୂଆଦିଲ୍ଲୀ:** ପାଟିରେ ପୂରା ଶରୀରର ଭାର। କଥାଟା ଶୁଣିଲେ ହଠାତ୍ ହୁଏତ ବୁଝି ହେଉ ନ ଥିବ। କିନ୍ତୁ ଏଭଳି ଶାରୀରିକ ପୋଜ୍‌ର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଶରୀରକୁ ଏକ ଭିନ୍ନ ଅବସ୍ଥାରେ ରଖି ପାଟି ଉପରେ ଭାର ଦେଇ ୩୬ ସେକେଣ୍ଡ ରହି ଲୋକଙ୍କୁ ଇଣ୍ଟରନେଟ୍‌ରେ ଆଶ୍ଚର୍ଯ୍ୟ କରିଛନ୍ତି ଆନାସ୍ତାସିଆ ନାମ୍ନୀ ଜଣେ ମହିଳା।

ଆନାସ୍ତାସିଆ ଏଭସିଗନେଭା ନାମ୍ନୀ ମହିଳା ଅଦ୍ଭୁତ ଭାବରେ ଶରୀରକୁ ବଙ୍କା କରି ପାଟି ଉପରେ ଭାର ଦେଇ ରହି ପାରୁଛନ୍ତି। ତାଙ୍କର ଏଭଳି ଶାରୀରିକ ଅବସ୍ଥା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆନାସ୍ତାସିଆ ଏବେ ତାଙ୍କ ସ୍ୱାମୀଙ୍କ ସହିତ କାନାଡାରେ ରହୁଛନ୍ତି। ତାଙ୍କୁ ବର୍ତ୍ତମାନ ୨୮ ବର୍ଷ। କିନ୍ତୁ ନିଜ ଶରୀରକୁ ସେ ଏଭଳି ଭାବେ ଓଲଟା କରି ବଙ୍କାଇ ଦେଉଛନ୍ତି ଏବଂ ତାଙ୍କ ପାଟିରେ ଭାରା ଦେଇ ସେ ରହି ପାରୁଛନ୍ତି। ତାଙ୍କର ଏଭଳି ଅବସ୍ଥାକୁ ନ ଦେଖିଲେ କେହି ହୁଏତ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ ଅବସ୍ଥାରେ ପାଟିରେ ଭାରା ଦେଇ ସେ ବେଶ୍ କିଛି ସମୟ ରହି ପାରୁଛନ୍ତି। ଭାଇରାଲ ହେଉଥିବା ଭିଡିଓରେ ସେ ଏଭଳି ଅବସ୍ଥାରେ ୩୬ ସେକେଣ୍ଡ ରହି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ତେବେ ଏଭଳି ପୋଜ୍‌ରେ ସେ ୱାର୍ଲଡ ରେକର୍ଡ କରିବାଠାରୁ ଅନେକ ଦୂରରେ ଅଛନ୍ତି। ତାଙ୍କ ଭଳି ପୋଜରେ ୪ ମିନିଟ୍ ୩୮ ସେକେଣ୍ଡ ରହି ଏହା ପୂର୍ବରୁ ଜଣେ ଗିନିଜ୍ ବୁକ୍ ରେକର୍ଡ କରିଛନ୍ତି। କିନ୍ତୁ ଦୀର୍ଘ ସମୟ ରହିବା ପାଇଁ ଆନାସ୍ତାସିଆ ତାଙ୍କର ଏଭଳି ଅଭ୍ୟାସ ଜାରି ରଖିବେ ବୋଲି କହିଛନ୍ତି। ତାଙ୍କର ଏତିକି ସମୟର ଭିଡିଓକୁ ଦେଖି ଲୋକେ କିନ୍ତୁ ଆଶ୍ଚର୍ଯ୍ୟ ହୋଇଛନ୍ତି। ଇଣ୍ଟରନେଟରେ ତାଙ୍କୁ ସବୁଆଡୁ ଶୁଭେଚ୍ଛା ମିଳିଛି। ଅବଶ୍ୟ କେତେଜଣ ଏଭଳି ଏକ ପୋଜ୍‌କୁ ବିପଦପୂର୍ଣ୍ଣ କହି ସତର୍କ ବି କରାଇଛନ୍ତି। ମାତ୍ର ଅଭ୍ୟାସ ଥିଲେ କୌଣସି କାମ ଅସମ୍ଭବ ନୁହେଁ ବୋଲି ଆନାସ୍ତାସିଆ ପ୍ରମାଣ କରି ଦେଖାଇଛନ୍ତି।

# ହୋଲି ଲୁକ୍‌ରେ ନେହା



**ମୁମ୍ବାଇ:** ବଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ସବୁଠୁ ସୁନ୍ଦର ଗାୟିକା ଭାବେ ପରିଚିତ ନେହା କକ୍କରଙ୍କ ହୋଲି ଲୁକ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯାହାକୁ ପ୍ରଶଂସକମାନେ ଖୁବ ପସନ୍ଦ କରୁଛନ୍ତି। ନେହା ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଥିବା ଏକ ଫଟୋରେ ଧଳା ରଙ୍ଗର ଡ୍ରେସ ପିନ୍ଧିଛନ୍ତି। ଫଟୋ ଶେୟାର କରି କ୍ୟାପଶନ ଲେଖିଛନ୍ତି, 'ହୋଲି ସ୍ପେଶାଲ ଇଣ୍ଡିଆନ ଆଇଡଲ ୧୨ରେ ରାତି ୯ଟାରେ'। ଆହୁରି ମଧ ଲେଖିଛନ୍ତି, ସବୁଠୁ ପ୍ରିୟ ଏହି ଲୁକ। ନେହା ଶେୟାର କରିଥିବା ଆଉକିଛି ଫଟୋରେ ଏହି ଶୋ'ର ପ୍ରତିଯୋଗୀ ପୱନଦୀପ, ଆଶିଷ କୁଲକର୍ଣ୍ଣି, ସାୟଲ ଏବଂ ନିହାଲଙ୍କ ସହ ନଜର ଆସିଛନ୍ତି। ନେହାଙ୍କ ଆଉଟ୍‌ଫିଟ୍ ଏଥିରେ ଖୁବ ସୁନ୍ଦର ଦେଖାଯାଉଛି। ଏ ତ ଗଲା ନେହାଙ୍କ ପ୍ରଫେଶନାଲ କଥା। ଯଦି ତାଙ୍କ ବ୍ୟକ୍ତିଗତ କଥା ଜାଣିବା ତେବେ ନୋହା ରୋହନପ୍ରୀତ ସିଂଙ୍କୁ ବିବାହ କରିଛନ୍ତି। ନେହା ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ ରହିଥାନ୍ତି। ସ୍ୱାମୀ ରୋହନପ୍ରୀତଙ୍କ ସହ ସୋସିଆଲ ମିଡିଆରେ ଫଟୋ, ଭିଡିଓ ଛାଡ଼ି ପ୍ରଶଂସକଙ୍କ ନିକଟତର ହୋଇଥାନ୍ତି। ନେହାଙ୍କ ସୋସିଆଲ ମିଡିଆରେ କୋଟି କୋଟି ଫଲୋର୍ସ ରହିଛନ୍ତି।

# ୧୮ ଇଞ୍ଚର ନାଗା ସାଧୁ



**ହରିଦ୍ୱାର:** କୁମ୍ଭମେଳାରେ ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥଙ୍କ ସମାଗମ ହେବାରେ ଲାଗିଛି। ମେଳାକୁ ଆସିଥିବା ୧୮ ଇଞ୍ଚ ଉଚ୍ଚତାର ଜଣେ ନାଗା ସାଧୁଙ୍କୁ ଚର୍ଚ୍ଚା ଜାରି ରହିଛି। ନାଗା ସାଧୁଙ୍କ ନାମ ହେଉଛି ନାରାୟଣ ନନ୍ଦ ଗିରି ମହାରାଜ। ସେ ଜୁନା ଆଖଡ଼ାର ନାଗା ବାବା। ତାଙ୍କର ଓଜନ ମାତ୍ର ୧୮ କିଲୋଗ୍ରାମ। ବାବାଙ୍କ ବୟସ ୫୬ ବର୍ଷରୁ ଅଧିକ। ସେ ଝାନ୍ସୀରୁ ହରିଦ୍ୱାର କୁମ୍ଭମେଳାକୁ ଆସିଛନ୍ତି। ସେ ସ୍ଥାନୀୟ ହନୁମାନ ମନ୍ଦିରରେ ଡେରା ପକାଇଛନ୍ତି। ୨୦୧୦ରେ ନାରାୟଣ ଜୁନା ଆଖଡ଼ାରେ ଯୋଗ ଦେଇ ନାଗା ସନ୍ୟାସୀ ଦୀକ୍ଷା ଗ୍ରହଣ କରିଥିଲେ। ବାବା କୁମ୍ଭମେଳାରେ ସକାଳ ୭ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମସ୍ୟା ସମାଧାନ କରୁଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧରେ କୋରାପୁଟ, ଗଜପତି, କନ୍ଧମାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ହାଲକାରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳ ସମୟରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। କେତେକ ସ୍ଥାନରେ ଘଡିଘଡି ସହ ବର୍ଷା ହେବାର ସମ୍ଭବନା ରହିଛି। ରବିବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୪.୨ |
| ଚାନ୍ଦବାଲି | ୩୬.୦ | ୨୩.୫ |
| କଟକ | ୩୭.୬ | ୨୪.୨ |
| ପାରାଦୀପ | ୩୧.୯ | ୨୫.୩ |
| ଭୁବନେଶ୍ୱର | ୩୯.୨ | ୨୪.୯ |
| ଗୋପାଳପୁର | ୩୨.୨ | ୨୫.୩ |
| ପୁରୀ | ୩୨.୪ | ୨୬.୬ |
| ଅନୁଗୋଳ | ୩୮.୭ | ୨୩.୦ |
| ବାରିପଦା | – | ୨୩.୬ |
| ଝାରସୁଗୁଡ଼ା | ୩୮.୨ | ୧୯.୮ |
| କେନ୍ଦୁଝର | ୩୫.୨ | ୨୦.୮ |
| ସମ୍ବଲପୁର | ୩୯.୦ | ୨୨.୫ |
| ସୁନ୍ଦରଗଡ଼ | ୩୮.୫ | ୨୧.୦ |
| ହୀରାକୁଦ | ୩୮.୭ | ୨୧.୩ |
| ତାଳଚେର | ୩୯.୦ | ୨୨.୩ |
| ଭବାନୀପାଟଣା | ୩୮.୫ | ୨୧.୫ |
| ବଲାଙ୍ଗୀର | ୪୦.୦ | ୨୨.୩ |
| କୋରାପୁଟ | ୩୬.୦ | ୧୯.୨ |
| ଫୁଲବାଣୀ | – | ୧୮.୦ |
| ଟିଟିଲାଗଡ଼ | ୩୯.୨ | ୨୪.୩ |
| ମାଲକାନଗିରି | ୩୯.୫ | ୨୩.୫ |
| ସୋନପୁର | ୩୮.୬ | ୨୦.୮ |
| ଦାରିଙ୍ଗିବାଡ଼ି | ୩୪.୫ | ୧୯.୫ |
| ନୟାଗଡ଼ | ୩୯.୩ | ୨୩.୨ |
| ବୌଦ୍ଧ | ୪୦.୫ | ୨୦.୦ |
| ଛତ୍ରପୁର | ୩୩.୦ | ୨୪.୫ |
| ପାରଳାଖେମୁଣ୍ଡି | ୩୩.୫ | ୨୫.୦ |
| ରାୟଗଡ଼ା | ୩୫.୮ | ୨୦.୪ |

ଡିଗ୍ରୀ ସେଲ୍‌ସିୟସ୍

# ଚେନ୍ ବୋହିନେଲେ ପିମ୍ପୁଡ଼ି



**ନୂଆଦିଲ୍ଲୀ:** ପିମ୍ପୁଡ଼ି ସୁନା ଚୋରି କରିବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଏପରି ଏକ ଭିଡିଓ ଭାଇରାଲ ହେଉଛି,ଯେଉଁଥିରେ ପିମ୍ପୁଡ଼ିମାନେ ଏକ ସୁନା ଚେନ୍ ବୋହି ନେଇଯାଉଥିବା ଦେଖିବାକୁ ମିଳୁଛି। ଭିଡିଓକୁ ଦେଖିଲେ ଏପରି ଲାଗିବ ଯେ, ପିମ୍ପୁଡ଼ିମାନେ ସୁନା ଚୋରା ଚାଲାଣ କରୁଛନ୍ତି। ପିମ୍ପୁଡ଼ିଙ୍କର ଏହି ଅଦ୍ଭୁତ ଭିଡିଓ ଆଇପିଏସ ଅଧିକାରୀ ଦୀପାଂଶୁ କାବ୍ରା ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଭିଡିଓ ଶେୟାର କରି କ୍ୟାପଶନ୍‌ରେ ଲେଖିଛନ୍ତି 'କ୍ଷୁଦ୍ରତମ ସୁନା ସ୍ମଗଲର୍ସ!' ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ଲୋକ ମଜାଳିଆ ପ୍ରତିକ୍ରିୟା ଦେଉଛନ୍ତି।

# ସଲମାନଙ୍କୁ ପସନ୍ଦ କରନ୍ତିନି କୋହଲି

**ମୁମ୍ବାଇ:** ସୋସିଆଲ ମିଡିଆରେ ସଲମାନ ଖାନ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲିଙ୍କୁ ନେଇ ଏକ କାହାଣୀ ଭାଇରାଲ ହେଉଛି। ସଲମାନ-ଅନୁଷ୍କା ୨୦୧୬ରେ ରିଲିଜ ହୋଇଥିବା ଫିଲ୍ମ ସୁଲତାନ୍‌ରେ ଏକାଠି କାମ କରିଥିଲେ। ଏହି ଫିଲ୍ମ ସେହି ବର୍ଷର ସବୁଠାରୁ ହିଟ୍ ଫିଲ୍ମ ହୋଇଥିଲା। ଏଥିରେ ଉଭୟଙ୍କ କେମେଷ୍ଟ୍ରି ଦେଖିବାକୁ ପାଇଥିଲେ ଦର୍ଶକ। ଫିଲ୍ମର ପ୍ରମୋଶନରେ ଅନୁଷ୍କା-ସଲମାନ୍‌ଙ୍କୁ ସବୁ ସମୟରେ ଏକାଠି ଦେଖିବାକୁ ମିଳୁଥିଲା। ହେଲେ ଅନୁଷ୍କା ଯେତେବେଳେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କୁ ବିବାହ କଲେ ସେ ପାର୍ଟିକୁ ସଲମାନଙ୍କୁ ଡାକି ନ ଥିଲେ। ପ୍ରକୃତ କଥା ହେଲା, ୨୦୧୫ରେ ସଲମାନ ଦୁବାଇ ଯାଇଥିଲେ। ଏହି ଅବସରରେ ସଲମାନ୍‌ଙ୍କୁ ବିରାଟ-ଅନୁଷ୍କାଙ୍କୁ ନେଇ ପ୍ରଶ୍ନ ପଚରାଯିବାରେ ସଲମାନ ବିରାଟଙ୍କୁ ମେଟ୍ରୋସେକ୍ସୁଆଲ ବୋଲି କହିଥିଲେ। ଏହାର ଅର୍ଥ ହେଉଛି, ଯେଉଁ ବ୍ୟକ୍ତି ନିଜ ଲୁକ୍‌ସକୁ ନେଇ ବହୁତ ଚିନ୍ତା କରିଥାନ୍ତି। ସଲମାନଙ୍କ ଏହି କଥା ବିରାଟଙ୍କୁ ଆଦୌ ପସନ୍ଦ ଆସି ନ ଥିଲା। ତେଣୁ ସେ ନିଜ ବିବାହ ପାର୍ଟିକୁ ସଲମାନ୍‌ଙ୍କୁ ଡାକି ନ ଥିବା କୁହାଯାଏ।



# ଫଳରୁ ଆଣ୍ଟି ବ୍ୟାକ୍ଟେରିଆଲ ବ୍ୟାଣ୍ଡେଜ

**ସିଙ୍ଗାପୁର:** ସିଙ୍ଗାପୁରର ବୈଜ୍ଞାନିକମାନେ ପଣସ ପରି ଦେଖାଯାଉଥିବା ଏକ କଣ୍ଟାଳିଆ ଫଳରୁ ଆଣ୍ଟି ବ୍ୟାକ୍ଟେରିଆଲ ବ୍ୟାଣ୍ଡେଜ ପ୍ରସ୍ତୁତ କରିଛନ୍ତି। ଏହି ବ୍ୟାଣ୍ଡେଜ ଲଗାଇଲେ ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ, କଟା, ପୋଡ଼ା, ଦରଜ ଆଦି ଖୁବ ଶୀଘ୍ର ଭଲ ହୋଇଯିବ। ଏହି ଫଳର ନାଁ ଡ୍ୟୁରିଆନ ହସ୍କ। ଯାହାକୁ ଦକ୍ଷିଣପୂର୍ବର ଏସିଆରେ 'ଫଳମାନଙ୍କର ରାଜା' କୁହାଯାଏ। ଏହା ବାହାରୁ ଦୁର୍ଗନ୍ଧ ହେଲେ ମଧ ବହୁ ଉପକାରୀ। ୟୁନିଭର୍ସିଟିର ଫୁଡ ସାଇନ୍ସ ଏବଂ ଟେକ୍ନୋଲୋଜି ପ୍ରୋଗ୍ରାମର ନିର୍ଦ୍ଦେଶକ ତଥା ପ୍ରଫେସର ଵିଲିୟମ ଚେନ କହିଛନ୍ତି, ଏହି ଫଳ ସ୍ୱତନ୍ତ୍ର ଧରଣର। ଏଥିରେ ଅର୍ଗାନିକ ମଲିକ୍ୟୁଲ୍ସ ରହିଛି। ଫଳରେ ଏହା ବ୍ୟାକ୍ଟେରିଆ ପାଇଁ ଘାତକ ହୋଇଥାଏ। ଖାଲି ଏତିକି ନୁହେଁ, ଘା' ହୋଇଥିଲେ ଏହି କଣ୍ଟାଫଳର ରସ ଲଗାଇଲେ ତୁରନ୍ତ ଉପଶମ ମିଳିଥାଏ। ତ୍ୱଚା ନରମ ରହେ।



# ପରେଶ ରାୱଲଙ୍କୁ କରୋନା



**ମୁମ୍ବାଇ:** ଭାରତରେ କରୋନାର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବଲିଉଡରେ ଜଣେ ପରେ ଜଣେ କଳାକାର ଏଥିରେ ସଂକ୍ରମିତ ହେଉଛନ୍ତି। ଆମୀର ଖାନ, ରଣବୀର କପୁର, ଆର୍. ମାଧବାନ ପ୍ରମୁଖ କଳାକାରଙ୍କ ପରେ ୬୫ ବର୍ଷୀୟ ଅଭିନେତା ପରେଶ ରାୱଲ ମଧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ସେ ନିଜେ ଟୁଇଟ କରି ଜଣାଇଛନ୍ତି। ତେବେ କିଛି ଦିନ ପୂର୍ବେ ପରେଶ ଟିକା ନେଇଥିଲେ। ଏଥସହ ବଲିଉଡ ପ୍ରଯୋଜକ ରମେଶ ତୌରାନି ମଧ ଏହି ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। କରୋନା ଟିକା ନେବା ପରେ ମଧ ରମେଶ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ।


# ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଜୟକୃଷ୍ଣ ପଟ୍ଟନାୟକ
ଚକେଇସିଆଣୀ, (ସମେଇଗାଡ଼ିଆ), ଭୁବନେଶ୍ୱର
ତିରୋଧାନ: ୧୯।୦୩।୨୧ (ଶୁକ୍ରବାର)
ଆପଣଙ୍କ ଅମର ଆତ୍ମାର ପରମାତ୍ମାଙ୍କ ସହିତ ସ୍ୱର୍ଗୀୟ ମିଳନ କାମନାରେ ଦାରୁବ୍ରହ୍ମ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମ ଦୁହିଁଙ୍କର ବିନମ୍ର ପ୍ରାର୍ଥନା ।
ସମୁଦୀ– ଶରତ ରାଉତ, ସମୁଦୁଣୀ– ବିଜୟଲକ୍ଷ୍ମୀ ରାଉତ, ଅନନ୍ତ ନଗର, ମହତାବରୋଡ୍, ଭୁବନେଶ୍ୱର
ଧ–୬୯୪୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନବମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ ବିଜୟ କୁମାର ନାୟକ (ବାପି)
ଷ୍ଟେଟ୍ ବ୍ୟାଙ୍କ୍ ଆସିଷ୍ଟାଣ୍ଟ, କଲ୍ୟାଣସିଂହପୁର ବ୍ରାଞ୍ଚ, (ଜି) ରାୟଗଡ଼ା
ବାସସ୍ଥାନ: ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର–୧୨
ଆବିର୍ଭାବ: ତା.୦୭।୧୧।୧୯୮୪
ତିରୋଧାନ: ତା.୨୮।୦୩।୨୦୧୨
ଚାହୁଁ ଚାହୁଁ ନଅ ବର୍ଷ ଚାଲିଗଲା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବାପା, ବୋଉ, ଭଉଣୀ: ସବିତା, ସସ୍ମିତା, ରଶ୍ମିତା ଓ ପରିବାରବର୍ଗ ।
ଧ–୨୦୩୩୩

1st Birthday Wish



Aayat Firdoush
Daughter of- S.K. Sadakat Ali
Humera Saheba
At- Thoriapada, Post- Somepur, Dist- Cuttack
With best Compliments From-
Sarafat, Nasreen, Mariyum, Khushi, Munnan, Arwaz, Iftekhar.
D-20347

ଜନ୍ମଦିନ ଶୁଭେଚ୍ଛା



ବଜରଙ୍ଗୀ, ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ବଜରଙ୍ଗୀବାଲିଙ୍କର କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାବାଜୀ ଚରଣ ରାଉତ, ବ୍ରହ୍ମାନନ୍ଦ ରାଉତ, ଅଜୟ ରାଉତ, ଛୋଟ ମା, ମଝିଆ ମା, ସାନ ମା, ପାପା, ମାମା, ଭାଇ, ଭଉଣୀ ଏବଂ ଅନ୍ୟମାନେ।
ବୀର ବଜରଙ୍ଗୀ ସୁନ୍ଦରା ରାଉତ
ଚନ୍ଦନ ନଗର, ଆଳି, କେନ୍ଦ୍ରାପଡ଼ା
ଧ–୨୦୩୨୫

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

LOW INVESTMENT & HIGH INCOME
FARMING PROJECTS
- Organic Products
- Goat Farming

INDUSTRIAL PROJECTS
- Mini Scale Industry
- Micro Scale Industry

We are Consultant, Bank & Industry Link Facilitator and Service Provider.
: OFFICE :
BLUE BERRY EXIM SERVICES
KOLKATA, VIZAG, RAIPUR
CONTACT : 9773839553

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ



ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେପଡ଼େ ସେ ରଙ୍ଗଖେଳ

ବର୍ଷକୁ ଥରେ ଆସେ ରଙ୍ଗର ପର୍ବ ହୋଲି। ସାଙ୍ଗରେ ନେଇ ଆସେ ଭଳିକି ଭଳି ରଙ୍ଗର ପସରା ଆଉ ଅସରନ୍ତି ଖୁସିର ଭଣ୍ଡାର। ହେଲେ ଯିବା ବେଳକୁ ଛାଡ଼ିଦେଇ ଯାଏ ଦେହରେ ଧୀରେ ଧୀରେ ଲିଭିବା ପାଇଁ କିଛି ରଙ୍ଗର ଛିଟା ଆଉ ବେଳେବେଳେ ମନରେ କେବେ ନ ଲିଭିବା ଭଳି କିଛି ଅନୁଭୂତି...







**ନିଜ ମୁହଁ ଦେଖି ଡରି ଯାଇଥିଲି**

**ଶିଲ୍ପା ପୃଷ୍ଟି** (ପାତ୍ରପଡ଼ା, ଭୁବନେଶ୍ୱର)– ପ୍ରତିବର୍ଷ ହୋଲି ପର୍ବ ଆସିବାମାତ୍ରେ ସେଦିନ କଥା ଆଖି ଆଗରେ ନାଚିଉଠେ। ଏକାଠି ପରସ୍ପରକୁ ରଙ୍ଗ ବୋଳିବା, ଯିଏ ନ ଖେଳିବା ଲାଗି ଘରେ ଲୁଚିଥିବେ, ସେମାନଙ୍କୁ ବିଭିନ୍ନ ପ୍ଲାନ୍ କରି ବାହାରକୁ ଡାକି ଲୁଚିଲୁଚି ରଙ୍ଗ ବୋଳିବା ଆଦିର ମଜା ଖୁବ୍ ଆନନ୍ଦଦାୟକ। ପ୍ରତିଥର ଭଳି ସେଦିନ ଆମେ ସାଙ୍ଗସାଥୀ ଖୁବ୍ ମଜା ମସ୍ତିରେ ହୋଲି ଖେଳିଥିଲୁ। କୌଣସି କେମିକାଲ୍ ରଙ୍ଗ ବଦଳରେ ସମସ୍ତେ ପ୍ରାକୃତିକ ଅବିର ରଙ୍ଗ ବ୍ୟବହାର କରିଥିଲୁ। ଖେଳ ସରିବା ପରେ ଯିଏ ଯାହା ଘରକୁ ଫେରିଗଲେ। ମୁଁ ମଧ୍ୟ ଗାଧୋଇବା ଲାଗି ଚାଲିଗଲି। ପ୍ରଥମେ ଟାଓ୍ୱେଲ୍‌ରେ ଭଲ ଭାବେ ଅବିର ଝାଡ଼ିଦେଇ ମୁଣ୍ଡରେ ଯେମିତି ପାଣି ଢାଳି ଶାମ୍ପୁ ଲଗାଇଛି କଳା ପାଣି ବୋହିଲା। ଟିକେ ଆଶ୍ଚର୍ଯ୍ୟ ତ ଲାଗିଲା, ହେଲେ ଏହା ଶୀଘ୍ର ଛାଡ଼ିଯିବ ଭାବି ନିଶ୍ଚିନ୍ତ ରହିଲି। ଗାଧୋଇ ସାରି ଯେତେବେଳେ ଆଉ କେଉଁଠି ରଙ୍ଗ ଲାଗିଛି କି ନାହିଁ ଜାଣିବା ଲାଗି ଦର୍ପଣ ଦେଖିଲି, ନିଜ ମୁହଁ ଦେଖି ଡରି ଯାଇଥିଲି। ଘରଲୋକ ବି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, କାରଣ କେହି ଅବିରରେ ମିଶାଇଥିବା ମୁଣ୍ଡଫଟା ରଙ୍ଗ ବୋହି ମୁହଁ ସମ୍ପୂର୍ଣ୍ଣ କଳା ହୋଇ ଯାଇଥିଲା। ଆଉ ସେହି ରଙ୍ଗ ଛାଡ଼ିବାକୁ ପ୍ରାୟ ୩-୪ ଦିନ ସମୟ ନେଇଥିଲା ଏବଂ ଏହି ରଙ୍ଗ ପ୍ରଭାବରେ ସ୍କିନ୍‌ର ରଫ୍‌ନେସ୍ ଠିକ୍ ହେବାକୁ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ସତ କହିବାକୁ ଗଲେ, ସେବେଠୁ ହୋଲିବେଳେ ଏକଥା ଭାବି ମନରେ ଡର ବି ଆସେ।

**ନିଶାରେ ହୋଲିକୁ ଜାଗର ଭାବିଲି**

**ଦିବ୍ୟ ପ୍ରସନ୍ନ** (ନାଗବାଲି, କଟକ)– ବର୍ଷସାରା ଅନେକ ପର୍ବ ଆସେ। ହେଲେ ହୋଲିର ମଜା ସତରେ ନିଆରା। ସାଙ୍ଗମାନଙ୍କ ସହ ରଙ୍ଗଖେଳଠୁ ଆରମ୍ଭ କରି ପଣା ପିଇବା ହେଉ କିମ୍ବା ରାତିରେ ଫିଷ୍ଟ କରିବା ପର୍ଯ୍ୟନ୍ତ ସବୁଥିରେ ଏକ ଭିନ୍ନ ମଜା ଥାଏ। ହେଲେ ଏହା ଭିତରେ ବି କେବେକେବେ ଏମିତି କିଛି ଘଟିଯାଏ, ଯାହାକି ସବୁଦିନ ପାଇଁ ମନରେ ଅଭୁଲା ଅନୁଭୂତି ହୋଇ ରହିଯାଏ। ତିନି ବର୍ଷ ତଳର କଥା। ସକାଳୁ ସକାଳୁ ସାଙ୍ଗମାନେ ଏକାଠି ହୋଇଗଲୁ ହାତରେ ରଙ୍ଗ ଜରି ଧରି। ଆରମ୍ଭ ହୋଇଗଲା ଜୋର୍‌ସୋର ରଙ୍ଗ ଖେଳ ସହ ଘର ଘର ବୁଲି ସମସ୍ତଙ୍କୁ ରଙ୍ଗ କରିବା ଏବଂ ଫିଷ୍ଟ ପାଇଁ ଟଙ୍କା କଲେକ୍ସନ। ଶେଷରେ ଗାଁ ମନ୍ଦିର ପାଖରେ ପ୍ରସ୍ତୁତ ହେଲା ପଣା। ଏକାଠି ପିଇବା ପରେ କିଛି ସମୟ ଖଟି ଚାଲିଲା ଏବଂ ସମସ୍ତେ ଗାଧୋଇବା ଲାଗି ଚାଲିଗଲେ। ତା' ପରେ କ'ଣ ହେଲା ମୁଁ ଜାଣିନି। ହଠାତ୍ ସାଙ୍ଗ ଏବଂ ଘର ଲୋକଙ୍କ ସ୍ୱର ଶୁଣି ଚମକି ପଡ଼ିଲି। ସେତେବେଳକୁ ଅପରାହ୍ନ ପ୍ରାୟ ୪ଟା। କେହି ଜଣେ ପଚାରିଲେ, ଘରକୁ ନ ଯାଇ ମନ୍ଦିର ପାଖେ କାହିଁକି ବସିଛୁ। ମୋର ଉତ୍ତର ଥିଲା ମହାଦ୍ୱୀପ ଉଠିଲା ପରେ ଯିବି। ଆଜି ଜାଗର ନୁହେଁ ହୋଲି ବୋଲି କହି ସମସ୍ତେ ଖୁବ୍ ଜୋର୍‌ରେ ହସିବାକୁ ଲାଗିଲେ। ଏହା ଶୁଣି ଧୀରେ ଧୀରେ ହୋସ୍‌କୁ ଆସିଲି ଏବଂ ମୋର ବୁଝିବାରେ ବାକି ନ ଥିଲା ଯେ, ସାଙ୍ଗମାନେ ମୋ ଅଜାଣତରେ ପଣାରେ ଭାଙ୍ଗ ମିଶାଇଥିଲେ। ପୂର୍ବରୁ କୌଣସି ନିଶାଦ୍ରବ୍ୟ ଚାଖି ନ ଥିବା ମଣିଷ ପ୍ରଥମ ଥର ଭାଙ୍ଗ ପିଇଲେ କ'ଣ ହୁଏ ନିଜେ ଜାଣିଗଲି। ସମସ୍ତେ ଚିଡ଼େଇବାରୁ ସାଙ୍ଗମାନଙ୍କୁ ଗାଳି ତ କଲି, ହେଲେ ଲାଜରେ ଘରକୁ ଧାଇଁଲି ଗାଧୋଇବା ଲାଗି। ପ୍ରତିଥର ହୋଲିରେ ସେ କଥା ମନେପଡ଼ି ଭାରି ହସ ଲାଗେ।



ଦିବ୍ୟ ପ୍ରସନ୍ନ



ଶିଲ୍ପା



ସ୍ମୃତି ପ୍ରଜ୍ଞା

**ଖେଳର ମଜା ପାଲଟିଥିଲା ସଜା**

**ସ୍ମୃତି ପ୍ରଜ୍ଞା ପଟ୍ଟନାୟକ** (ଗୁରୁଜଙ୍ଗ, ଖୋର୍ଦ୍ଧା)– ସ୍କୁଲ୍‌ରେ ପଢ଼ିବା ବେଳର କଥା। ସେଦିନ ଥାଏ ହୋଲି। ସକାଳୁ ଉଠି ବ୍ରଶ୍ ସାରି ଆଗେ ପେଟ ଭରି ଖାଇ ଡ୍ରେସ୍ ଚେଞ୍ଜ ଇତ୍ୟାଦି କାମ ସାରି ବସିଥାଏ। କେବଳ ଅପେକ୍ଷା ଥାଏ ସାଙ୍ଗମାନଙ୍କୁ। ସେମାନେ ଆସି ପହଞ୍ଚିଲେ। ଆରମ୍ଭ ହେଲା ରଙ୍ଗଖେଳ। ସମସ୍ତଙ୍କର ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଆଉ କୌଣସି ଜାଗା ରଙ୍ଗ ଲାଗିବା ପାଇଁ ବାକି ନ ଥାଏ। ସେତିକିବେଳେ ଖବର ପାଇଲୁ ଜଣେ ସାଙ୍ଗ ଘରକୁ ତା' ମାମୁଙ୍କ ଝିଅ ଆସିଛି ମାଟ୍ରିକ୍ ପରୀକ୍ଷା ଦେବାକୁ। ଯେହେତୁ ପୂର୍ବରୁ ତା' ସହ ଅନେକ ଥର ଭେଟ ହୋଇଥିଲା, ତେଣୁ ସେ ବି ଆମର ସାଙ୍ଗ ହୋଇ ଯାଇଥିଲା। ତେଣୁ ତା'କୁ ବି ଡାକିଲୁ ଆମ ସହ ରଙ୍ଗ ଖେଳିବାକୁ। ସେ ମନା କରିବାରୁ ଜବରଦସ୍ତ ଯାଇ ସମସ୍ତେ ତା' ଦେହରେ ରଙ୍ଗ ବୋଳିଲୁ। ଖୁବ୍ ମଜାମସ୍ତି ଚାଲିଲା। ହେଲେ ଆମ ଖେଳର ମଜା ଯେ ତା'ପାଇଁ ସଜା ପାଲଟିଯିବ ଆଦୌ ଧାରଣା ନ ଥିଲା। କେହି ଜଣେ ତା' ମୁହଁରେ ରଙ୍ଗ ବୋଳିବା ବେଳେ କିଛି ଆଖି ଭିତରକୁ ଚାଲି ଯାଇଥିଲା। ବାରମ୍ବାର ଧୋଇବା ପରେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ବରଂ ଇନ୍‌ଫେକ୍ସନ ହୋଇ ଧୀରେ ଆଖି ଲାଲ୍ ପଡ଼ି ଫୁଲିଯାଇଥିଲା ଏବଂ ପାଣି ବୋହୁଥିଲା। ଦୁଇ ତିନି ଜଣ ଚକ୍ଷୁ ଡାକ୍ତରଙ୍କୁ ଦେଖେଇବା ପରେ ବି କମି ନ ଥିଲା। ସେତେବେଳକୁ ମାସେ ବିତି ସାରିଥିଲା। ପରୀକ୍ଷା ଯେତେ ଯେତେ ପାଖେଇ ପାଖେଇ ଆସୁଥିଲା, ତା'ର ସେତେ ଚିନ୍ତା ବଢୁଥିଲା। ତା'ଠୁ ଅଧିକ ଅନୁତାପର ନିଆଁରେ ଆମେ ଜଳୁଥିଲୁ। ତା' ଆଖି ଶୀଘ୍ର ଭଲ ହୋଇଯାଉ ବୋଲି ଭଗବାନ୍‌ଙ୍କୁ ପ୍ରାର୍ଥନା କରୁଥିଲୁ। ଯାହା ହେଉ, ଶେଷରେ ପରୀକ୍ଷା ବେଳକୁ ତା' ଆଖି ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା। ସେବେଠୁ ହୋଲିରେ କେବେ କାହାରି ଅନୁମତି ବିନା ରଙ୍ଗ ଲଗାଏନି।

## ଏ ସପ୍ତାହର ପ୍ରଶ୍ନ

୧– ୟୁନିଅନ୍ ହେଲ୍‌ଥ ମିନିଷ୍ଟ୍ରି ପକ୍ଷରୁ ଆରମ୍ଭ ହୋଇଥିବା ଟେଲିମେଡିଶିନ୍ ସର୍ଭିସ୍‌ର ନାମ...... ?
୨– ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡର ଡାଇରେକ୍ଟର ଜେନେରାଲ ଭାବେ....... ନିଯୁକ୍ତି ପାଇଛନ୍ତି ?
୩– ପ୍ରଥମ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ ........... ରାଜ୍ୟରେ ପ୍ରତିଷ୍ଠା କରାଯାଇଛି ?
୪– ଇଣ୍ଟର ପାର୍ଲିଆମେଣ୍ଟାରୀ ୟୁନିଅନ୍‌ର ହେଡ୍‌କ୍ୱାର୍ଟର.............ଠାରେ ଅବସ୍ଥିତ।
୫– ମିଲ୍କ ଟ୍ରେ ପ୍ରଥମ ଥର ..........ମସିହାରେ ପ୍ରସ୍ତୁତ କରାଯାଇଥିଲା।

## ଗତ ଥରର ଉତ୍ତର

୧ ଜାପାନ
୨ କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ
୩ ପଲ୍ଲବ ମହାପାତ୍ର
୪ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍
୫ ସୁରେଶ ଚନ୍ଦ୍ର ଶର୍ମା

## ଉତ୍ତରଦାତା

– ବଦ୍ରି ନାରାୟଣ ସ୍ୱାଇଁ, ଭଦ୍ରକ
– ସୁମିତ୍ରା ଦଳବେହେରା, କଟକ
– ଦେବୀପ୍ରସାଦ ଭଦ୍ର, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଥଣ୍ଡା ହୋଟେଲ୍

୧– ଜିରାଫ୍ ମ୍ୟାନର........................ ନାଇରୋବି, କେନିଆ
୨– କନ୍‌ରାଡ୍ ହିଲ୍‌ଟନ୍........................ ରଙ୍ଗିଲା, ମାଳଦ୍ୱୀପ
୩– ଅନନ୍ତରା ଗୋଲ୍‌ଡେନ ଟ୍ରାଇଏଙ୍ଗେଲ୍........................ ସୋପ୍ ରୁକ୍, ଥାଇଲାଣ୍ଡ
୪– ଆଶ୍‌ଫୋର୍ଡ୍ କ୍ୟାଷ୍ଟଲ୍........................ ଆୟର୍ଲାଣ୍ଡ
୫– ଧାରା ଦେବ୍‌ଜୀ ରିସୋର୍ଟ........................ଚିଆଙ୍ଗ୍ ମାଇ, ଥାଇଲାଣ୍ଡ
୬– କେବେକ୍ କେଭ୍ ହୋଟେଲ୍........................ ଗୋରେମେ, ତୁର୍କୀ
୭– ଲଣ୍ଡଲୋଜି ଟ୍ରି କ୍ୟାମ୍ପ୍........................ ସାଉଥ୍ ଆଫ୍ରିକା
୮– ଦି ଗ୍ଲାସ୍ ଆଇସ୍ ହୋଟେଲ୍........................କାନାଡ଼ା
୯– ଜାଡେ ମାଉଣ୍ଟେନ୍ ରିସୋର୍ଟ........................ ସେଣ୍ଟ ଲୁସିଆ
୧୦– ଙ୍ଗୋରୋଙ୍ଗୋରୋ କ୍ରାଟର ଲଜ୍........................ ତାଞ୍ଜାନିଆ



ଜିରାଫ୍ ମ୍ୟାନର ହୋଟେଲ

**ୟୁଥ୍ କ୍ଲବ**

# ସମାଜସେବା ଦିଏ ଆନନ୍ଦ

ପରୋପକାର, ଦାନ, ସେବା ପାଲଟିଛି ସେମାନଙ୍କର ଧର୍ମ। ଆଉ ବିଭିନ୍ନ ପ୍ରକାରର ସମାଜଧର୍ମୀ କାର୍ଯ୍ୟକ୍ରମ କରି ସେମାନେ ସୃଷ୍ଟି କରିପାରିଛନ୍ତି ଏକ ଭିନ୍ନ ପରିଚୟ। କେବଳ ଏତିକି ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ସମାଜସେବା ଲାଗି ସେମାନେ ଯୋଗାଉଛନ୍ତି ପ୍ରେରଣା। ସେମାନେ ହେଉଛନ୍ତି ନୟାଗଡ଼ ସେବା ଉତ୍ସବ ସମିତିର ସଦସ୍ୟମାନେ। ନୟାଗଡ଼ ଜିଲା ସଦର ମହକୁମାରେ ୧୦ ଜଣ ସଭ୍ୟଙ୍କୁ ନେଇ ୨୦୧୬ରେ ଗଢ଼ି ଉଠିଥିବା ନୟାଗଡ଼ ସେବା ଉତ୍ସବ ସମିତିର ବର୍ତ୍ତମାନ ସଦସ୍ୟଙ୍କ ହଜାର ବସ୍ତ୍ର ବଣ୍ଟନ ଶେଷ ହୋଇଛି। ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ୨୫ଟି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଓ ଔଷଧ ବଣ୍ଟନ ମେଳା, ୬ଟି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ସେହିଭଳି ସ୍ୱେଚ୍ଛାକୃତ ଅଙ୍ଗଦାନ ଶିବିର ଆୟୋଜନ କରାଯାଇ ୩୧ଜଣ ସ୍ୱେଚ୍ଛାକୃତ ଅଙ୍ଗଦାତାଙ୍କଠାରୁ ସ୍ୱୀକୃତିପତ୍ର ଗ୍ରହଣ କରାଯାଇଛି। ଅଗ୍ନି ବିପନ୍ନଙ୍କୁ ପର୍ଯ୍ୟଟନ ସ୍ଥଳୀକୁ ୧ମାସ ଧରି ସଫେଇ କରାଯାଉଛି। ପ୍ରତିବର୍ଷ ବିଭିନ୍ନ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀଙ୍କ ସହାୟତାରେ ୭ଦିନ ଧରି ଜିଲାସ୍ତରୀୟ ସେବା ଉତ୍ସବ ପାଳନ ହେଉଛି। ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ସେବା ଓ ଦାନର ମହତ୍ ଗୁଣ ଶିଖାଯାଉଛି। ଉକ୍ତ ସଂସ୍ଥା ମାଧ୍ୟମରେ ସ୍ୱେଚ୍ଛାସେବୀମାନେ ବସ୍ତ୍ର, ଚାଉଳ, ବିସ୍କୁଟ, ଛତା, ଚପଲ, ବହିଖାତା, ସ୍କୁଲ ବ୍ୟାଗ୍ ଓ କଲମ ବଣ୍ଟନ କରାଯାଇଛି। ଏନେଇ ଅନୁଷ୍ଠାନର ସଭାପତି ଶିବରାମ ମହାପାତ୍ର କୁହନ୍ତି, ଗ୍ରାମାଞ୍ଚଳର ସମସ୍ତ ଶିକ୍ଷିତ ଯୁବପିଢ଼ିଙ୍କୁ ଦାନ ଓ ସେବାବ୍ରତରେ ଦୀକ୍ଷିତ କରାଇବା, ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ ବ୍ୟବସ୍ଥା ହୋଇଛି। ସମ୍ପାଦକ ତ୍ରିନାଥ ସାହୁ କୁହନ୍ତି, ଆମ ସଂସ୍ଥା ଭଲ ମଣିଷ ଖୋଜି ସେମାନଙ୍କୁ




ସଂଖ୍ୟା ୨୭। ଅସହାୟଙ୍କୁ ସହଯୋଗ ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସମିତିର ସଦସ୍ୟମାନେ ଗୁରୁତ୍ୱ ଦେଉଛନ୍ତି। ଗରିବ ଅସହାୟ ଲୋକମାନଙ୍କୁ ସଂସ୍ଥା ପକ୍ଷରୁ ମାଗଣା ବସ୍ତ୍ର ବଣ୍ଟନ କରାଯାଉଛି। ଏଯାବତ୍ ୧୦ ସହାୟତା, ଖରାଦିନେ ବାଟୋଇଙ୍କୁ ଦହିପଣା ବଣ୍ଟନ, ବୃକ୍ଷରୋପଣ, ଦିବ୍ୟାଙ୍ଗ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ମାସ୍କ, ରନ୍ଧାଖାଦ୍ୟ, ବହି, ରାସନ ସାମଗ୍ରୀ ଏବଂ ଅର୍ଥ ସଂଗ୍ରହ କରି ଜିଲାର ବିଭିନ୍ନ ଦୁର୍ଗମ ଓ ଆଦିବାସୀ ଦଳିତ ଅଞ୍ଚଳରେ ବଣ୍ଟନ କରୁଛନ୍ତି। କରୋନା ମହାମାରୀ ପରିପ୍ରେକ୍ଷୀରେ କରୋନା ସଚେତନତା ଶିବିର କରାଯାଇଛି। ସମାଜର ଓ ଗରିବ ଲୋକଙ୍କର ଉନ୍ନତି ପାଇଁ ନିୟୋଜିତ କରୁଛି। ଲୋକ କିପରି ଅନ୍ଧବିଶ୍ୱାସରୁ ଦୂରେଇ ସମାଜର ଉନ୍ନତି ପଥେ କାମ କରିବେ, ସେନେଇ ପ୍ରଚେଷ୍ଟା ଜାରି ରହିଥିବା କହିଛନ୍ତି।

– ଲୋକନାଥ ମିଶ୍ର

**ୟୁଥ୍ ଆଲର୍ଟ**

# ହାନିକାରକ ହୋଇପାରେ ରଙ୍ଗଖେଳ

ଆସନ୍ତାକାଲି ରଙ୍ଗର ପର୍ବ ହୋଲି। ପରସ୍ପରକୁ ରଙ୍ଗ ବୋଳି ଏହି ଖେଳର ମଜା ନେବାକୁ ବେଶ୍ ଉତ୍କଣ୍ଠିତ ସଭିଏଁ। ବିଶେଷକରି ଯୁବପିଢ଼ି ଏଥିପାଇଁ ବିଭିନ୍ନ ପ୍ରକାର ରଙ୍ଗ ବ୍ୟବହାର କରିଥାଆନ୍ତି। ହେଲେ ଆପଣ ଜାଣନ୍ତି କି, କେବେକେବେ ଏହି ରଙ୍ଗଖେଳ ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ! ତେଣୁ ରଙ୍ଗଖେଳ ସମୟରେ କେଉଁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ, ଜାଣିରଖନ୍ତୁ ସେ ସମ୍ପର୍କରେ...

➤ଗତବର୍ଷ କରୋନା କଟକଣାକୁ ଆଖି ଆଗରେ ରଖି ରଙ୍ଗଖେଳ ବନ୍ଦ କରାଯାଇଥିବାରୁ ଚଳିତବର୍ଷ ଲାଗି ସମସ୍ତେ ଆଗ୍ରହର ସହ ଅପେକ୍ଷା କରି ରହିଛନ୍ତି। ହେଲେ ପୁନର୍ବାର ୨ୟ ପର୍ଯ୍ୟାୟ କରୋନା ସଂକ୍ରମଣ ବଢୁଥିବାରୁ ସୁରକ୍ଷା ଦୃଷ୍ଟିରୁ ଏକାଠି ହୋଇ ରଙ୍ଗ ଖେଳିବାଠାରୁ ନିବୃତ୍ତ ରହିବା ଭଲ।

➤ତଥାପି ଯଦି ରଙ୍ଗ ଖେଳୁଛନ୍ତି, ତେବେ ପ୍ରାକୃତିକ ରଙ୍ଗ, ଅର୍ଗାନିକ୍ ଅବିର, ଫଗୁ ଆଦି ବ୍ୟବହାର କରନ୍ତୁ। ରଙ୍ଗ ଖେଳିବା ପୂର୍ବରୁ ଦେହ, ହାତ, ମୁହଁ ଚାରିଆଡ଼େ ଭଲଭାବେ ତେଲ ଲଗାଇ ଦିଅନ୍ତୁ। ମାସ୍କ ପିନ୍ଧନ୍ତୁ, ଯାହାକି ଉଭୟ କରୋନା ଏବଂ କେମିକାଲ୍‌ଯୁକ୍ତ ରଙ୍ଗର ହାନିକାରକ ପ୍ରତିକ୍ରିୟାଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିବ। ସେହିପରି ଆଖିର ସୁରକ୍ଷା ଲାଗି ସନ୍‌ଗ୍ଲାସ୍ ପିନ୍ଧନ୍ତୁ। କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ ରଙ୍ଗ ଖେଳିବା ବେଳେ ଏହାକୁ କାଢ଼ି ରଖିଦିଅନ୍ତୁ।

➤ମାର୍କେଟ୍‌ରେ ମିଳୁଥିବା ଅଧିକାଂଶ ହୋଲି ରଙ୍ଗରେ ମାଲାକାଇଟ୍ ଗ୍ରୀନ୍, ରୋଡାମିନ୍, ଜେନ୍‌ସିଆନ୍ ଭାଓଲେଟ୍, ଲେଡ୍ ଅକ୍ସାଇଡ୍ (କଳାରଙ୍ଗ), କପର ସଲ୍‌ଫେଟ୍ (ଶାଗୁଆ ରଙ୍ଗ), ଆଲୁମିନିୟମ୍ (ସିଲ୍‌ଭର ରଙ୍ଗ), ମର୍କ୍ୟୁରି ସଲ୍‌ଫେଟ୍ (ଲାଲ ରଙ୍ଗ) ଆଦି। ଏହା ଆଖିରେ ପଡ଼ିଲେ ଆଖି ଲାଲ ହେବା ସହ କୁଣ୍ଡାଇ ହୋଇ ଲୁହ ବହିଥାଏ ଏବଂ ଝାପ୍‌ସା ଦେଖାଯାଏ।





➤ବେଳେବେଳେ ଏଭଳି ରଙ୍ଗ ଦ୍ୱାରା ବିଶେଷକରି ଆଖି ସଂସ୍ପର୍ଶରେ ଆସିବା ଦ୍ୱାରା କେମିକାଲ ଇଞ୍ଜୁରି ହୋଇଥାଏ। ଫଳରେ ଆଲର୍ଜି ହୋଇ କୁଣ୍ଡେଇ ହୁଏ। ଘା' ହେବା ସହ ଲେଞ୍ଜରା ବୋହିଥାଏ। ଖରାକୁ ଅନାଇଲେ କଷ୍ଟ ହୁଏ ଏବଂ ଆଖି ଫୁଲିଯାଏ।

➤ହୋଲି ରଙ୍ଗରୁ ଆଖିକୁ ରକ୍ଷା କରିବାକୁ ହେଲେ ମୁହଁରେ ମାସ୍କ ପିନ୍ଧିବା ସହ ଚଷମା ପିନ୍ଧିବା ଆବଶ୍ୟକ। ମୁଣ୍ଡରେ ମଧ୍ୟ ଏଭଳି କେମିକାଲ ରଙ୍ଗ ବୋଳିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ସ୍କିନ୍ ଆଲର୍ଜି ହୋଇ କେଶ ଝଡ଼ିଥାଏ ଏବଂ ଏହି ରଙ୍ଗ କେବେକେବେ ମୁଣ୍ଡରୁ ଆଖିକୁ ବୋହି ଆସେ ଏବଂ ବେଶ୍ କ୍ଷତି ପହଞ୍ଚାଇଥାଏ।

➤କେବେକେବେ ରଙ୍ଗ ଖେଳ ପରେ ଯଦି ଆଖିରେ ଯନ୍ତ୍ରଣା ହୁଏ, ତେବେ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଆଖିକୁ ଭଲଭାବେ ଧୋଇ ଦିଅନ୍ତୁ। ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆଖିରେ ଡ୍ରପ୍ ପକାନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୮ ମାର୍ଚ୍ଚ, ୨୦୨୧ Bhubaneswar, Sunday, March 28/2021

# ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ



ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ କ୍ଲବର ଖେଳାଳିମାନେ।

**ଭୁବନେଶ୍ୱର,୨୭।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଓମେନ୍ସ ଲିଗ୍ ଶନିବାର ଉଦ୍‌ଯାପିତ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏହି ଫୁଟ୍‌ବଲ ଲିଗ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥିସହିତ ରାଇଜିଂ ଷ୍ଟୁଡେଣ୍ଟ ଆଗାମୀ ୨୦୨୦-୨୧ ଇଣ୍ଡିଆନ ଓମେନ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଲିଗ୍ ଶେଷରେ ରାଇଜିଂ ଷ୍ଟୁଡେଣ୍ଟ ୧୦ଟି ମ୍ୟାଚ୍ ଖେଳି ୯ ବିଜୟ ଓ ୧ ପରାଜୟ ସହ ୨୭ ପଏଣ୍ଟ ହାସଲ କରିଥିଲା। ସେହିପରି ଇଷ୍ଟ କୋଷ୍ଟ ରେଲୱେ ମଧ୍ୟ ୧୦ଟି ମ୍ୟାଚ୍ ଖେଳି ୯ ବିଜୟ ଓ ୧ ପରାଜୟ ସହ ସମାନ ୨୭ ପଏଣ୍ଟ ହାସଲ କରିଥିଲା। ତେବେ ଗୋଲ ବ୍ୟବଧାନକୁ ଦୃଷ୍ଟିରେ ରଖି ରାଇଜିଂ ଷ୍ଟୁଡେଣ୍ଟକୁ ଚାମ୍ପିୟନ ବୋଲି ଘୋଷଣା କରାଯାଇଛି। ରାଇଜିଂର ଗୋଲ ବ୍ୟବଧାନ ୨୧ ଥିବାବେଳେ ରେଲୱେର ୨୦ ରହିଥିଲା। ମାତ୍ର ଏକ ପଏଣ୍ଟ ପାଇଁ ଇଷ୍ଟକୋଷ୍ଟ ରେଲୱେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସେହିପରି ସ୍ପୋର୍ଟ୍ସ ହଷ୍ଟେଲ ୧୬, ସାଇ- ଏସ୍‌ଟିସି ୧୧, ଓଡ଼ିଶା ପୋଲିସ ୪ ଓ ଓଜିପି-କ୍ଲବ ୩ ପଏଣ୍ଟ ହାସଲ କରି ଯଥାକ୍ରମେ ତାଲିକାରେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି।

ଶନିବାର ଲିଗ୍‌ର ଶେଷ ୩ଟି ମ୍ୟାଚ ଖେଳାଯାଇଥିଲା। ୨୮ ନମ୍ବର ମ୍ୟାଚ୍‌ରେ ଓଜିପି କ୍ଲବ ୧-୦ ଗୋଲରେ ଓଡ଼ିଶା ପୋଲିସ୍‌କୁ ହରାଇଥିଲା। ବିଜୟୀ ଦଳ ତରଫରୁ ପ୍ରଜ୍ଞା କିଷାନ ୫୫ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ସେହିପରି ୨୯ ନମ୍ବର ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ ୩-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଥିଲା। ରେଲୱେ ତରଫରୁ ସରୋଜିନୀ ତିର୍କୀ ୪୯ ଓ ୭୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ଲହରୀ ମଙ୍ଗରାଜ ୫୨ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ହଷ୍ଟେଲ ତରଫରୁ ସୁସ୍ମିତା ତନ୍ତୀ ୯୩ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପଟେ ୩୦ ନମ୍ବର ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୩-୦ ଗୋଲରେ ସାଇ-ଏସ୍‌ଟିସିକୁ ହରାଇଥିଲା। ରାଇଜିଂ ତରଫରୁ ଯଶୋଦା ମୁଣ୍ଡା ୧୨, ୪୮ ଓ ୫୩ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ଫାଓ ଉପସଭାପତି ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପଲ ଓ ୧୫ ବର୍ଷରୁ କମ୍ ଜାତୀୟ ଟିମ୍ କୋଚ୍ ଶୁଭେନ୍ଦୁ ପଣ୍ଡା ଏହି ଅବସରରେ ଉପସ୍ଥିତ ଥିଲେ।

# ଅଲ୍ ଟାଇମ୍ ବେଷ୍ଟ ଥ୍ରୀ ପୁରସ୍କାର ଦୌଡ଼ରେ ଛେତ୍ରୀ

**ଏଏଫ୍‌ସି କପ୍**

**ନୂଆଦିଲ୍ଲୀ, ୨୭।୩ (ପି.ଟି.):** ଏଏଫ୍‌ସି କପ୍‌ରେ ଅଲ୍ ଟାଇମ୍ ବେଷ୍ଟ ଥ୍ରୀ ପୁରସ୍କାର ଦୌଡ଼ରେ ରହିଥିବା ୧୩ଜଣ ଷ୍ଟ୍ରାଇକରଙ୍କ ମଧ୍ୟରେ ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ସୁନିଲ ଛେତ୍ରୀ ଅନ୍ୟତମ ରହିଛନ୍ତି। ଏଏଫ୍‌ସି କପ୍ ହେଉଛି ମହାଦେଶର ଦ୍ୱିତୀୟ ପାହ୍ୟା କ୍ଲବ ପ୍ରତିଯୋଗିତା। ୨୦୧୩ରେ ଚର୍ଚ୍ଚିଲ ବ୍ରଦର୍ସ ଦଳ ତରଫରୁ ଏଏଫ୍‌ସି କପ୍ ଖେଳିବା ପରଠାରୁ ୩୬ ବର୍ଷୀୟ ଛେତ୍ରୀ ଚାରୋଟି ସଂସ୍କରଣରେ ୧୮ ଗୋଲ ସ୍କୋର କରିଛନ୍ତି। ସେ ପରେ ୨୦୧୬, ୨୦୧୭ ଓ ୨୦୧୮ରେ ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଏଏଫ୍‌ସି କପ୍ ଖେଳିଥିଲେ। ବେଙ୍ଗାଲୁରୁ ଏଫ୍‌ସି ଦଳର ଅଧିନାୟକ ରହିଥିବାବେଳେ ସେ ପ୍ରତିଯୋଗିତାରେ ତାଙ୍କ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ଫାଇନାଲରେ ଇରାକ ଏୟାର ଫୋର୍ସ କ୍ଲବଠାରୁ ପରାସ୍ତ ହୋଇ ତାଙ୍କ ଦଳ ରନର୍ସଅପ୍ ହୋଇଥିଲା। ଛେତ୍ରୀ ହେଉଛନ୍ତି ଆଧୁନିକ ଭାରତୀୟ ଫୁଟ୍‌ବଲର ଜଣେ ଆଇକନିକ ଚରିତ୍ର। ଜାତୀୟ ଦଳ ତରଫରୁ ସେ ୭୨ ଗୋଲ କରିସାରିଛନ୍ତି। ଫୁଟ୍‌ବଲପ୍ରେମୀମାନଙ୍କୁ ଭୋଟ ଜରିଆରେ ଅଲ୍ ଟାଇମ୍ ବେଷ୍ଟ ଥ୍ରୀ ପୁରସ୍କାର ବିଜେତା ବଛାଯିବ।




# ଗୋକୁଲମ କେରଳକୁ ପ୍ରଥମ ଟାଇଟଲ

**କୋଲକାତା,୨୭।୩(ପି.ଟି.)**

**ଆଇ- ଲିଗ୍ ଫୁଟବଲ**

ଭାରତର ଅନ୍ୟତମ ଫୁଟବଲ ଲିଗ୍ ଆଇ- ଲିଗ୍ ଉଦ୍‌ଯାପିତ ହୋଇଛି। ଏଥର କେରଳ ଗୋକୁଲମ ଏଫ୍‌ସି ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ସ୍ଥାନୀୟ କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଗୋକୁଲମ ୪-୧ ଗୋଲରେ ଟିଡିମ ରୋଡ ଆଥଲେଟିକ ୟୁନିୟନ (ଟିଆରଏୟୁ) ଏଫସିକୁ ହରାଇ ଟାଇଟଲ ହାସଲ କରିଛି।

ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ କେରଳ ସମ୍ପୂର୍ଣ୍ଣ ଭାବେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତେବେ ଟିଆରଏୟୁ ତରଫରୁ ପ୍ରଥମ ଗୋଲ ସ୍କୋର କରାଯାଇଥିଲା। ୨୪ତମ ମିନିଟ୍‌ରେ ବିଦ୍ୟାସାଗର ସିଂ ଗୋଲ ଦେଇ ଟିଆରଏୟୁକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ଗୋକୁଲମ ପ୍ରତ୍ୟାବର୍ତ୍ତନ କରି ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଦଳ ତରଫରୁ ଶରିଫ ମହମ୍ମଦ ୬୯, ଏମିଲ ବେନି ୭୪, ଡେନିସ ଆଣ୍ଟିଓ୍ୱି ୭୭ ଓ ମହମ୍ମଦ ରସିଦ ଇଞ୍ଜୁରି ଟାଇମର ଷଷ୍ଠ ମିନିଟ୍‌ରେ ଗୋଲ ଦେଇ ଗୋକୁଲମକୁ ଜିତାଇଥିଲେ। ଏଥିସହିତ ଗୋକୁଲମ ଏଏଫସି କପ୍‌ର ଆଗାମୀ ସେସନରେ ଗ୍ରୁପ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ସେହିପରି ଶନିବାର ଖେଳାଯାଇଥିବା ଅନ୍ୟଏକ ମ୍ୟାଚରେ ଚର୍ଚ୍ଚିଲ ବ୍ରଦର୍ସ ୩-୨ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। ୧୫ଟି ଲେଖାଏ ମ୍ୟାଚ୍ ଖେଳି ଗୋକୁଲମ ଓ ଚର୍ଚ୍ଚିଲ ବ୍ରଦର୍ସ ୨୯ ଲେଖାଏ ପଏଣ୍ଟ ପାଇଥିଲେ। ତେବେ ଗୋକୁଲମ ଗୋଲ ବ୍ୟବଧାନରେ ଆଗରେ ରହିଥିଲା।



ଟ୍ରଫି ସହ ଚାମ୍ପିୟନ ଗୋକୁଲମ ଏଫ୍‌ସି ଦଳ।

# ତେନ୍ଦୁଲକରଙ୍କୁ କରୋନା

**ନୂଆଦିଲ୍ଲୀ, ୨୭।୩(ପି.ଟି.):** କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର କରୋନା ପଜିଟିଭ ଜଣାପଡ଼ିବା ପରେ ସେ ନିଜ ଘରେ ଆଇସୋଲେଶନରେ ଅଛନ୍ତି। ଏଇ କିଛିଦିନ ମଧ୍ୟରେ ଯେଉଁ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି କୋଭିଡ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କ ସହ ସାମିଲ ହୋଇଛନ୍ତି ପୂର୍ବତନ ଭାରତ ଅଧିନାୟକ। ଏହି ୪୭ ବର୍ଷୀୟ ପୂର୍ବତନ କ୍ରିକେଟର କହିଛନ୍ତି, ତାଙ୍କୁ ଛାଡ଼ିଦେଲେ ତାଙ୍କ ଘରର ଅନ୍ୟ ସମସ୍ତ ସଦସ୍ୟଙ୍କ ଫଳାଫଳ ନେଗେଟିଭ୍ ଆସିଛି। ସୂଚନାଯୋଗ୍ୟ, କିଛିଦିନ ହେଲା ମହାରାଷ୍ଟ୍ର ଓ ମୁମ୍ବାଇରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ହାରରେ ବଢ଼ିଚାଲିଛି। ଶୁକ୍ରବାର ୩୬,୦୦୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେନ୍ଦୁଲକର ନିକଟରେ ରାୟପୁରରେ ଭେଟେରାନଙ୍କ ଟୁର୍ନାମେଣ୍ଟ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ନାମେଣ୍ଟ ଜିତିଥିଲା।

# ହ୍ୱିଲଚେୟାର ଫେନ୍‌ସିଂରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର, ୨୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** ହରିୟାଣାର କର୍ନାଲଠାରେ ଚାଲିଥିବା ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶା ପ୍ରତିଯୋଗିମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ମହିଳା ବିଭାଗ 'ଏ' ଖେଳାଳି ମାଳତୀ ପାର୍ନୈରେ (ବ୍ୟକ୍ତିଗତ ଫଏଲ୍)ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫାଇନାଲରେ ସେ ରେଖା (ହରିୟାଣା)କୁ ୧୫-୯ରେ ହରାଇ ଦେଇଥିଲେ। ସେମିଫାଇନାଲରେ ଶିଳା ମନ୍ତ୍ରୀ ନିଜ ରାଜ୍ୟର ମାଳତୀ ପାର୍ନୈରେଙ୍କଠାରୁ ୩-୪ (ଟାଇମ୍ ଆଉଟ୍)ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗ ବି' ଖେଳାଳି ପୂଜାସ୍ୱିନୀ (ବ୍ୟକ୍ତିଗତ ଇପି)ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫାଇନାଲରେ ସେ ରୋହିଣୀ ସାହୁ (ଛତିଶଗଡ଼)ଙ୍କୁ ହରାଇ ଦେଇଥିଲେ। ବ୍ୟକ୍ତିଗତ ଫଏଲରେ ସେ ରୌପ୍ୟ ଜିତଛନ୍ତି। ଭି. ରକେଶ ରାଓ ଓ ରାଖାଲ କୁମାର ସେଠୀ ଫଏଲ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗୋପରେ ବୁଲିଲା କରୋନା ସଚେତନତା ରଥ

**ଗୋପ,୨୭।୩(ଡି.ଏନ୍.ଏ.):** ଗୋପ ବ୍ଲକ ପରିସରରୁ ଶନିବାର କରୋନା କଟକଣାକୁ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଏକ ସଚେତନତା ରଥ ବାହାରିଛି। ଏହି ରଥ ବ୍ଲକର ୩୧ଟି ପଞ୍ଚାୟତର ୫ ଶହରୁ ଊର୍ଦ୍ଧ୍ୱ ଗାଁରେ ବୁଲିବ ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି। କରୋନା ମହାମାରୀ ରୂପ ଏବେ ଅଧିକ ମାତ୍ରାରେ ସକ୍ରିୟ ହୋଇ ଉଠିଥିବା ବେଳେ ଏହା କିପରି ଗ୍ରାମାଞ୍ଚଳରେ କମିବ ସେଥିପ୍ରତି ଦୃଷ୍ଟି ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିପାଇଁ ଗୋପ ବ୍ଲକ ପକ୍ଷରୁ ଶୁକ୍ରବାର ଏକ ବୈଠକ କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ସମସ୍ତ ଅଧିକାରୀମାନଙ୍କ ସହଯୋଗରେ କରୋନା କଟକଣା ଉପରେ ଦୃଷ୍ଟି ଦେବାକୁ କୁହାଯାଇଥିଲା। ସେହି ନିଷ୍ପତ୍ତି ଅନୁସାରେ ଶନିବାର ଏକ କରୋନା ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ରଥ ବାହାରିଛି। ଏହି ସଚେତନତା ରଥ ଗ୍ରାମାଞ୍ଚଳର ଲୋକମାନେ କିପରି ସଚେତନ ହେବେ, ବାହାରୁ ଆସିଲେ ସାବୁନରେ ହାତ ଧୋଇବେ, ଗହଳି ସ୍ଥାନରେ ସାମାଜିକ ଦୂରତ୍ୱ ପ୍ରତି ଦୃଷ୍ଟି ଦେବା, ମାସ୍କ ପିନ୍ଧିବା ସହ ଆଉ କେତେକ ସଚେତନତା ଉପରେ ଲୋକମାନଙ୍କୁ ବୁଝାଇବ।

### କୁକୁର କାମୁଡ଼ାରେ ହରିଣ ଆହତ

**କୋଣାର୍କ,୨୭।୩(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନ ବେରୁହଁ ଗ୍ରାମକୁ ଚାଲିଆସିଥିବା ଗୋଟିଏ ମାଈ ହରିଣ କୁକୁର କାମୁଡ଼ାରେ ଆହତ ହୋଇଛି। ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଗତ ବେରୁହଁ ଗ୍ରାମ୍ୟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଏହି ଗର୍ଭବତୀ ହରିଣଟି ଗାଁମୁହାଁ ହୋଇଥିଲା। ହେଲେ ଗ୍ରାମର କୁକୁର କାମୁଡ଼ାରେ ଆହତ ହୋଇ ପଡ଼ିଥିବା ବେଳେ ସେହି ଗ୍ରାମର କେତେଜଣ ବ୍ୟକ୍ତି କୋଣାର୍କ ବନ ବିଭାଗକୁ ଏ ନେଇ ଅବଗତ କରାଇଥିଲେ। ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କାର୍ଯ୍ୟାଳୟକୁ ଉକ୍ତ ଆହତ ହରିଣକୁ ଆଣି ରଖିବା ପରେ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହାୟତା ରେ ହରିଣଟିର ଚିକିତ୍ସା କରାଯାଇଛି।

### ୨ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୨୭।୩:** ଜାତୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି) ଦ୍ୱାରା ଜାତୀୟ ସ୍ତରରେ ଦେଶର ୨୫ଜଣ ଜାତୀୟ ପୁରସ୍କାର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ୪ଜଣ ଶିକ୍ଷକ ଏହି ଗୌରବ ହାସଲ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାର ଦୁଇ ଜଣ ଶିକ୍ଷକ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ବ୍ଲକ ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଜୟ କୁମାର ବରାଡ଼ ଏବଂ ଭୁବନେଶ୍ୱରର ଏରୋଡମ ୟୁଜିୟୁପି ବିଦ୍ୟାଳୟର ଡ.ନମିତା ମହାପାତ୍ର। ଭୁବନେଶ୍ୱର ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲାର ଏହି ଦୁଇ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର କହିଥିଲେ, ନିରନ୍ତର ସାଧନା, ନିଷ୍ଠା ଓ ଏକାଗ୍ରତା ସଫଳତା ଆଣିଦିଏ। ଏହି ଦୁଇ ଶିକ୍ଷକ କୃତିତ୍ୱ ଅର୍ଜନ ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ସଭାରେ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ଡ.ସନ୍ତୋଷ କୁମାର ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପଣ୍ଡା ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ରାଜ୍ୟର ଏହି ଚାରି କୃତୀ ଶିକ୍ଷକଙ୍କୁ ରାଜ୍ୟ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଏସସିଇଆରଟିର ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଉଚ୍ଚ ପ୍ରଶଂସା କରିଛନ୍ତି।

# ଉପଭୋକ୍ତାଙ୍କୁ ବାଧିବ ବର୍ଦ୍ଧିତ ବିଦ୍ୟୁତ୍ ଦର

ଖୋର୍ଦ୍ଧା ଅଫିସ,୨୭।୩

ବଢ଼ିଲା ବିଦ୍ୟୁତ୍ ଦର। ବର୍ଦ୍ଧିତ ଦରକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦର ଦ୍ୱାରା ମଧବିତ ପରିବାର ଓ ଗରିବ ଶ୍ରେଣୀ ଲୋକେ ପ୍ରଭାବିତ ହେବେ। ବର୍ଦ୍ଧିତ ତୈଳଦରକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଥମି ନ ଥିବା ବେଳେ ବର୍ଦ୍ଧିତ ବିଦ୍ୟୁତ୍ ଦର ସାଧାରଣ ଉପଭୋକ୍ତାଙ୍କୁ ବାଧିବ ବୋଲି ମତପ୍ରକାଶ ପାଇଛି। ଏବେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ଏହି ସମୟରେ ବିଦ୍ୟୁତ୍ ଦର ଲୋକଙ୍କୁ ମହଙ୍ଗା ପଡ଼ିବ। ଆସନ୍ତା ଏପ୍ରିଲ ୪ରୁ ଏହି ଦର ଲାଗୁ ହେବ। ଏହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....



“ମାର୍ଚ୍ଚ ପହିଲାରୁ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଦିନରେ ଅସହ୍ୟ ତାତି, ରାତିରେ ଗୁଳିଗୁଳି ହେଉଛି। ଏହି ସମୟରେ ବିଦ୍ୟୁତ୍ ଅଧିକ ବ୍ୟବହାର ହୋଇଥାଏ। ତେବେ ବିଦ୍ୟୁତ୍ ଦର ବଢ଼ିବା ଦ୍ୱାରା ସାଧାରଣ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ସରକାର ନିଷ୍ପତ୍ତିର ପୁନଃ ତର୍ଜମା କରିବା ଆବଶ୍ୟକ।

- ଗୌତମ ମହାରଣା, ସାମାଜିକ କର୍ମୀ,ଜଟଣୀ



“ପୂର୍ବରୁ ୫୦ୟୁନିଟ୍ ପର୍ଯ୍ୟନ୍ତ ୨ଟଙ୍କା ୭୦ପଇସା ଥିଲା। ବର୍ଦ୍ଧିତ ଦର ଅନୁଯାୟୀ ୩ ଟଙ୍କା ଲାଗୁ ହେବ। ଏହି ଦର ବଢ଼ିବା ଦ୍ୱାରା ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେବେ। ତେବେ ନିମ୍ନ ବର୍ଗର ଲୋକଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ସଦୃଶ।

- କ୍ଷିତୀଶ ମୋହନ ଦାଶ, ବ୍ୟବସାୟୀ, ଖୋର୍ଦ୍ଧା



“ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ସ୍ଥାନ ରହିଛି। ଅନ୍ୟ ରାଜ୍ୟମାନେ ବିଜୁଳି କିଣୁଛନ୍ତି। ଏଠାରୁ ବିଜୁଳି କିଣୁଥିବା ଅନ୍ୟ ରାଜ୍ୟ ସରକାର କମ୍ ଦାମରେ ବିଜୁଳି ଯୋଗାଇ ଦେଉଛନ୍ତି। ମାତ୍ର ଓଡ଼ିଶାରେ ଏହା ଦର ଅନିୟନ୍ତ୍ରିତ ରହିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସୁହାଇବା ଭଳି ଦର ବୃଦ୍ଧି ସାଧାରଣ ଉପଭୋକ୍ତାଙ୍କୁ ବାଧିବ।

ବିଶ୍ୱଭୂଷଣ ଛୋଟରାୟ,ସାମାଜିକ କର୍ମୀ, ଜଙ୍କିଆ



“ଓଡ଼ିଶାର ବିଜୁଳି ବଳକା ରାଜ୍ୟ ବୋଲି କୁହାଯାଉଛି। ଏଠାରୁ ବିଜୁଳି ଉତ୍ପାଦନ ହେଉଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ କୋଟି କୋଟି ଟଙ୍କା ବାକି ରହିଛି। ଏହା ଟଙ୍କା ଭରଣା ଲାଗି ଉପଭୋକ୍ତାଙ୍କ ଉପରେ ଲଦି ଦିଆଯାଉଛି। କର୍ପୋରେଟକୁ ସଂସ୍ଥାକୁ ସରକାର ଗୁରୁତ୍ୱ ଦେଇ ଜନସାଧାରଣଙ୍କୁ ହଇରାଣ କରୁଛନ୍ତି।

- ପ୍ଲାବନ ପଟ୍ଟନାୟକ, କଂଗ୍ରେସ ନେତା, ଖୋର୍ଦ୍ଧା



“ଅକ୍ଟୋବର ପରେ ଏବେ ବିଦ୍ୟୁତ ଦର ବୃଦ୍ଧି ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। କମ୍ପାନୀଙ୍କ କ୍ଷତିଭରଣା ପାଇଁ ସାଧାରଣ ଉପଭୋକ୍ତାଙ୍କ ଉପରେ ଲଦି ଦେବା କେତେଦୂର ଯୁକ୍ତିଯୁକ୍ତ। ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କଟାଯିବନି ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଖରା ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଉପଭୋକ୍ତା ଅଧିକ ବିଦ୍ୟୁତ ବ୍ୟବହାର କରିବା ସ୍ୱାଭାବିକ। ଏହି ସମୟରେ ବିଦ୍ୟୁତ୍ ଦର ବୃଦ୍ଧି ଯୋଗୁ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେବେ।

ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ନେତା, ଖୋର୍ଦ୍ଧା



“କରୋନା ସମୟରେ ଲକ୍‌ଡାଉନ, ଶଟ୍‌ଡାଉନ କରୁଣ ଦୁଃଖ ମନରୁ ଯାଇ ନ ଥିବା ବେଳେ ଏବେ ବର୍ଦ୍ଧିତ ବିଦ୍ୟୁତ୍ ଦର ଉପଭୋକ୍ତାଙ୍କ ଉପରେ ବୋଝ ଲଦି ଦେଇଛନ୍ତି। କରୋନା ଯୋଗୁ ବର୍ଷାଧିକ କାଳ ଲୋକେ ରୋଜଗାର ହରାଇଥିଲେ। ଏବେ ଅଣ୍ଟା ସଳଖିବାକୁ ଆରମ୍ଭ କରିବା ବେଳେ ଦର ବୃଦ୍ଧି ବେପାରୀ, ଜନତାଙ୍କୁ ବାଧିବ।

- ସନ୍ଦୀପ ପ୍ରଧାନ, ଖାଉଟି, ଖୋର୍ଦ୍ଧା



“ଉପଭୋକ୍ତାଙ୍କ ଚିନ୍ତା ପରିବର୍ତ୍ତେ କର୍ପୋରେଟ ସଂସ୍ଥାଙ୍କ କ୍ଷତି ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ବହୁ କମ୍ପାନୀ ଉପରେ ସରକାରଙ୍କ କୋଟି କୋଟି ଟଙ୍କା ବାକି ପଡିଛି। ସାଧାରଣ ଖାଉଟି ମାସିକିଆ ବିଜୁଳି ବିଲ୍ ପେମେଣ୍ଟ କରି ନ ପାରିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। ଅନ୍ୟପଟେ କୋଟି କୋଟି ଟଙ୍କା ବାକି ପଡିଥିବା କମ୍ପାନୀଙ୍କ ପ୍ରତି ସରକାର ଅନୁକମ୍ପା ଦେଖାଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ସୁହାଇବା ଭଳି ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏହାକୁ ତୀବ୍ର ବିରୋଧ କରାଯିବ। ସରକାର ଉପଭୋକ୍ତାଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁ।

- ଜୟନ୍ତ ମହାନ୍ତି, ଛାତ୍ର ନେତା ଏଆଇଡିଏସଓ, ଖୋର୍ଦ୍ଧା



“କରୋନାର ଦ୍ୱିତୀୟ ଲହର ଯୋଗୁ ପୁଣି ଥରେ ଲକ୍‌ଡାଉନ ଭଳି ପରିସ୍ଥିତି ଉପୁଜିବା ଭଳି ଆଶଙ୍କା କରାଯାଉଛି। ଏଭଳି ସ୍ଥିତି ଆସିଲେ, ପୁଣି ବେପାର ଠପ୍ ହୋଇଯିବ। ଏକ ବର୍ଷ ହେବ ବେପାର ନ ଥିବାରୁ ଧାରକରଜରେ ବଡ଼ି ରହିଛି। ଏବେ ବେପାର ବଢ଼ିବା ବେଳେ ବିଦ୍ୟୁତ୍‌ର ବର୍ଦ୍ଧିତ ଦର ମୁଣ୍ଡବ୍ୟଥା ବଢ଼ାଇଛି। ମୋ ଭଳି ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେବେ।

- ସ୍ମିତିରଞ୍ଜନ ପଟ୍ଟନାୟକ, ବ୍ୟବସାୟୀ, ଖୋର୍ଦ୍ଧା

### ‘ଖୋର୍ଦ୍ଧା ଇତିହାସର ଅନୁଡ଼ିଶାଳ-ବରୁଣେଇ’ ପୁସ୍ତକ ଉନ୍ମୋଚିତ

ଖୋର୍ଦ୍ଧା ଅଫିସ,୨୭।୩

କଳିଙ୍ଗ ପାଇକ ସଙ୍ଗଠନ ଓ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ରଚିତ ‘ଖୋର୍ଦ୍ଧା ଇତିହାସର ଅନୁଡ଼ିଶାଳ-ବରୁଣେଇ’ ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି। ଲାଲାମାଟିର ଇତିହାସ ସହ ଜଡ଼ିତ ବହୁ ତଥ୍ୟ ଉପରେ ଆଧାରିତ ଏହି ପୁସ୍ତକରେ ଲେଖକ ପାଇକବୀରଙ୍କ ବୀରତ୍ୱର ଗାଥା, ମା’ବରୁଣେଇ ଓ କରୁଣେଇଙ୍କ ମହିମା ଉପରେ ବର୍ଣ୍ଣନା କରିଛନ୍ତି। ବଳିଆରସିଂହଙ୍କ ୭୩ତମ ଜନ୍ମୋତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଧନେଶ୍ୱର ପୃଷ୍ଟି, ଇଂ.ଶିଶିର ନାୟକ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପ୍ରଫେସର ନାରାୟଣ ରାଓ, ନିରୁପମା ମହାପାତ୍ର, ଶୈଳବାଳା ଦେବୀ ପ୍ରମୁଖ ଯୋଗଦେଇଥିଲେ। କୁଳଦୀପ ପଟ୍ଟନାୟକ ବେଦପାଠ, ଗୋବିନ୍ଦ ମହାରଣା ଅତିଥି ପରିଚୟ, ଇତିଶ୍ରୀ ସାହୁ ସଂଯୋଜନା ଏବଂ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ସମରେନ୍ଦ୍ର ବଳିଆରସିଂହ, ଶିଳାଦିତ୍ୟ ବଳିଆରସିଂହ, ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୃତ୍ୟ, ସଙ୍ଗୀତ, ଚିତ୍ରକଳାରେ ଚମକିଲା ବଡ଼ଦାଣ୍ଡ



ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ରଙ୍ଗୋଲି କାର୍ଯ୍ୟକ୍ରମକୁ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ବୁଲି ଦେଖୁଛନ୍ତି।

ପୁରୀ ଅଫିସ,୨୭।୩

ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସବୁ ବର୍ଗର ଲୋକଙ୍କୁ ବଡ଼ଦାଣ୍ଡ ସଫେଇ ଅଭିଯାନରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ପ୍ରମୁଖ ବଡ଼ଦାଣ୍ଡ ସେବା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଛନ୍ତି। ବଡ଼ଦାଣ୍ଡରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଭଳି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିବାବେଳେ ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ନୂଆ ରୂପରେ ଚମକିଛି। ମହାତ୍ମା ଗାନ୍ଧୀଙ୍କର ପୁରୀ ଆଗମନର ଶହେ ବର୍ଷ ପୂର୍ତ୍ତିରେ ଅବସରରେ ଭାରତୀୟ ଡାକ ସେବା ପକ୍ଷରୁ ସ୍ୱତନ୍ତ୍ର ଲଫାପା ମଧ୍ୟ ଲୋକାର୍ପିତ ହୋଇଛି। ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ପ୍ରାମାଣିକ ଚଳଚ୍ଚିତ୍ର ଶ୍ରୀକ୍ଷେତ୍ରରୁ ସାହିଜାତର ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ, ଗାନ୍ଧୀବାଦି ଲେଖକ ଗୌରାଙ୍ଗଚରଣ ପରିଡ଼ା, ମିସ୍ ଲାବଣୀ ଦାସଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଦୁର୍ଗାମାଧବ କର ଗାନ୍ଧିଙ୍କ ସମ୍ବନ୍ଧୀୟ ଚିତ୍ରକଳା ପ୍ରଦର୍ଶନ କରିଛନ୍ତି। ଚିତ୍ରକଳା ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଛି। ଚିତ୍ରକଳାରେ ଅନ୍ୟାସା ପଟ୍ଟନାୟକ ଓ ସଙ୍ଗୀତରେ ଜୟଦେବ ବେହେରା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ନୀତି ରଞ୍ଜନ ସେନ, ବିଜୟ ଦାଶ ଓ ସରୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା, ୪ ଗିରଫ

ପିପିଲି,୨୭।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଉପନିର୍ବାଚନକୁ ଆଖି ଆଗରେ ରଖି ପିପିଲି ଥାନା ପୋଲିସ ଅଧିକ ତତ୍ପର ହୋଇ ଉଠିଥିବାବେଳେ ଶୁକ୍ରବାର ରାତିରେ ଡକାୟତି ଯୋଜନା କରୁଥିବା ୪ ଜଣିଆ ଗ୍ୟାଙ୍ଗକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ହରିଅଣ୍ଟା ଗ୍ରାମର ରାକେଶ ସ୍ୱାଇଁ, କୃଷ୍ଣପୁର ଗ୍ରାମର ପବିତ୍ର ବେହେରା, ବଳଙ୍ଗା ସମ୍ଭୁଭାରତୀ ଗ୍ରାମର ଜଗନ୍ନାଥ ସାହୁ ଏବଂ ବଳରାମ ସାହୁ। ସେମାନଙ୍କଠାରୁ ଲୁହା ରଡ଼, ଖାଲି ମଦ ବୋତଲ, ଖଣ୍ଡା ଏବଂ ବୋମା ଆଦି ଜବତ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୨୬/୨୭) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉ କି ଶୁକ୍ରବାର ବିଳମ୍ବିତ ରାତିରେ ସବ୍‌ଇନ୍ସପେକ୍ଟର ସନ୍ଦୀପ ଦାସ ପାଟ୍ରୋଲିଂ କରୁଥିଲେ। ବିଶେଷ ସୂତ୍ରରୁ ଜାତୀୟ ରାଜପଥର ତାରାକାଜ ଓଭର୍ ବ୍ରିଜ ପାଖରେ କେତେଜଣ ଅସାମାଜିକ ବ୍ୟକ୍ତି ମାରଣାସ୍ତ୍ର ସହ ଥିବା ଖବର ପାଇ ପୋଲିସ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଧରିଥିଲେ। ପୂର୍ବରୁ ସେମାନଙ୍କ ନାମରେ ବହୁ ମାମଲା ରହିଛି।

## ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଗୋପ, ନିମାପଡ଼ା ଗସ୍ତ

ଗୋପ/ନିମାପଡ଼ା, ୨୭।୩(ଡି.ଏନ୍.ଏ.)

କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଶନିବାର ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତର ବୟାଳିଶବାଟି ଗ୍ରାମରେ ରହୁଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରିଷ୍ଠ ପ୍ରଚାରକ ଓ ଏବିଭିପିର ପୂର୍ବତନ ପ୍ରଦେଶ ସଂଗଠକ କୁମାର କୃଷ୍ଣ ଚନ୍ଦ୍ର ରାୟଙ୍କ ଦେହାନ୍ତ ପରେ ପରିବାରକୁ ଶୋକ ସମ୍ବାଦ ଜଣାଇବାକୁ ଆସିଥିଲେ। ପ୍ରଥମେ ରାୟଙ୍କ ବାସଭବନରେ ପହଞ୍ଚି ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ସମ୍ପର୍କରେ ପରିବାର ସଦସ୍ୟଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ମନ୍ତ୍ରୀ ଷଡ଼ଙ୍ଗୀ ବୟାଳିଶବାଟି ଗ୍ରାମରେ ଥିବା ମିନି କୋଣାର୍କ ମନ୍ଦିର ବୁଲିବା ସହ ମାଁ ଗଙ୍ଗେଶ୍ୱରୀ ଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। ଗ୍ରାମର ଯୁବନେତା ତଥା ସଂଗଠକ ନିରଞ୍ଜନ ସାହୁ ମନ୍ତ୍ରୀଙ୍କୁ ଏହି ମିନି କୋଣାର୍କ ମନ୍ଦିରର ଇତିହାସ କହିବା ସହ ମନ୍ଦିରର ଜରାଜୀର୍ଣ୍ଣ ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ସରପଞ୍ଚ ସୁଶାନ୍ତ ସ୍ୱାଇଁଙ୍କ ଘରେ ଭୋଜନ କରିବା ପରେ ମହିଳାମାନଙ୍କ ସ୍ୱାବଲମ୍ବୀ ହେବା ସମ୍ପର୍କରେ ମହିଳା ନେତ୍ରୀ ରଶ୍ମିତା ସେନାପତିଙ୍କୁ ପଚାରି ବୁଝିଥିଲେ। ଏପରିକି ଗ୍ରାମରେ ପିଲାମାନଙ୍କ ସହ କୁସ୍ତି ଲଢ଼େଇ ଦେଖିବା ସହ ଖେଳି ମଧ୍ୟ ଥିଲେ। ପରେ ମନ୍ତ୍ରୀ ନିମାପଡ଼ା ଓ ଚାରିଛକ ପରିଦର୍ଶନରେ ଯାଇଥିବାବେଳେ ଭାଜପା ନେତୃମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ନେତ୍ରୀ ପ୍ରଭାତୀ ପରିଡ଼ା, ପ୍ରଶାନ୍ତ ସ୍ୱାଇଁ, ରାଜକିଶୋର ନାୟକ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ସହଦେବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବପିଢ଼ିଙ୍କୁ ଅଭିନେତା କରିବା କର୍ମଶାଳାର ଲକ୍ଷ୍ୟ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ସାକ୍ଷୀଗୋପାଳ,୨୭।୩(ଡି.ଏନ୍.ଏ.)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଚାଲିଥିବା ନାଟ୍ୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। କଲେଜ କଳାସଂସଦ ପକ୍ଷରୁ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ.ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। କ୍ୟାଚ୍ ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ରହିଥିବା କଳା, ଅଭିନୟ ଓ ସାଂସ୍କୃତିକ ଚେତନାର ବିକାଶ କରିବା ସହିତ ସେମାନଙ୍କୁ ଅଭିନେତା ଭାବେ ଗଢ଼ିବାକୁ କର୍ମଶାଳାର ଲକ୍ଷ୍ୟ ରହିଛି ବୋଲି କହିଥିଲେ। ସମ୍ପାଦକ ଚିତ୍ତରଞ୍ଜନଙ୍କ ନିର୍ଦ୍ଦେଶନାରେ ଏକ ମୂକ ନାଟକ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। କାର୍ଯ୍ୟାଳୟର ମୁଖ୍ୟ କିରାଣି ରାଜକିଶୋର ପତି, ସଂସ୍କୃତ ଅଧ୍ୟାପିକା କଳ୍ପନା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ ଅଧ୍ୟାପକ ମନୋଜ ପରିଡ଼ା, ନଳିନୀ ଲୋଚନ ଦାଶ, ଧନୁର୍ଦ୍ଧର ମୁଦୁଲି, ରତ୍ନାକର ସାହୁ ଓ ସ୍ୱର୍ଣ୍ଣଲତା ମାହାରୀ ପ୍ରମୁଖଙ୍କ ସହିତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ନାଟକ ବିଭାଗର ଉପସଭାପତି ତଥା ଦର୍ଶନଶାସ୍ତ୍ର ପ୍ରାଧ୍ୟାପିକା ସୁଷମା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଶ୍ୱ ବନ ଦିବସରେ ଚାରାରୋପଣ

ପିପିଲି,୨୭।୩(ଡି.ଏନ୍.ଏ.)

ବିଶ୍ୱ ବନ ଦିବସ ଅବସରରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପମାନ ନେଇଥିବା ବେଳେ ପିପିଲି ଅଞ୍ଚଳର ଦେଢ଼ ବର୍ଷର ଜଣେ ଶିଶୁପୁତ୍ର ଚାରାରୋପଣ କରୁଥିବା ଦେଖିବାକୁ ମିଳିଥିଲା। ପିପିଲି ଥାନାର କାର୍ଯ୍ୟରତ ମହିଳା ସବ୍‌ଇନ୍ସପେକ୍ଟର ସୁରମା ସାଇଁଙ୍କ ବାସଗୃହ ପାଖରେ ବନ ଦିବସ ପାଳନ ଅବସରରେ ମଣିଷ ଜୀବନରେ ଏକ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହାସହ ନିଜ ଦେଢ଼ ବର୍ଷର ଶିଶୁପୁତ୍ର ଆଲେନଙ୍କ ହାତରେ ଚାରାରୋପଣ କାର୍ଯ୍ୟ କରିଥିଲେ। ଶିଶୁଟି କିଛି ବୁଝି ପାରୁ ନ ଥିଲେ ମଧ୍ୟ ମା’ଙ୍କ କହିବା ଅନୁସାରେ ଗଛ ମୂଳରେ ମାଟି ଦେବାଠାରୁ ଆରମ୍ଭ କରିଥିଲେ।

## କୋଲକାତାରୁ ମହିଳାଙ୍କୁ ଉଦ୍ଧାର କଲା ବେଗୁନିଆ ପୋଲିସ

ବେଗୁନିଆ,୨୭।୩(ଡି.ଏନ୍.ଏ.)

**ଲିଫ୍ଟ ମାଗି ନିଖୋଜ ଘଟଣା**

- ୨୦ ତାରିଖରେ ହୋଇଥିଲେ ନିଖୋଜ
- ଜଣେ ଯୁବକ ଅଟକ

କାରକୁଲିଫ୍ଟମାଗିନିଖୋଜ ହୋଇଯାଇଥିବା ମହିଳାଙ୍କୁ ଶନିବାର କୋଲକାତାରୁ ବେଗୁନିଆ ପୋଲିସ ଉଦ୍ଧାର କରିଛି। ଏଥିସହ ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ମହିଳା ଜଣକ ଶାଶୁଘରକୁ ନ ଫେରିବା ପାଇଁ ଜିଦ୍ ଧରିଥିବାବେଳେ ଅନ୍ୟତ୍ର ଯିବା ପାଇଁ ମଧ୍ୟ ଅମଙ୍ଗ ହେଉଛନ୍ତି। ତେବେ ମହିଳାଙ୍କୁ ଖୋର୍ଦ୍ଧା ଶର୍ଟ ଷ୍ଟେ ହୋମରେ ରଖିବା ପାଇଁ ସ୍ଥିର ହୋଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କ ଡାକ୍ତରୀମାଇନା କରାଯିବ କି ନାହିଁ ଏବଂ ଅଟକ ଯୁବକଙ୍କ ଉପରେ ପୋଲିସ କ’ଣ ପଦକ୍ଷେପ ନେବ ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନାଥାଉ କି, ବେଗୁନିଆ ବ୍ଲକ ବାଘମାରି ଗ୍ରାମର ପ୍ରକାଶ ସେଠୀ ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରେ ପରିବାର ସହ ରହୁଥିଲେ। ସ୍ତ୍ରୀ ଶୁଭଲକ୍ଷ୍ମୀ ବାପଘର ବେଗୁନିଆକୁ ଗତ ୧୯ତାରିଖରେ ଆସିଥିଲେ। ସେ ପୁଣି ଟାଙ୍ଗୀ ଅଞ୍ଚଳକୁ ଫେରିବା ପାଇଁ ୨୦ତାରିଖ ସକାଳ ୮ଟାରେ ବେଗୁନିଆ ଥାନା ଛକକୁ ଆସିଥିବା ବେଳେ ବସ୍ ଫେଲ ହୋଇଯାଇଥିଲେ। ସେ ଏକ କାରକୁ ଲିଫ୍ଟ ମାଗି ବସକୁ ଧରିବା ପାଇଁ କହିଥିଲେ। ତେବେ ଶୁଭଲକ୍ଷ୍ମୀ ଘରେ ନ ପହଞ୍ଚିବାରୁ ସମ୍ପର୍କୀୟଙ୍କ ଘର ଖୋଜାଖୋଜି କରି ନିରାଶ ହେବା ପରେ ପ୍ରକାଶ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି, ପ୍ରକାଶଙ୍କ ଅଭିଯୋଗ ପରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଶେଷରେ ଶୁଭଲକ୍ଷ୍ମୀ ମା’ଙ୍କ ପାଖରେ ଥିବା ଏକ ଡାଏରୀ ଏବଂ ପଡୋଶୀଙ୍କ ସହଯୋଗରୁ ତାଙ୍କର ସନ୍ଧାନ ମିଳିପାରିଥିଲା। ଶୁଭଲକ୍ଷ୍ମୀଙ୍କ ବୟାନ ରେକର୍ଡ କରାଯିବା ପରେ ପ୍ରକୃତ ସତ୍ୟତା ଜଣାପଡିବ ବୋଲି କହିଛନ୍ତି।



ମହାତ୍ମା ଗାନ୍ଧୀଙ୍କ ଶ୍ରୀମନ୍ଦିର ଦର୍ଶନ ପୂର୍ତ୍ତି ଓ କରୋନା ମହାମାରୀରୁ ରକ୍ଷା କରିବା ପାଇଁ ପୁରୀ ଫଟୋଗ୍ରାଫର ସଂଘ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ପ୍ରାର୍ଥନା କରାଯାଉଛି।

## ବନାଖଣ୍ଡି ସେବା ସମବାୟ ସମିତିରେ ଦୁର୍ନୀତି

କୋଣାର୍କ,୨୭।୩(ଡି.ଏନ୍.ଏ.)

**ସମ୍ପାଦକଙ୍କ ନାଁରେ ମାମଲା**

କୋଣାର୍କ ଥାନା ଅନ୍ତର୍ଗତ ବନାଖଣ୍ଡି ସେବା ସମବାୟ ସମିତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଧାନ କିଣାରେ ସମ୍ପାଦକଙ୍କ ମନମାନୀ, ମନଇଚ୍ଛା ଧାନ କାଟ ବିରୋଧରେ ବାରମ୍ବାର ଅଭିଯୋଗ ପରେ ଶେଷରେ କୋର୍ଟ ନିର୍ଦ୍ଦେଶକ୍ରମେ କୋଣାର୍କ ପୋଲିସ ସମିତିର ସମ୍ପାଦକଙ୍କ ନାମରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବନାଖଣ୍ଡି ସେବା ସମବାୟ ସମିତିରେ ଦୁର୍ନୀତି ହେଉଥିବା ଜଣାପଡ଼ିଥିଲା। ଏପିରିକି ମଣ୍ଡିରେ ଧାନ କିଣାକୁ ନେଇ ସମ୍ପାଦକ ହେରଫେର କରୁଥିବା ମଧ୍ୟ କେତେଜଣ ଚାଷୀ ଜାଣିପାର ଅଭିଯୋଗ କରିଥିଲେ। ସ୍ୱଇଚ୍ଛାରେ ଧାନ କ୍ୱିଣ୍ଟାଲ ପିଛା ୪ରୁ ୮କିଲୋ କାଟ, ଅଖା ପାଇଁ ୨୦୦ରୁ ହଜାରେ ଟଙ୍କା ଲାଞ୍ଚ ଆଦାୟ, ଲାଞ୍ଚ ନ ଦେଲେ ଟୋକନ ଥାଇ ବି ଧାନ ନ ନେବା, କାଟ ଧାନ ଉପରେ କାଟ କାଟିବା ଆଦି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ପ୍ରକାର ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏ ନେଇ ଅନସରା ଗ୍ରାମର ଜଣେ ଚାଷୀ ପ୍ରକାଶ ଚନ୍ଦ୍ର ଗୋଚ୍ଛାୟତ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଅଭିଯୋଗ କରିବା ପରେ ଜିଲା କାର୍ଯ୍ୟାଳୟ ତରଫରୁ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଏ ସମ୍ପର୍କରେ ପଦକ୍ଷେପ ନେବା ବଦଳରେ ସମ୍ପାଦକଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଥିବା ଚାଷୀମାନେ ଜାଣି କୋଣାର୍କ ଥାନାରେ ଏତଲା ଦେଇଥିଲେ। ପରେ କୋଣାର୍କ କୋର୍ଟରେ ମଧ୍ୟ ଅଭିଯୋଗ ଦାୟର କରିଥିଲେ। କୋଣାର୍କ ଜେଏମଏଫସିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସମ୍ପୃକ୍ତ ସମ୍ପାଦକଙ୍କ ବିରୋରେ କେଶ ନଂ.୪୫ /୨୧ ଓ ନଂ. ୪୬ /୨୧ ରୁଜୁ କରିଛନ୍ତି । ଏହି ଘଟଣାର ତଦନ୍ତ ଚାଲିଥିବାବେଳେ ଅନ୍ୟ ମାମଲାଗୁଡିକ ମଧ୍ୟ ଖୁବଶୀଘ୍ର ରୁଜୁ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି ।